# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଅକ୍ଟୋବର ୧୨/୨୦୨୦ (୧୬ ପୃଷ୍ଠା) | Dhenkanal, Monday, October 12/2020 | ★★★★★

୧୬ଶ ଭାଗ ୧୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP Quality Since 1965
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ଅକ୍ଟୋବର ୧୨/୨୦୨୦ | Dhenkanal, Monday, October 12/2020 | ପୃଷ୍ଠା-୧



**ସୁଶ୍ରୀ ଖେଳିବେ ମହିଳା ଟି୨୦ ଚ୍ୟାଲେଞ୍ଜ**
ମହିଳା ଆଇପିଏଲ ଭାବେ ପରିଚିତ ଟି୨୦ ଚ୍ୟାଲେଞ୍ଜ ଖେଳିବା ପାଇଁ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଭେଲୋସିଟି ଦଳରେ ସ୍ଥାନ ପାଇଛନ୍ତି।

୧୧ ୧୨

**ନିଜକୁ ସମୟ ଦେବା ଉଚିତ**
ରଶ୍ମୀ ଦେଶାଇ ସୂର୍ଯ୍ୟମୁଖୀ ଫୁଲରେ ପ୍ରସ୍ତୁତ ଏକ ଡ୍ରେସ୍ ପିନ୍ଧିଛନ୍ତି। ଏହି ଫଟୋ ଏବେ ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି।



**ଆଜିର ସମ୍ପାଦକୀୟ**
ଟିଆର୍‌ପି ବାଉଳା

**ଆଜିର ମନ୍ତବ୍ୟ**
“ଆଡ଼ମ୍ବରରେ ଉତ୍ସବ ପାଳନ ପାଇଁ କୌଣସି ଧର୍ମ ବା ଭଗବାନ କୁହନ୍ତି ନାହିଁ। କୋଭିଡ୍ ନିୟମ ମାନି ପାର୍ବଣକୁ ଉପଭୋଗ କରନ୍ତୁ। –ଡ. ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

# ଜଳ ଜଗୁଆଳି ନାହିଁ

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ)**



ଜଳ ଏକ ଅମୂଲ୍ୟ ସମ୍ପଦ। ଜଳବାୟୁ ପରିବର୍ତ୍ତନ ଓ ଅନ୍ୟାନ୍ୟ କାରଣରୁ ରାଜ୍ୟର ଅଧିକାଂଶ ନଦୀରେ ଜଳ ପ୍ରବାହ ହ୍ରାସ ପାଇବାରେ ଲାଗିଛି । ଏପରି କି ଅନେକ ନଦୀ ବର୍ଷାଦିନେ ମଧ୍ୟ ଶୁଖିଲା ପଡୁଛି। ୨୦୫୦ ବେଳକୁ ରାଜ୍ୟରେ ଉତ୍କଟ ପାନୀୟ ଜଳ ସଙ୍କଟ ସୃଷ୍ଟି ହେବା ନେଇ ପରିବେଶବିତ୍ ଚେତାବନୀ ଦେଲେଣି। ଏଭଳି ସ୍ଥିତିରେ ଗତ କିଛିବର୍ଷ ହେବ ରାଜ୍ୟର ବିଭିନ୍ନ ନଦୀ ଓ କେନାଲ ଜଳକୁ ଶିଳ୍ପ ସଂସ୍ଥାଗୁଡ଼ିକୁ ଅତି ସ୍ୱଳ୍ପ ମୂଲ୍ୟରେ ଟେକି ଦିଆଯାଉଛି। ରାଜ୍ୟର ଗଚ୍ଛିତ ଜଳକୁ ଶିଳ୍ପ ସଂସ୍ଥାଗୁଡ଼ିକ ଯେପରି ଶୋଷି ଚାଲିଛନ୍ତି ଅଳ୍ପ କିଛିବର୍ଷ ପରେ ପାଣି ମୁନ୍ଦାଏ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି।

ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୧୦ଟି ପ୍ରମୁଖ ନଦୀରୁ ୨୪୫ ଶିଳ୍ପ ସଂସ୍ଥା ଦୈନିକ ୧୯୯୭.୪୪୮ କ୍ୟୁସେକ(୫୫,୯୨୮.୫୪୪ ଲିଟର) ପାଣି ନେଉଛନ୍ତି । ସେହିପରି ୭୯୪ ଶିଳ୍ପାନୁଷ୍ଠାନ ଭୂଗର୍ଭରୁ ୩୮.୦୨୬ କ୍ୟୁସେକ(୧୦୬୪.୫୬ ଲିଟର) ପାଣି ଶୋଷୁଛନ୍ତି । ଶିଳ୍ପ ସଂସ୍ଥାଗୁଡିକୁ ଯୋଗାଇ ଦିଆଯାଉଥିବା ଜଳ ଫ୍ଲୋମିମିଟର ଜରିଆରେ ମପାଯାଇ ମୂଲ୍ୟ ଧାର୍ଯ୍ୟ କରାଯାଇଥାଏ। ଏଠାରେ ଉଲ୍ଲେଖ ଯୋଗ୍ୟ ଏହି ହିସାବ ସରକାରୀ ସ୍ତରରେ ରଖାଯାଇଥିବା ବେଳେ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ (ସବୁ ନ ହେଲ ମଧ୍ୟ ଅଧିକାଂଶ ଶିଳ୍ପ ସଂସ୍ଥା ସରକାରୀ ଅନୁମୋଦନ ଠାରୁ ଯଥେଷ୍ଟ ଅଧିକ ଜଳ ଶୋଷଣ କରୁଛନ୍ତି)। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଜଳସେଚନ ବିଭାଗ କ୍ଷୁଦ୍ର ଓ ବୃହତ୍ ଶିଳ୍ପଗୁଡ଼ିକରୁ ୫ କ୍ୟୁସେକ ଜଳ ନେଉଥିବା ଶିଳ୍ପ ନିମନ୍ତେ ପ୍ରତି ୧ ହଜାର ଲିଟର ପାଣିକୁ ୯ଟଙ୍କା ୫୨ ପଇସା ଧାର୍ଯ୍ୟ କରାଯାଇଥିବା ବେଳେ ୫ କ୍ୟୁସେକରୁ ଅଧିକ ଜଳ ନେଉଥିବା ଶିଳ୍ପ ପାଇଁ ପ୍ରତି ୧ ହଜାର ଲିଟରକୁ ୧୨ ଟଙ୍କା ୬୦ ପଇସା ଧାର୍ଯ୍ୟ କରାଯାଇଛି।

୨୦୧୮-୧୯ ଆର୍ଥିକ ବର୍ଷରେ ଶିଳ୍ପ ସଂସ୍ଥାଗୁଡ଼ିକ ୯୮୭.୫୪ ନିୟୁତ କ୍ୟୁବିକ ମିଟର ଅର୍ଥାତ୍ ୯୮୭.୫୪ ବିଲିୟନ ଲିଟର ଜଳ ନଦୀ ଓ ଭୂଗର୍ଭରୁ ନେଇଛନ୍ତି । ଏବେ ରାଜ୍ୟର ଶିଳ୍ପସଂସ୍ଥାଗୁଡ଼ିକ ୧୧୦୫.୮୬ ନିୟୁତ କ୍ୟୁସେକ ଅର୍ଥାତ୍ ୩୧.୩୧ବିଲିୟନ ଲିଟର ଜଳ ବ୍ୟବହାର କରୁଛନ୍ତି । ତେବେ ଅତି କମ୍ ମୂଲ୍ୟରେ ଜଳ ଶୋଷୁଥିବା ଶିଳ୍ପାନୁଷ୍ଠାନଗୁଡ଼ିକ ମଧ୍ୟ ଜଳକର ନିୟମିତ ପଇଠ କରୁନାହାନ୍ତି। ଏପରି କି ଟିକସ ଫାଙ୍କିବା ପାଇଁ ଅନେକ ବଡ଼ ବଡ଼ ଶିଳ୍ପ ସଂସ୍ଥା କୋର୍ଟ କଚେରି ଦ୍ୱାରସ୍ଥ ହେଉଛନ୍ତି । ଏଥିଯୋଗୁ ଦୀର୍ଘବର୍ଷ ହେବ ୧୫ଟି ଶିଳ୍ପ ସଂସ୍ଥା ୨୬୬୫.୮୮କୋଟି ଟଙ୍କା ଫାଙ୍କି ଚାଲିଛନ୍ତି। ଫଳରେ ଗତ ଦଶନ୍ଧି ହେବ ☞ପୃଷ୍ଠା-୨

## ଜୀବନ ଯୁଦ୍ଧରେ ହାରିଗଲେ ସୁକାନ୍ତି

**ଅସୁସ୍ଥ ସ୍ତ୍ରୀଙ୍କୁ ଟ୍ରଲିରେ ୯୦ କି.ମି. ବୋହିବା ଘଟଣା**

**କଟକ ଅଫିସ/ପୁରୀ ଅଫିସ/ସାକ୍ଷୀଗୋପାଳ (ଡି.ଏନ୍.ଏ.), ୧୧।୧୦**

ଶେଷରେ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ସୁକାନ୍ତି ଭୋଇ। କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମଧ୍ୟାହ୍ନରେ ସେ ସବୁଦିନ ପାଇଁ ଆଖିବୁଜି ଦେଇଛନ୍ତି। ଅନ୍ୟପକ୍ଷରେ ରୋଗଣା ସ୍ତ୍ରୀଙ୍କ ଜୀବନ ବଞ୍ଚାଇବାକୁ ପରିଣତ ବୟସରେ କବୀର ଭୋଇଙ୍କ ଅଦମ୍ୟ ଇଚ୍ଛା ଅଧୁରା ରହିଯାଇଛି। ଦୁଇଦିନ ତଳେ ଅସୁସ୍ଥ ସ୍ତ୍ରୀଙ୍କୁ ଟ୍ରଲିରେ ବୋହି କବୀର ପୁରୀ ଜିଲା ସତ୍ୟବାଦୀ ବ୍ଲକ ଦାଶବିଦ୍ୟାଧରପୁର ଗ୍ରାମରୁ ୯୦ କିଲୋମିଟର ଦୂର କଟକ ଯାଇଥିଲେ। କିନ୍ତୁ ଶେଷରେ ନିରାଶ ହୋଇ ସ୍ତ୍ରୀଙ୍କ ମୃତଦେହ ଧରି ମହାପ୍ରୟାଣ ଗାଡ଼ିରେ ଗାଁକୁ ଫେରିବାକୁ ପଡ଼ିଲା ବୋଲି କୋହଭରା କଣ୍ଠରେ କହିଛନ୍ତି କବୀର। କଟକରୁ ମହାପ୍ରୟାଣ ଗାଡ଼ିରେ ସୁକାନ୍ତିଙ୍କ ମୃତଦେହ ଦାଶବିଦ୍ୟାଧରପୁର ଦଳିତସାହିରେ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରେ ସାହିଭାଇମାନେ ସୁକାନ୍ତିଙ୍କ ମୃତଦେହକୁ ଗ୍ରାମ ଶ୍ମଶାନକୁ ☞ପୃଷ୍ଠା-୨

## ଅବପାତ ରୂପ ନେଲା ଲଘୁଚାପ

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ)**

- ୧୪ଜିଲାରେ ପ୍ରବଳ ବର୍ଷା ସମ୍ଭାବନା
- ଜିଲାପାଳଙ୍କୁ ସତର୍କ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ
- ଗୋପାଳପୁର ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ରବିବାର ଅବପାତ(ଡିପ୍ରେଶନ)ରେ ପରିଣତ ହୋଇଛି। ଏହା ବିଶାଖାପାଟଣା ଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗର ୪୦୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଡିପ୍ ଡିପ୍ରେଶନରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରୁଛି। ସୋମବାର ରାତି ସୁଦ୍ଧା ଏହା ଆନ୍ଧ୍ର ଉପକୂଳ ନର୍ସାପୁର ଏବଂ ବିଶାଖାପାଟଣା ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ସ୍ଥଳଭାଗ ଅତିକ୍ରମ କରିବା ବେଳେ ଏହାର ବେଗ ଘଣ୍ଟା ପ୍ରତି ୬୦ରୁ ୭୦ କି.ମି. ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଓଡ଼ିଶା ଉପରେ ଏହାର ସେତେଟା ପ୍ରଭାବ ପଡ଼ିବ ନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, ରାୟଗଡ଼ା, କୋରାପୁଟ, ଗଜପତି ଏବଂ ଗଞ୍ଜାମ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ନବରଙ୍ଗପୁର, କନ୍ଧମାଳ, ପୁରୀ, ନୟାଗଡ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ କଟକ ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୩ ତାରିଖରେ ନବରଙ୍ଗପୁର, ନୂଆପଡା, ମାଲକାନଗିରି, ☞ପୃଷ୍ଠା-୨

## ଜିଏସ୍‌ଟି କ୍ଷତିପୂରଣ ଆଲୋଚନା ଆଜି

**ନୂଆଦିଲ୍ଲୀ,୧୧।୧୦**

ଜିଏସ୍‌ଟି ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହେବ। ଜିଏସ୍‌ଟି କ୍ଷତିପୂରଣ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ବର୍ତ୍ତମାନ ସହମତି ପ୍ରକାଶ ପାଇପାରିନାହିଁ। ତୃତୀୟ ଥର ଲାଗି ସୋମବାର ଏହି ପ୍ରସଙ୍ଗ ଆଲୋଚନା ହେବ ବୋଲି ଜଣାପଡ଼ିଛି। ସେହିଭଳି ଏହି ☞ପୃଷ୍ଠା-୨

## ପୁରୀ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ମାନ୍ୟତା



ପୁରୀ ସ୍ୱର୍ଣ୍ଣିମ ବେଳାଭୂମି ।

**ନୂଆଦିଲ୍ଲୀ/ପୁରୀ ଅଫିସ,୧୧।୧୦**

- ବିଶ୍ୱର ୫୦ ରାଷ୍ଟ୍ର ମଧ୍ୟରେ ସ୍ଥାନ ପାଇଲା ଭାରତ
- ଦେଶର ମୋଟ ୮ଟି ବେଳାଭୂମିକୁ ମିଳିଛି ଏହି ଟ୍ୟାଗ୍
- ଉପକୂଳ ଅଞ୍ଚଳ ପ୍ରଦୂଷଣ ନିୟନ୍ତ୍ରଣରେ ଭାରତ ତୃତୀୟ

ବିଶ୍ୱ ମାନଚିତ୍ରରେ ପୁରୀର ଗୋଲ୍ଡେନ ବିଚ୍ ସ୍ଥାନ ପାଇଛି। ଏହି ସ୍ୱର୍ଣ୍ଣିମ ବେଳାଭୂମିକୁ ମିଳିଛି ମର୍ଯ୍ୟାଦାଜନକ ବ୍ଲୁ ଫ୍ଲାଗ୍ ମାନ୍ୟତା। ଏହି ଟ୍ୟାଗ୍ ପାଇବା ଲାଗି ପୁରୀ ବେଳାଭୂମି ୩୩ଟି ସର୍ତ୍ତ ପୂରଣ କରିଛି। ଅନ୍ତର୍ଜାତୀୟ ଜୁରି ସଂସ୍ଥା ଡେନମାର୍କର ଫାଉଣ୍ଡେଶନ ଫର୍ ଏନ୍‌ଭାଇରନମେଣ୍ଟାଲ ଏଜୁକେଶନ (ଏଫ୍‌ଇଇ) ପକ୍ଷରୁ ଉକ୍ତ ପ୍ରମାଣନ ମିଳିଥିବା ରବିବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ମାନ୍ୟତା ପାଇବା ପାଇଁ ଦେଢ଼ବର୍ଷ ଧରି ଗାନ୍ଧୀଘାଟଠାରୁ ହୋଟେଲ ମେ'ଫେୟାର ପର୍ଯ୍ୟନ୍ତ ୮୬୦ ମିଟର ପରିବ୍ୟାପ୍ତ ବେଳାଭୂମି ଅଞ୍ଚଳକୁ ସ୍ୱତନ୍ତ୍ର ଭାବେ ସୌନ୍ଦର୍ଯ୍ୟକରଣ ସହ ବିକଶିତ କରାଯାଇଥିଲା।

ଭାରତ ଶେଷରେ ବ୍ଲୁ ଫ୍ଲାଗ୍ ବିଚ୍ ☞ପୃଷ୍ଠା-୨






## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୭୫,୮୮,୭୩୨ | ୧୦,୭୮,୯୮୪ | ୨,୮୧,୮୮,୧୯୯ |
| ଭାରତ | ୭୦,୭୩,୯୫୫ | ୧,୦୮,୪୧୨ | ୬୦,୮୭,୫୮୮ |
| ଓଡ଼ିଶା | ୨,୫୨,୨୩୯ | ୧୦୨୨(+୫୩) | ୨,୨୭,୬୧୫ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ପ୍ରତ୍ୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଜୀବନ ଯୁଦ୍ଧରେ ..

ନେଇ ଅନ୍ତିମ ସଂସ୍କାର କରିଛନ୍ତି। ଏହି ଗରିବ ପରିବାରକୁ ସରକାରୀ କିମ୍ବା ବେସରକାରୀ ଭାବେ କୌଣସି ସହାୟତା ମିଳିନାହିଁ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଓମ୍ ପ୍ରକାଶ ମିଶ୍ର, ଅଳଗୁମ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଜୟପୁର ସରପଞ୍ଚ ବିଶ୍ୱଜିତ ମହାପାତ୍ର ଓ ଦାଶବିଦ୍ୟାଧରପୁର ସରପଞ୍ଚ ହରିହର ନନ୍ଦ ପ୍ରମୁଖ ତାଙ୍କ ଘର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ସୁକାନ୍ତିଙ୍କୁ ଚିକିତ୍ସା କରୁଥିବା ସର୍ଜରି ବିଭାଗର ଡା. ପରିକ୍ଷିତ ଦଳେଇ କହିଛନ୍ତି, ପରୀକ୍ଷାରୁ ତାଙ୍କର ଯକୃତ କର୍କଟ ହୋଇଥିବା ଜଣାପଡ଼ିଥିଲା। ତେବେ ନିଦାନ ଅନୁଯାୟୀ ଚିକିତ୍ସା ଚାଲିଥିବାବେଳେ ରବିବାର ମଧ୍ୟାହ୍ନ ୧୨.୨୦ରେ ସୁକାନ୍ତିଙ୍କ ମୃତ୍ୟୁ ଘଟିଛି। ହସ୍ପିଟାଲ ପକ୍ଷରୁ ମହାପ୍ରୟାଣ ଗାଡ଼ିରେ ତାଙ୍କ ମୃତଦେହକୁ ଘରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଏସ୍‌ସିବି ଛାଡ଼ିବା ବେଳେ କବୀର କହିଛନ୍ତି, ଶେଷ ସମୟରେ ଗାଁ ମାଟିକୁ ଫେରିବାକୁ ମୋ' ସ୍ତ୍ରୀଙ୍କ ଇଚ୍ଛା ଥିଲା। ତେଣୁ ମୁଁ ତାଙ୍କ ମରଶରୀରକୁ ନେଇ ଫେରିଯାଉଛି। ତେବେ କଟକ ଆସିବା ବେଳେ ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇପାରିଥିଲେ ହୁଏତ ମୋ' ସ୍ତ୍ରୀ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ପାଇ ବଞ୍ଚିଯାଇଥାନ୍ତେ। ଏ ସମ୍ପର୍କରେ ପୁରୀ ଏଡିଏମ୍‌ଓ (ମେଡିକାଲ) ପ୍ରଣବ ଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି, ସୁକାନ୍ତି କେବେ ଏଠାକୁ ଚିକିତ୍ସା ପାଇଁ ଆସିଥିଲେ ସେଥିଲାଗି ସୋମବାର ସବୁ ବେଡ୍ ଟିକେଟ ବାହାର କରି ଦେଖାଯିବ। କିନ୍ତୁ ନିକଟରେ ସେ ଏଠାକୁ ଚିକିତ୍ସା ପାଇଁ ଆସିଥିବା ଜଣାପଡୁନି। ଯାହା ବି ହେଉ ଯେ କୌଣସି ଲୋକ ୧୦୮କୁ ଫୋନ୍ କରିଥିଲେ ନିଶ୍ଚିତ ତାଙ୍କୁ ନେବା ପାଇଁ ଘରେ ଆମ୍ବୁଲାନ୍ସ ପହଞ୍ଚିଥାନ୍ତା। ଏହା ଜନସାଧାରଣ ବୁଝିବା ଦରକାର। ସୁକାନ୍ତି କେବେ ଏଠାକୁ ଆସିଥିଲେ ଏବଂ ତାଙ୍କୁ କି ପ୍ରକାର ଚିକିତ୍ସା ସେବା ଯୋଗାଇ ଦିଆଯାଇଛି ତାହାର ତଦନ୍ତ କରାଯିବ ବୋଲି ଏଡିଏମ୍‌ଓ କହିଛନ୍ତି।



## ଢଗଢ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଡି ବୁଡି ମଲେ ପାଣିକୁଆଳି
ଚକାଇ ଖାଇଲେ ବକ।**

ଜଣେ କଷ୍ଟ କରି କରି କିଛି ପାଏନାହିଁ, ଆଉ କିଏ ଆରାମରେ ବସି କରି ଭୋଗ କରିଚାଲେ। ଏସବୁ ଭାଗ୍ୟ ଓ ବିଡ଼ମ୍ବନାର ବିଷୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବତାଇ ଦେବା ବୁଦ୍ଧି,
ମାଗି ଆଣିବା ତିଅଣ।**

ନିଜ ବୁଦ୍ଧି ରେ ବାଟ ଚାଲିବା ଠିକ୍। ପର ବୁଦ୍ଧିରେ ପଡିଲେ ଖାଲ ରେ ପଡିଯିବାର ସଂଭାବନା ରହିଥାଏ। ଅସଲ ବେଳରେ ସେ ବୁଦ୍ଧି କାମ କରିନଥାଏ।ସେହିପରି ମାଗି ଆଣୁଥିବା ତରକାରୀ କେଉଁ ଆଡକୁ ପାଇନଥାଏ, ସେଥିରେ ଭୋକ ମେଣ୍ଟିପାରିନଥାଏ। ଏସବୁ କ୍ଷଣସ୍ଥାୟୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ପ୍ରଥମ ପୃଷ୍ଠାରୁ...

### ଜଳ ଜଗୁଆଳି ...

ସେହି ଅର୍ଥ ଅନାଦାୟ ହୋଇ ପଡିରହିଛି। ବକେୟା ଅର୍ଥ ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ବହୁ ଅର୍ଥ ଖର୍ଚ୍ଚ କରି କୋର୍ଟ କଚେରିରେ ଲଢ଼ିବାକୁ ପଡୁଛି।

ମିଳିଥିବା ସୂଚନା ଅନୁଯାୟୀ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ୧୩୨୦ ମେଗାୱାଟ ବିଜୁଳି ଉତ୍ପାଦନ ପାଇଁ ୨୪ ଘଣ୍ଟାରେ ୪ ହଜାର କ୍ୟୁବିକ ମିଟର ପାଣିର ଆବଶ୍ୟକତା ପଡୁଛି। ସେହିପରି ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରତି ୨ ମେଗାୱାଟ ସକାଶେ ୧ କ୍ୟୁସେକ ଜଳର ଆବଶ୍ୟକତା ହେଉଛି। ତେବେ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ଲଟର ପିଛା ଜଳ ପାଇଁ ମାତ୍ର ୦.୨ ପଇସାରୁ କମ୍ ଖର୍ଚ୍ଚ କରୁଛନ୍ତି, ଯାହାକି ଅତ୍ୟନ୍ତ ନଗଣ୍ୟ। ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ୧ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ପାଇଁ ୨ ଟଙ୍କା ୮୧ ପଇସାରୁ ୩ ଟଙ୍କା ୪୭ ପଇସା ଖର୍ଚ୍ଚ କରୁଥିବା ବେଳେ ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ୬୮ ପଇସାରୁ ୨ ଟଙ୍କା ମଧ୍ୟରେ ଖର୍ଚ୍ଚ କରୁଛନ୍ତି।

ଅଳ୍ପ କିଛି ନିଯୁକ୍ତି ଦେବା ଲୋଭ ଦେଖାଇ ଓଡ଼ିଶାରେ କଳକାରଖାନା ସ୍ଥାପନ କରୁଥିବା ତଥାକଥିତ ପୁଞ୍ଜିପତିମାନେ ଜଳ ଭଳି ପ୍ରାକୃତିକ ସମ୍ପଦକୁ ଲୁଟି ଚାଲିଛନ୍ତି। ଏଠାରେ ତାଳଚେର ନିକଟସ୍ଥ କଣିହାଁଠାରେ ଥିବା ଏନ୍‌ଟିପିସି ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଉଦାହରଣ ଭାବେ ନିଆଯାଇ ପାରେ। ଏହି ସଂସ୍ଥା ବ୍ରାହ୍ମଣୀ ନଦୀର ସମଲ ବ୍ୟାରେଜରୁ ୧୦୫ କ୍ୟୁସେକ ପାଣି ନେଉଛି। ଓଡ଼ିଶା ପାଣିରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିକୁ ଏନ୍‌ଟିପିସି କର୍ଣ୍ଣାଟକ ଏବଂ ଦିଲ୍ଲୀ ଭଳି ରାଜ୍ୟକୁ ଯୋଗାଉଛି। ସେହିପରି ଭୂଷଣ ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥା ଓଡ଼ିଶାର ପାଣିକୁ ବ୍ୟବହାର କରି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ତେଲଙ୍ଗାନା, ତାମିଲନାଡୁ ଭଳି ରାଜ୍ୟକୁ ବିଦ୍ୟୁତ୍ ବିକ୍ରୟ କରୁଛନ୍ତି।

ଅନ୍ୟପକ୍ଷରେ ଜଳ ଏକ ରାଜ୍ୟ ବିଷୟ । କେନ୍ଦ୍ର ସରକାର ଏବଂ ଏନ୍‌ଜିଟିଙ୍କ ହସ୍ତକ୍ଷେପ ଯୋଗୁ ଏହି ପ୍ରାକୃତିକ ସମ୍ପଦ ଉପରୁ ରାଜ୍ୟକୁ ନିଜର ଅଧିକାର ହରାଇବାକୁ ପଡୁଛି। ଓଡ଼ିଶାର ଜୀବନରେଖା ମହାନଦୀ ସ୍ରୋତକୁ ୧୬ଟି ବୃହତ୍ ବ୍ୟାରେଜ ନିର୍ମାଣ କରି ଛତିଶଗଡ଼ ରୋକିବା ଯୋଗୁ ପରିସ୍ଥିତି ଭୟଙ୍କର ହେବାରେ ଲାଗିଛି। ଏଥିଯୋଗୁ ଖରାଦିନେ ଏହି ନଦୀ ଶୁଖିଲା ପଡୁଛି। ଏହାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବିବାଦ ଚାଲିଛି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ନାଁରେ ଏହାକୁ ବର୍ଷ ବର୍ଷ ଧରି ଗଡ଼ାଇ ନେବାକୁ ଉଦ୍ୟମ ହେଉଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ ବହୁ ଜଳ ବିବାଦ ମାମଲା ଦୀର୍ଘବର୍ଷ ହେବ ଗଡ଼ିଚାଲିଛି। ଆଗାମୀ ଦିନର ଜଳାଭାବକୁ ଦେଖି ସିଙ୍ଗାପୁର, ୟୁନାଇଟେଡ ଆରବ ଏମିରେଟ୍ସ, ସୌଦି ଆରବ ଏବଂ ଇସ୍ରାଏଲ ଭଳି ଦେଶ ନିଜର ଜଳ ସମ୍ପଦକୁ ସାଇତି ରଖୁଛନ୍ତି। ସମୁଦ୍ରର ଲୁଣି ଓ କ୍ଷାର ପାଣିକୁ ବିଶୋଧନ କରି ସେଠାକାର ଶିଳ୍ପ ସଂସ୍ଥାଗୁଡ଼ିକ ବ୍ୟବହାର କରୁଥିବା ବେଳେ ଓଡ଼ିଶାରେ ଗଚ୍ଛିତ ମଧୁର ଜଳକୁ ଅତି ସ୍ୱଳ୍ପ ମୂଲ୍ୟରେ ଶିଳ୍ପସଂସ୍ଥାଗୁଡ଼ିକୁ ଟେକି ଦିଆଯାଉଛି। ଏଭଳି ସ୍ଥିତିରେ ମନେ ହେଉଛି ଓଡ଼ିଶାରେ ଯେପରି ଭବିଷ୍ୟତର ଚାହିଦାକୁ ଦେଖି ଆଜି ଜଳ ଜଗିବାକୁ କେହି ନାହିଁ।

ମଣିଷ ଓ ପ୍ରାଣୀ ଜୀବନ ବଞ୍ଚାଇବା ପାଇଁ ମଧୁର ଜଳର ଆବଶ୍ୟକତା ରହିଛି। ଓଡ଼ିଶାର ଭୂତଳ ଜଳସ୍ତର ପ୍ରାୟ ସବୁ ଜିଲାରେ ତଳକୁ ଖସୁଛି। ଫଳରେ ଉତ୍କଟ ଜଳାଭାବ ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଥିବା ଦେଖାଯାଉଛି। ଜୀବନ ବଞ୍ଚାଇବା ପାଇଁ ସଞ୍ଚିତ ଥିବା ଅଳ୍ପ କିଛି ଜଳକୁ ସଂରକ୍ଷଣ କରା ନ ଗଲେ ଆଗାମୀ ଦିନରେ ରାଜ୍ୟକୁ ଉତ୍କଟ ଜଳାଭାବ ସମସ୍ୟା ଭୋଗିବାକୁ ପଡ଼ିବ। ଜଳ ଏକ ସରନ୍ତି ପ୍ରାକୃତିକ ସମ୍ପଦ। ଏହାକୁ ସୃଷ୍ଟି କରାଯାଇ ପାରିବ ନାହିଁ। କେବଳ ସଂରକ୍ଷଣ କରାଯାଇପାରିବ। ବର୍ଷା ଜଳକୁ ସଂରକ୍ଷଣ କରାଗଲେ ଭୂତଳ ଜଳସ୍ତର ବୃଦ୍ଧି ପାଇ ପାରନ୍ତା। ବ୍ୟବହୃତ ଜଳକୁ ଶିଳ୍ପ ସଂସ୍ଥାଗୁଡ଼ିକ ବିଶୋଧନ କରି ପୁଣି ବ୍ୟବହାର ଉପଯୋଗୀ କରିପାରନ୍ତେ । ଦେଖାଯାଉଛି ଓଡ଼ିଶାରେ କୌଣସି ଗୋଟିଏ ଶିଳ୍ପ ସଂସ୍ଥା ଏହା ଉପରେ ଧ୍ୟାନ ଦେଉନାହାନ୍ତି। ଶିଳ୍ପ ସଂସ୍ଥାଗୁଡ଼ିକ ବର୍ଷା ଜଳକୁ ସଂରକ୍ଷିତ ରଖି ତାହାର ସଦୁପଯୋଗ କରୁନାହାନ୍ତି କିମ୍ବା ଯେଉଁ ଜଳ ମିଳୁଛି ତାହାର ଠିକ୍ ଭାବେ ବିନିଯୋଗ କରୁନାହାନ୍ତି। କୌଣସି ଶିଳ୍ପ ସଂସ୍ଥାକୁ ଭୂଗର୍ଭରୁ ଜଳ ନେବା ଲାଗି ଅନୁମତି ଦିଆ ନ ଯାଇ ଭୂପୃଷ୍ଠ ଜଳକୁ କିପରି ବୃଦ୍ଧି କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ନିଆଗଲେ ଆଗାମୀ ଦିନରେ ଜଳ ସମସ୍ୟା ଦୂର ହୋଇପାରିବ।

### ପୁରୀ ବେଳାଭୂମିକୁ ...

ରାଷ୍ଟ୍ର ତାଲିକାରେ ସ୍ଥାନ ପାଇଛି। ୫୦ ରାଷ୍ଟ୍ର ସ୍ଥାନ ପାଇଥିବା ଉକ୍ତ ତାଲିକାରେ ପୁରୀ ବେଳାଭୂମି ସମେତ ଦେଶର ମୋଟ ୮ଟି ବିଚ୍‌କୁ ସାମିଲ କରାଯାଇଛି। ଏହି ମର୍ଯ୍ୟାଦାଜନକ ଟ୍ୟାଗ୍ ହାସଲ କରିଥିବା ଅନ୍ୟ ବେଳାଭୂମିଗୁଡ଼ିକ ହେଲା ଶିବରାଜପୁର(ଗୁଜରାଟ), ଘୋଘଲା(ଡିଉ), କସରକୋଡ୍(କର୍ଣ୍ଣାଟକ), ପଡୁବିଦ୍ରି(କର୍ଣ୍ଣାଟକ), କପ୍ପଡ(କେରଳ), ରଷିକୋଣ୍ଡା(ଆନ୍ଧ୍ରପ୍ରଦେଶ) ଓ ରାଧାନଗର(ଆଣ୍ଡାମାନ)। ବ୍ଲୁ ଫ୍ଲାଗ୍ ଟ୍ୟାଗ୍ ସାର୍ଟିଫିକେଶନ ହେଉଛି ଏକ ଉଚ୍ଚ ସ୍ୱୀକୃତିପ୍ରାପ୍ତ ଇକୋ-ଲେବଲ୍। ଏହି ଟ୍ୟାଗ୍ ପାଇବାକୁ ହେଲେ ଡେନ୍‌ମାର୍କସ୍ଥିତ ଏଫ୍‌ଇଇ ପକ୍ଷରୁ ନିର୍ଦ୍ଧାରିତ ୩୩ଟି ମାପଦଣ୍ଡ ପୂରଣ କରିବାକୁ ପଡ଼ିଥାଏ। ପୁରୀ ଏହି ସବୁ ସର୍ତ୍ତ ପୂରଣ କରିଥିବାରୁ ଏବେ ଏହି ଅନ୍ତର୍ଜାତୀୟ ସଫଳତା ମିଳିଛି। ଏଫ୍‌ଇଇ ପକ୍ଷରୁ ମିଳିଥିବା ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଖୁସିବ୍ୟକ୍ତ କରିଛନ୍ତି। ବିଶ୍ୱସ୍ତରୀୟ ପର୍ଯ୍ୟଟନ ସୁବିଧା ପାଇଁ ଅନ୍ତର୍ଜାତୀୟ ସଂସ୍ଥା ଏଫ୍‌ଇଇ ପୁରୀ ବେଳାଭୂମିକୁ ସ୍ୱୀକୃତି ପ୍ରଦାନ କରିଛି। ଏହି ମାନ୍ୟତା ଐତିହ୍ୟ ସହର ପୁରୀକୁ ଆହୁରି ସରସ ସୁନ୍ଦର କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ବିଶ୍ୱ ଐତିହ୍ୟ ସହର ହେବ ପୁରୀ। ଏଥିପାଇଁ ଅନେକ ପ୍ରକଳ୍ପ କାମ ଚାଲିଛି। ଆଗକୁ ଅନେକ ଯୋଜନା ବି ରହିଛି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଅତ୍ୟାଧୁନିକ ସେବା ସୁବିଧା ଯୋଗାଇଦେବାରେ ବ୍ଲୁ ଫ୍ଲାଗ୍ ବିଚ୍ ବେଶ୍ ସହାୟକ ହେବ। ପର୍ଯ୍ୟଟକଙ୍କ ଲାଗି ଏଠାରେ ସମସ୍ତ ସୁବିଧା କରାଯାଇଛି। ପୁରୀ ବେଳାଭୂମିରେ ସ୍ୱଚ୍ଛତା, ସବୁଜିମା, ବସିବା ପାଇଁ ଛତ୍ରୀ, ବାଥିଂଜୋନ୍, ଚେଞ୍ଜିଂରୁମ୍, ଅତ୍ୟାଧୁନିକ ଶୌଚାଳୟ ସୁବିଧା, ପାନୀୟଜଳ, ପାର୍କିଂ ଫାଷ୍ଟଏଡ୍, ବ୍ୟାୟାମ ଉପକରଣ, ପିଲାଙ୍କ ପାଇଁ କ୍ରୀଡ଼ା ଉପକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସ୍ନାନ ନିମନ୍ତେ ପାଣିର ଗୁଣବତ୍ତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିପରି ପରିବେଶଭିତ୍ତିକ ନିର୍ମାଣକୁ ପ୍ରାଥମିକତା ଦିଆଯାଇ ବାଉଁଶର ବ୍ୟାପକ ବ୍ୟବହାର, ବିଶୁଦ୍ଧ ପାନୀୟଜଳ, ୱାଚ୍ ଟାୱାର ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ସିସିଟିଭି, ଲାଇଫ୍‌ଗାର୍ଡ ଓ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ପର୍ଯ୍ୟଟକଙ୍କୁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଦେବା ଲାଗି ପ୍ରାୟ ସାଢେ ୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପୁରୀ ବେଳାଭୂମିକୁ ଏହି ମାନ୍ୟତା ମିଳିବା ପରେ ଆଗାମୀ ଦିନରେ ପୁରୀକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ପର୍ଯ୍ୟଟକମାନେ ଏଠାରେ ଥିବା ଅତ୍ୟାଧୁନିକ ସେବା ସୁବିଧା ପାଇପାରିବେ। ଏହା କେବଳ ପୁରୀ ନୁହେଁ ସମଗ୍ର ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ଆଗାମୀ ଦିନରେ ଏହି ମାନ୍ୟତା ବଜାୟ ରଖିବା ଲାଗି ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ଭାରତର ବ୍ଲୁ ଫ୍ଲାଗ୍ ବିଚ୍‌ଗୁଡ଼ିକର ମିଶନ ଲିଡର ସଞ୍ଜୟ ଜଲ୍ଲା କହିଛନ୍ତି, ଦେଶର ୮ଟି ବେଳାଭୂମିକୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ଉଲ୍ଲେଖନୀୟ। ଏହା ହେଉଛି ପ୍ରଥମ ଉଦ୍ୟମରେ ୧୦୦ ପ୍ରତିଶତ ସଫଳତା। କାରଣ ପୂର୍ବରୁ ଭାରତର କୌଣସି ବେଳାଭୂମିକୁ ଏହି ମାନ୍ୟତା ମିଳି ନ ଥିଲା। ଏହାବାଦ୍ ଉପକୂଳ ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଭାରତ ତୃତୀୟ ସ୍ଥାନ ଅଧିକାର କରିଛି। ସମନ୍ୱିତ ଉପକୂଳ ପରିଚାଳନା ଯୋଜନା(ବିଇଏମ୍‌ଏସ୍)ର ପରିକଳ୍ପନା କରିଥିବା ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ଅଧୀନ ସୋସାଇଟି ଅଫ୍ ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ମ୍ୟାନେଜମେଣ୍ଟ (ଏସ୍‌ଆଇସିଓଏମ୍) ଉପକୂଳ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏହି ମାନ୍ୟତା ହାସଲ ପାଇଁ ପ୍ରୋତ୍ସାହନ ଦେଉଛି। ଖୁବ୍‌ଶୀଘ୍ର ଆନୁଷ୍ଠାନିକ ଭାବେ ଏକ ବ୍ଲୁ ଫ୍ଲାଗ୍ ହୋଷ୍ଟିଂ ଉତ୍ସବର ଆୟୋଜନ କରାଯିବ ବୋଲି ଏସ୍‌ଆଇସିଓଏମ୍ ଜାତୀୟ ପ୍ରକଳ୍ପ ନିର୍ଦ୍ଦେଶକ ଅରବିନ୍ଦ ନଉଟିୟାଲ ସୂଚନା ଦେଇଛନ୍ତି।

### ଅବପାତ ରୂପ ...

କୋରାପୁଟ, ଗଜପତି, ରାୟଗଡା ଏବଂ ଗଞ୍ଜାମ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମାଛ ଧରିବା ଲାଗି ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ଏ ନେଇ ଗୋପାଳପୁର ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଥିବା ବେଳେ ଅନ୍ୟ ବନ୍ଦରଗୁଡିକରେ ୧ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଲଘୁଚାପ ଅବପାତ ରୂପ ନେଉଥିବାରୁ ସତର୍କ ରହିବା ପାଇଁ ଜିଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରେ ଉପରେ ପରିସ୍ଥିତି ଉପରେ ୨୪ ଘଣ୍ଟିଆ ସତର୍କ ଦୃଷ୍ଟି ରଖିବାକୁ ଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି।

### ଜିଏସ୍‌ଟି କ୍ଷତିପୂରଣ ...

ପ୍ରସଙ୍ଗ ଉପରେ ସହମତି ଲାଗି ଏକ ମନ୍ତ୍ରୀଗୋଷ୍ଠୀ ଗଠନ ନେଇ ଅଣ ଭାଜପା ଶାସିତ ରାଜ୍ୟ ଦେଇଥିବା ପ୍ରସ୍ତାବ ବୈଠକରେ ସ୍ଥାନିତ ହୋଇପାରେ। ସରକାର ପ୍ରଦାନ କରିଥିବା ବିକଳ୍ପ ସପକ୍ଷରେ ଭାଜପା ଶାସିତ ରାଜ୍ୟ ଅଛନ୍ତି। ସରକାରଙ୍କ ପ୍ରସ୍ତାବ ଗ୍ରହଣ ଦ୍ୱାରା ଶୀଘ୍ର ପୁଞ୍ଜି ଉଠାଣ ହୋଇପାରିବ ବୋଲି ଏହି ରାଜ୍ୟଗୁଡ଼ିକ କହିଛନ୍ତି।

ଜିଏସ୍‌ଟି ପରିଷଦର ୪୩ତମ ବୈଠକରେ ଏକମାତ୍ର ଏଜେଣ୍ଡା ଉପରେ ଆଲୋଚନା ହେବ ବୋଲି ଜଣେ ଅଧିକାରୀ ନାମଗୋପନ ରଖି କହିଛନ୍ତି। ଅବକାରୀ ସାମଗ୍ରୀ ଓ ବିଳାସପୂର୍ଣ୍ଣ ଦ୍ରବ୍ୟ ଉପରେ ୨୦୨୨ ଜୁନ୍ ପରେ ମଧ୍ୟ ସରଚାର୍ଜ ଲଗାଇବା ନିୟମ ଜାରି ରଖିବାକୁ ସରକାର ପ୍ରସ୍ତାବ ଦେଇଥିଲେ। ଏହା ପୂର୍ବର ଜିଏସ୍‌ଟି ବୈଠକରେ ଏ ପ୍ରସ୍ତାବ ଉପରେ ସହମତି ହୋଇପାରୁ ନାହିଁ। ଚଳିତ ଆର୍ଥିକବର୍ଷ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦେବା ଲାଗି ମୋଟ ୨.୩୫ ଲକ୍ଷ କୋଟି ଟଙ୍କା ନିଅଣ୍ଟ ପଡୁଛି। ସୂଚନାଯୋଗ୍ୟ, ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି ଏବଂ ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କାର ଋଣ ଉଠାଣ ନେଇ ରାଜ୍ୟଗୁଡ଼ିକୁ ବିକଳ୍ପ ଦିଆଯାଇଛି।

ପ୍ରାୟ ୨୧ ଭାଜପା ଶାସିତ ରାଜ୍ୟ ପ୍ରଥମ ବିକଳ୍ପ ସହ ଅଛନ୍ତି। ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି ଋଣ ପ୍ରଦାନ ନେଇ ରହିଥିବା ପ୍ରସ୍ତାବକୁ ୧.୧୦ ଲକ୍ଷ କୋଟି ଟଙ୍କାକୁ ବଢ଼ାଇବାକୁ କେତେକ ରାଜ୍ୟ ଦାବି ଉଠାଉଛନ୍ତି। ଏହି ପ୍ରସ୍ତାବକୁ ଭାଜପା ଶାସିତ ରାଜ୍ୟ ମଧ୍ୟ ସମର୍ଥନ କରୁଛନ୍ତି। କେନ୍ଦ୍ର ସରକାର ନିକଟରେ କ୍ଷତିପୂରଣ ସେସ୍ ଭାବେ ୨୦ ହଜାର କୋଟି ଟଙ୍କା ରାଜ୍ୟଗୁଡ଼ିକୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ଜିଏସ୍‌ଟିରେ ୫,୧୨,୧୮ ଏବଂ ୨୮% ସ୍ଲାବ ରହିଛି। ବିଳାସପୂର୍ଣ୍ଣ ଏବଂ ତମାଖୁଜନିତ ସାମଗ୍ରୀ ଉପରେ ସେସ୍ ଲାଗୁ ହେଉଛି। ୨୮% ଟିକସ ଉପରେ ଏହି ସେସ୍ ଲାଗୁ ହେଉଛି। ଏହି ବାବଦରେ ମିଳୁଥିବା ଅର୍ଥକୁ ସରକାର ରାଜ୍ୟଗୁଡ଼ିକୁ କ୍ଷତିପୂରଣ ସେସ୍ ଭାବେ ପ୍ରଦାନ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଅନ୍ୟମାନଙ୍କ ପ୍ରରୋଚନାରେ ଆପଣ ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାନ୍ତେ ଅନୁତାପ କରିବାକୁ ପଡିପାରେ । ସାମାନ୍ୟ ବିଳମ୍ବିତ ସମୟରେ ଚେଷ୍ଟା କରୁଥିବା ଦିଗରୁ ଧନ ପାଇ ଖୁସି ହୋଇପାରନ୍ତି । ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ମଧ୍ୟ ଶିଥିଳତା ଦେଖାଦେବ ।

**ବୃଷ** – ଆଜିର ତରବରିଆ ପ୍ରତ୍ୟୁଷ ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ । ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରବାରେ କଠୋର ଶ୍ରମ କରିବାକୁ ପଡିପାରେ । ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ଦିନଟିର ରୋଜଗାରଠାରୁ ଖର୍ଚ୍ଚ ବଳିଯିବ ।

**ମିଥୁନ** – ଯାତ୍ରା ସମୟରେ କୌଣସି ଅପରିଚିତଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡିଯାଇ ପାରନ୍ତି । ପାରିବାରିକ କ୍ଷେତ୍ରରେ କଳହର ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ । ଅପରାହ୍ନେ ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବିବାଦୀୟ ପରିସ୍ଥିତି କିମ୍ବା ମାଲି ମକଦ୍ଦମାରେ ସଫଳତା ପାଇବେ ।

**କର୍କଟ** – ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ସହକର୍ମୀଙ୍କ ତରଫରୁ ସହଯୋଗ ପାଇବେ । ବିବାଦୀୟ ପରିସ୍ଥିତି ବଦଳି ଯିବାରୁ ଏକପ୍ରକାର ଖୁସୀ ଅନୁଭବ କରିବେ । ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ । ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅପରାଜିତ ରହିବେ ଓ ଆଇନ ଅଦାଲତର ରାୟ ସପକ୍ଷରେ ଯାଇପାରେ ।

**ସିଂହ** – ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତିପୂର୍ବକ ଋଣମୁକ୍ତ ହେବାର ସୂଚନା ରହିଛି । କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ ।

**କନ୍ୟା** – କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ । ପରିବାରର ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ପାଖ, ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ । ଆନୁଷ୍ଠାନିକ କାମରେ ସହଯୋଗ ପ୍ରଦାନ କରି ପ୍ରଶଂସିତ ହୋଇପାରନ୍ତି ।

**ତୁଳା** – ଆପଣ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ କାମଟିଏ ସମ୍ପନ୍ନ କରିପାରିବେ ନିଜ ପାଇଁ ସେତିକି କରିପାରିବେ ନାହିଁ । ଅର୍ଥ ପାଇବେ କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡିବ । ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିପାରନ୍ତି । ପରିସ୍ଥିତିକୁ ହାଲୁକା ଭାବେ ଗ୍ରହଣ କରିବା ଠିକ୍ ହେବନାହିଁ ।

**ବିଛା** – ଦିନସାରା ଟେନ୍ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବନାହିଁ । ଅନୁରାଧା ନକ୍ଷତ୍ର ଭୁଲ୍ ରାସ୍ତାରେ ପାଦଦେଇ ଅସୁବିଧାରେ ପଡିପାରନ୍ତି । ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ । ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ ।

**ଧନୁ** – କର୍ମକ୍ଷେତ୍ରରେ ଟେନ୍ସନଜନିତ ଅସ୍ଥିରତା ମାନସିକ ଅଶାନ୍ତିର କାରଣ ହୋଇପାରେ । ସଭାସମିତିରେ ଏପରି କିଛି ପ୍ରସ୍ତାବ ଦେବେ, ଯାହାକି ବନ୍ଧୁମାନଙ୍କ ମନକୁ ବେଶ୍ ପାଇବ । ପ୍ରକାଶନ,ପ୍ରଶାସନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇ ପାରନ୍ତି ।

**ମକର** – ଶାରୀରିକ ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ବିଭିନ୍ନ ପ୍ରକାର ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ । ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ । ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି ।

**କୁମ୍ଭ** – ଆଜି ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ । ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି । କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ । ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡି ହେବ ନାହିଁ ।

**ମୀନ** – ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରି ସମସ୍ୟା ସମାଧାନରେ ଉପନୀତ ହୋଇପାରନ୍ତି । ଅପରାହ୍ନେ ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସୀ ହୋଇଯିବେ । ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ । ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ ।

ଆଜି ଆଶ୍ୱିନ ମଳ କୃଷ୍ଣ ଦଶମୀ ସୋମବାର, ଅକ୍ଟୋବର ୧୨ ତାରିଖ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ସକାଳ ଘ.୦୫.୪୩ମି. ଗତେ ଘ.୦୭.୧୭ମି. ମଧ୍ୟେ, ଘ.୦୮.୫୦ମି. ଗତେ ଘ.୧୧.୦୯ମି. ମଧ୍ୟେ, ରାତ୍ରି ଘ.୦୭.୫୦ମି. ଗତେ ଘ.୧୧.୦୮ମି. ମଧ୍ୟେ, ଘ.୦୨.୨୬ମି. ଗତେ ଘ.୦୩.୧୫ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୭.୧୧ମି. ଗତେ ଘ.୦୮.୩୮ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

real estate

**SALE**

**BDA yellowzone gharabari plot for sale near Gohirachhak & Janla, Bhubaneswar. Contact: 7008381162** D-18580

**About 3 K.M.from KIIT Jagannath Temple, Khordha-Barang road side Kataki 6 gunth gharabari land for sale, Contact No-6372388060.** D-18566

**Well developed 30'road, ଘରବାରୀ, boundary, ଇଲେକ୍ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner-9437033320.** D-69181

ଭୁବନେଶ୍ୱର **NH-16** ର ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ମିଳୁଛି। **9348444368.** D-69180

Bhubaneswar ସୁନ୍ଦରପଦାରେ 1200sqft. plot 11,40,000/- କିଣି ଘର କରନ୍ତୁ। 9938016295. D-69183

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ **1,2,3BHK Simplex/ Duplex** ଅଛି। **8327785834, 9658122456.** D-69182

**BDA yellowzone commercial/ residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477.** D-69167

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

to-let

3,500 sqft Warehouse available for rent in IRC Village, Nayapalli. Contact- A Chowdhury, 9437020530. D-69785

healthcare

Newly open SPA centre smart therapist full body massage: 7205187702. D-59966

Full ayurvedic body massage with refreshment expert therapist call: 7436826500. D-69774

Herbal full body massage by smart / expert therapist. Contact: 8338067247. D-69775

Newly open SPA centre smart therapist full body massage: 7846814019. D-59967

Newly open SPA centre smart therapist full body massage: 8114970372. D-59968

Get refreshment body massage by expert therapist contact for 7205084157. D-69777

Newly open full body massage SPA in Bhubaneswar. Contact: 7205058838. D-69779

Rejuvenate and Ayurvedic full body massage by smart therapist. 9348123330. D-69780

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69778

Swarna SPA newly open positively health benefits with expert therapist. 7873794731. D-69776

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By an affidavit I, Archana Kumari Behera solemnly affirm that consequent upon my marriage on 29.06.2020 with Sidhant Mehra, I want to change my name/ surname as Archana Mehra. My maiden name Archana Kumari Behera reflected in all my certificates. That, Archana Mehra and Archana Kumari Behera is one and same person. Henceforth, I shall be known as Archana Mehra for all purposes. D-18584

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିଠୁ ଓଜେଇଇ

- ରାଜ୍ୟ ଭିତରେ ୫୦, ବାହାରେ ୩ ପରୀକ୍ଷା କେନ୍ଦ୍ର
- କରୋନା ଆକ୍ରାନ୍ତଙ୍କ ପାଇଁ ପରେ ହେବ ସ୍ୱତନ୍ତ୍ର ବ୍ୟବସ୍ଥା

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ସୋମବାରଠାରୁ ଆରମ୍ଭ ହେବ। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ ମୋଡ୍‌ରେ କରାଯିବ। ଦୈନିକ ୩ଟି ସିଫ୍ଟ ହେବ ଓ ପ୍ରତି ପରୀକ୍ଷାର ଅବଧି ଦୁଇ ଘଣ୍ଟା ରହିଛି। ସକାଳ ୯ରୁ ପୂର୍ବାହ୍ନ ୧୧, ଅପରାହ୍ନ ୧୨ଟା ୩୦ରୁ ୨ଟା ୩୦ ଓ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ତେବେ ଚଳିତବର୍ଷ ରେକର୍ଡ ସଂଖ୍ୟକ ୭୯,୮୦୦ ଛାତ୍ରୀଛାତ୍ର ଓଜେଇଇ ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଏଥିପାଇଁ ମୋଟ ୫୩ଟି ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ରାଜ୍ୟ ଭିତରେ ମୋଟ ୨୧ ସହରରେ ୫୦ଟି ଓ ରାଜ୍ୟ ବାହାରେ ୩ଟିର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ରାଞ୍ଚି, କୋଲକାତା ଓ ପାଟନାର ୩ଟି ସେଣ୍ଟରରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିଭଳି ଏଥର ରାଜ୍ୟର ୬ଟି ସହର ବଲାଙ୍ଗୀର, ପାରଳାଖେମୁଣ୍ଡି, ଜଗତ୍‌ସିଂହପୁର, ଯାଜପୁର, ନୟାଗଡ଼ ଓ ଫୁଲବାଣୀରେ ପ୍ରଥମଥର ପାଇଁ ପରୀକ୍ଷା କେନ୍ଦ୍ର କରାଯାଇଛି।

ଉଲ୍ଲେଖଯୋଗ୍ୟ, କରୋନା ପାଇଁ ଏଥର ଓଜେଇଇ ଅହେତୁକ ବିଳମ୍ବ ହୋଇଛି। ଏ ପରିସ୍ଥିତିରେ ପରୀକ୍ଷା ସୁପରିଚାଳନା ପାଇଁ ରାଜ୍ୟ ସରକାର ଏକ ଏସ୍‌ଓପି ଜାରି କରିଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ରରେ ମୋଟ ବସିବା କ୍ଷମତାର ମାତ୍ର ୫୦% ବ୍ୟବହାର କରାଯିବ ଓ ନିର୍ଦ୍ଦେଶାବଳୀ ଅନୁଯାୟୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ବ୍ୟବଧାନ ବଜାୟ ରହିବ। ଯଦି କୌଣସି ପରୀକ୍ଷାର୍ଥୀଙ୍କ ଶରୀର ତାପମାତ୍ରା ଅଧିକ କିମ୍ବା ଅନ୍ୟ କୌଣସି କରୋନା ଲକ୍ଷଣ ଥିବା ପରି ଦେଖାଯାଏ, ତେବେ ସ୍ୱତନ୍ତ୍ର ଭାବେ କରାଯାଇଥିବା ହଲ୍‌ରେ ତାଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ। କରୋନା ଆକ୍ରାନ୍ତ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରିବେ ନାହିଁ। ଅନ୍ୟ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ତେଣୁ ପଜିଟିଭ୍ ଚିହ୍ନଟ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ନ ଆସିବା ପାଇଁ ଓଜେଇଇ ପକ୍ଷରୁ କୁହାଯାଇଛି। ଯେଉଁମାନେ କରୋନାରେ ଆକ୍ରାନ୍ତ ହୋଇଥିବେ, ସେମାନଙ୍କ ପାଇଁ ଆଗକୁ ପରୀକ୍ଷା ଦେବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି।

## ରାସ୍ତାରେ କାର୍ଯ୍ୟାଳୟ ଚଳାଇଲେ ଅପରାଜିତା

**ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ନିଜ ଜନ୍ମଦିନ ପାଳନ ସମୟରେ ଗହଳି କରି କୋଭିଡ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ତାଙ୍କ କାର୍ଯ୍ୟାଳୟକୁ ବିଏମ୍‌ସି ପକ୍ଷରୁ ୧୫ ଦିନ ପର୍ଯ୍ୟନ୍ତ ସିଲ କରିଦିଆଯାଇଛି। ଏହାପରେ ସେ ଗଣମାଧ୍ୟମ ଆଗରେ ଶାସକ ଦଳ ନେତା ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହିତ ରାସ୍ତାରେ ନିଜ କାର୍ଯ୍ୟାଳୟ ଚଳାଇବା ଆରମ୍ଭ କରିଛନ୍ତି। ଏହାସହ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଶାସକ ଦଳ ନେତାଙ୍କ ବିରୋଧରେ ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ଆଶା କରିଛନ୍ତି। ରବିବାର ଅପରାଜିତା ଭୁବନେଶ୍ୱରର ମଧ୍ୟ ନିର୍ବାଚନମଣ୍ଡଳୀରେ ଜନଶୁଣାଣି କରିଛନ୍ତି। ନିଜ ଲୋକ ସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଅଫିସ ସିଲ୍ ଯୋଗୁ ଆସନ୍ତା ୧୫ଦିନ ରାସ୍ତା ଉପରେ କାର୍ଯ୍ୟ କରିବି। ତାଙ୍କ ଭିତରେ କ୍ରୋଧ କିମ୍ବା କାହା ପ୍ରତି ନକାରାତ୍ମକ ଭାବନା ନାହିଁ। ବିକାଶ ପ୍ରକ୍ରିୟା ଜାରି ରହିଛି। ସେ ଆହୁରି କହିଛନ୍ତି, ତାଙ୍କ ସଭା ସମିତିରେ କିପରି ସାମାଜିକ ଦୂରତା ରହିବ ତାହା ପ୍ରଶାସନର କାର୍ଯ୍ୟ। ମୁଖ୍ୟମନ୍ତ୍ରୀଙ୍କୁ ୮ଟି ପ୍ରଶ୍ନ ପଚାରି ଚିଠି ଲେଖିଛନ୍ତି। ୧୫ଦିନରେ ତଦନ୍ତ ଲାଗି ଚିଠିରେ ଦର୍ଶାଇଛନ୍ତି।

## ବାଲେଶ୍ୱରରୁ ମାନସ, ତିର୍ତ୍ତୋଲରୁ ରାଜକିଶୋର ଭାଜପା ପ୍ରାର୍ଥୀ



ମାନସ କୁମାର ଦତ୍ତ



ରାଜକିଶୋର ବେହେରା

**ଭୁବନେଶ୍ୱର(ବ୍ୟୁରୋ)/ବାଲେଶ୍ୱର ଅଫିସ୍/ଜଗତ୍‌ସିଂହପୁର ଅଫିସ୍, ୧୧।୧୦**

ବାଲେଶ୍ୱର ଏବଂ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ପାଇଁ ରବିବାର ଭାଜପା ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ବାଲେଶ୍ୱର ଆସନ ଲାଗି ପୂର୍ବତନ ବିଧାୟକ ମଦନମୋହନ ଦତ୍ତଙ୍କ ପୁଅ ମାନସ କୁମାର ଦତ୍ତଙ୍କୁ ପ୍ରାର୍ଥୀ କରାଯାଇଛି। ମଦନମୋହନ ଦତ୍ତଙ୍କ ମୃତ୍ୟୁ ଯୋଗୁ ଏହି ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ସେହିପରି ତିର୍ତ୍ତୋଲ ଆସନ ଲାଗି ଭାଜପା ରାଜକିଶୋର ବେହେରାଙ୍କୁ ପ୍ରାର୍ଥୀ କରିଛି। ରାଜକିଶୋର ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସରୁ ତିର୍ତ୍ତୋଲ ଆସନରେ ପ୍ରାର୍ଥୀ ହୋଇଥିଲେ। ମାତ୍ର ନିକଟରେ ସେ କଂଗ୍ରେସ ଛାଡ଼ି ଭାଜପାରେ ମିଶିଛନ୍ତି ଏବଂ ଦଳ ତାଙ୍କୁ ପ୍ରାର୍ଥୀ କରିଛି। ତିର୍ତ୍ତୋଲ ଆସନରୁ ବିଧାୟକ ଥିବା ବିଷ୍ଣୁ ଦାସଙ୍କ ଦେହାନ୍ତ ହେବାରୁ ଏହି ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ହେବାକୁ ଯାଉଛି। ତେବେ ଭାଜପା ପ୍ରାର୍ଥୀ ଘୋଷଣା ପ୍ରଥମେ କରିଛି। ବିଜେଡି ପକ୍ଷରୁ ଆସନ୍ତା ଦୁଇଦିନ ମଧ୍ୟରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ଶୁଣିବାକୁ ମିଳୁଛି। ସେହିପରି କଂଗ୍ରେସ ପକ୍ଷରୁ ସୋମବାର କିମ୍ବା ମଙ୍ଗଳବାର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ବିଧାୟକ ତାରା ପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି।

ନଭେମ୍ବର ୩ରେ ଏହି ଦୁଇ ଆସନ ପାଇଁ ମତଦାନ ହେବ। ଅକ୍ଟୋବର ୧୬ ହେଉଛି ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ। ଅକ୍ଟୋବର ୧୭ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ସେହିପରି ଅକ୍ଟୋବର ୧୯ରେ ନାମାଙ୍କନ ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ ହୋଇଛି। ନଭେମ୍ବର ୧୦ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

ପ୍ରାର୍ଥୀ ଘୋଷଣା ହେବା ପରେ ମାନସ କହିଛନ୍ତି ଯେ, ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବି। ତାଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡାଙ୍କ ସମେତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଧର୍ମେନ୍ଦ୍ର ପ୍ରଧାନ ଏବଂ ଜିଲାସଭାପତି ଉମାକାନ୍ତ ମହାପାତ୍ରଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

ଅନ୍ୟପକ୍ଷରେ ରାଜକିଶୋର ନବାଗତ ହୋଇଥିଲେ ମଧ୍ୟ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ମୋଦି, କେନ୍ଦ୍ରମନ୍ତ୍ରୀ ପ୍ରଧାନ, ରାଜ୍ୟ ସଭାପତି ସମୀର ମହାନ୍ତି ଓ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟରେ ଏକଛତ୍ରବାଦ ଶାସନ ଚାଲିଛି। ଏନେଇ ଲୋକେ ଅତିଷ୍ଠ । ଦୁର୍ନୀତି, ଜଳ ନିଷ୍କାସନ ସମସ୍ୟା, ବିପର୍ଯ୍ୟସ୍ତ ରାସ୍ତା ଓ ସ୍ୱାସ୍ଥ୍ୟ କ୍ଷେତ୍ର ଆଦି ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ିବି ବୋଲି ରାଜକିଶୋର କହିଛନ୍ତି।







# ଟିଆର୍‌ପି ବାଉଳା

ନିକଟରେ ମୁମ୍ବାଇ ପୋଲିସ ରିପବ୍ଲିକ୍ ଚ୍ୟାନେଲ, ଫକ୍ତ ମରାଠୀ ଓ ବକ୍ସ ସିନେମା ନାମକ ୩ଟି ଟିଭି ଚ୍ୟାନେଲ ସେମାନଙ୍କ ଟେଲିଭିଜନ ରେଟିଂ ପଏଣ୍ଟ (ଟିଆର୍‌ପି) ଜାଲିଆତି କରିଥିବା ସଂକ୍ରାନ୍ତ ଏକ ଠକେଇ ଘଟଣାକୁ ପଦାକୁ ଆଣିଥିଲା। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିଲା। ୧୧ ଅକ୍ଟୋବରରେ ରିପବ୍ଲିକ୍ ଚ୍ୟାନେଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏବଂ ଦୁଇ ଜଣ ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ)ଙ୍କୁ ମୁମ୍ବାଇ ପୋଲିସ ଜେରା କରିଛି। ମୁମ୍ବାଇ ପୋଲିସ କମିଶନର ପରମବୀର ସିଂ ଟିଆର୍‌ପି ଜାଲିଆତି ଘଟଣାକୁ ଲୋକଲୋଚନକୁ ଆଣିବା ପରେ ସାଧାରଣ ଦର୍ଶକ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଏଠାରେ ଟିଆର୍‌ପି କ'ଣ ଓ ଏହା ଦ୍ୱାରା ଟେଲିଭିଜନ ଚ୍ୟାନେଲଗୁଡ଼ିକ କିଭଳି ବିଜ୍ଞାପନ ପାଆନ୍ତି ସେହି ବିଷୟରେ ସାମାନ୍ୟ ଆଲୋଚନା କରାଯାଇପାରେ।

ଅତି ସରଳ ଭାଷାରେ କହିଲେ ଯେ କେହି ବ୍ୟକ୍ତି ଟେଲିଭିଜନକୁ ଏକ ମିନିଟ୍‌ରୁ ଅଧିକ ସମୟ ଦେଖିଲେ ତାଙ୍କୁ ଦର୍ଶକ ରୂପେ ଗଣାଯାଇଥାଏ। ଦର୍ଶକଙ୍କ ସଂଖ୍ୟା ନିରୂପଣ କରିବା ଲାଗି ମାର୍କେଟିଂ ଓ ଆଡଭର୍ଟାଇଜିଂ ଏଜେନ୍ସିଗୁଡ଼ିକ ଟିଆର୍‌ପିକୁ ମାନଦଣ୍ଡ ଭାବେ ନେଇଥାଆନ୍ତି। ସେହି ଅନୁଯାୟୀ ସେମାନେ ବିଜ୍ଞାପନ ଦେବାକୁ ଆଗେଇ ଆସିଥାଆନ୍ତି ଏବଂ ସେହି ବିଜ୍ଞାପନର ପରିମାଣ ବାର୍ଷିକ ଅନେକ ହଜାର କୋଟି ଟଙ୍କା ପହଞ୍ଚିଥାଏ। ଭାରତରେ ବ୍ରଡ୍‌କାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନ୍‌ସିଲ (ବିଏଆର୍‌ସି) ଟେଲିଭିଜନରେ ବାର୍–ଓ–ମିଟର ଲଗାଇବା ଦାୟିତ୍ୱ ଏକ କମ୍ପାନୀକୁ ଦେଇଥାଏ। ସେହି କମ୍ପାନୀ ତା'ର କର୍ମଚାରୀଙ୍କୁ ନିର୍ଦ୍ଦିଷ୍ଟ ଲୋକଙ୍କ ଘରର ଟେଲିଭିଜନରେ ଉକ୍ତ ମିଟରକୁ ବସାଇଥାଆନ୍ତି। ଏ ବିଷୟ ଦର୍ଶକ ଜାଣିପାରି ନ ଥାଆନ୍ତି। ଫଳରେ ଗ୍ରାହକ କେଉଁ ଚ୍ୟାନେଲକୁ କେତେ ସମୟ ଦେଖୁଛନ୍ତି ସେଥିରୁ ତା'ର ଟିଆର୍‌ପି କେତେ ରହୁଛି ହିସାବ ମିଳିଯାଇଥାଏ। ମୁମ୍ବାଇ ପୋଲିସ ଜାଣିବାକୁ ପାଇଛି ଯେ, ବିଏଆର୍‌ସି 'ହଂସା ରିସର୍ଚ୍ଚ ଗ୍ରୁପ୍'କୁ ଏହି ଦାୟିତ୍ୱ ଦେଇଥିଲା। ସାଧାରଣତଃ ସେହି ତଥ୍ୟ ବିଏଆର୍‌ସି ନିକଟକୁ ଗଲା ପରେ ଟିଆର୍‌ପି ହିସାବ କରାଯାଇଥାଏ। ହଂସା ଗ୍ରୁପ୍‌ର କେତେକ ପୂର୍ବତନ କର୍ମଚାରୀ ବାର୍–ଓ–ମିଟର ହେରଫେର୍ କାର୍ଯ୍ୟରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଏହା ମଧ୍ୟ ଶୁଣିବାକୁ ମିଳିଛି ଯେ ସେମାନଙ୍କ ସହ ବର୍ତ୍ତମାନର କେତେଜଣ କର୍ମଚାରୀ ନିର୍ଦ୍ଦିଷ୍ଟ ଚ୍ୟାନେଲ କର୍ତ୍ତୃପକ୍ଷଙ୍କଠାରୁ ଲାଞ୍ଚ ପାଇବା ପରେ ଦଲାଲ ସାଜି କେଉଁ ଘରକୁ ଟିଆର୍‌ପି ପ୍ରସାର ପାଇଁ ମାପଦଣ୍ଡ ଭାବେ ବଛାଯାଇପାରିବ ତାହା ସ୍ଥିର କରୁଥିଲେ। ସେମାନେ ରିପବ୍ଲିକ୍ ଭଳି କେତେକ ଚ୍ୟାନେଲର ଟିଆର୍‌ପି ବୃଦ୍ଧି ସକାଶେ ତାହାକୁ ଦୀର୍ଘ ସମୟ ପାଇଁ ଚଲାଇ ରଖିବା ନିମନ୍ତେ ପ୍ରତି ପରିବାରକୁ ଦିନକୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଦିଆଯାଉଥିବା କୁହାଯାଇଛି। କେତେକ ସ୍ଥଳେ ଇଂଲିଶ୍ ବୁଝୁ ନ ଥିବା ଲୋକେ ମଧ୍ୟ ନିର୍ଦ୍ଦିଷ୍ଟ ଇଂଲିଶ ଚ୍ୟାନେଲକୁ ଦିନସାରା ଚଲାଇ ରଖୁଥିଲେ ବୋଲି ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି। ୧୫୦ କୋଟି ଲୋକସଂଖ୍ୟା ବିଶିଷ୍ଟ ଦେଶରେ ମାତ୍ର ୪୪ ହଜାର ମିଟର ବସାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମୁଦାୟ ୪୪ ହଜାର ଏଭଳି ମିଟର ଦେଶବ୍ୟାପୀ ଲଗାଯାଇଥିବାରୁ ୮ରୁ ୧୦ ମିଟରର ଫଳାଫଳ ଶେଷ ଟିଆର୍‌ପିକୁ ପ୍ରଭାବିତ କରିପାରୁଛି।

ଏଭଳି ଜାଲିଆତିରୁ ବୁଝିବାକୁ ହେବ ଯେ, ଅଧିକ ବିଜ୍ଞାପନ ପାଇବା ପାଇଁ ଚ୍ୟାନେଲଗୁଡ଼ିକ କେଉଁ ସ୍ତରକୁ ଚାଲିଯାଇପାରନ୍ତି। ଇତିମଧ୍ୟରେ ରିପବ୍ଲିକ୍ ଟିଭିର ମୁଖ୍ୟ ସମ୍ପାଦକ ଅର୍ନବ ଗୋସ୍ୱାମୀ ମୁମ୍ବାଇ ପୋଲିସର ଦାବିକୁ ଖଣ୍ଡନ କରିଛନ୍ତି। ଆଗକୁ ଏହି ଘଟଣା କେଉଁ ମୋଡ଼ ନେବ, ତାହା ପରେ ଜଣାପଡ଼ିବ। କିନ୍ତୁ ଦର୍ଶକଙ୍କୁ ବିଭ୍ରାନ୍ତ କରାଯାଇ ନିଜ ଚ୍ୟାନେଲର ଟିଆର୍‌ପି ବଢ଼ାଇବା କାର୍ଯ୍ୟ ଗୁପ୍ତ ଭାବେ କରାଯିବା ଅର୍ଥ ସାମ୍ବାଦିକତାର ଯେଉଁ ମୌଳିକ ନୀତି ରହିଛି, ତାହାକୁ ଧ୍ୱଂସ କରିଦିଆଯାଉଛି ବୋଲି କୁହାଯାଇପାରିବ। ଆଜିର ସ୍ଥିତିରେ ଦେଖାଯାଉଛି ଯେ, କେତେକ ଗଣମାଧ୍ୟମ ପାଠିକାପାଠକ, ଶ୍ରୋତା ବା ଦର୍ଶକଙ୍କ ଚାହିଦା ଅନୁଯାୟୀ ଖବର ପରିବେଷଣ କରିବା ପରିବର୍ତ୍ତେ ନିଜସ୍ୱ ଏଜେଣ୍ଡା ପୂରଣ କରୁଛନ୍ତି। ସେଥିପାଇଁ ଉଭୟ ରାଜନୈତିକ ଦଳ ଓ ବ୍ୟବସାୟିକ ଗୋଷ୍ଠୀଙ୍କଠାରୁ ବିପୁଳ ଅର୍ଥ ପାଇପାରୁଛନ୍ତି। ସେହି ଅର୍ଥକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଚଉକି, ଟେବୁଲ, ତେଲଠାରୁ ଆରମ୍ଭ କରି ଦୈନିକ ୫୦୦ ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଆକାରରେ ପ୍ରତ୍ୟେକ ଘରେ ଦେଉଛନ୍ତି।

ଖବର ଏବେ ଲୋକଙ୍କୁ ଅଧିକ ସୂଚନା ଦେବା ପରିବର୍ତ୍ତେ ସେମାନଙ୍କୁ ଭାରାକ୍ରାନ୍ତ କଲାଣି। ଉଦାହରଣ ସ୍ୱରୂପ, ନିର୍ଦ୍ଦିଷ୍ଟ ଖବର ଥରେ ସାମ୍ନାକୁ ଆସିଲେ ତାହାକୁ ବ୍ରେକିଂ ନ୍ୟୁଜ୍ କୁହାଯାଇଥାଏ। କିନ୍ତୁ ଟେଲିଭିଜନ ଚ୍ୟାନେଲଗୁଡ଼ିକ ତାହାକୁ ଦୀର୍ଘ ସମୟ ବ୍ରେକିଂ ନ୍ୟୁଜ୍ କହି ତା' ଉପରେ ଏତେ ଘଷିମାଜି ହେଉଛନ୍ତି ଯେ, ଦର୍ଶକ ତାହା ଦେଖିଲା ବେଳେ ବାଉଳା ହେଉଛନ୍ତି। ଏହାର ଏକ ସଦ୍ୟ ଉଦାହରଣ ହେଉଛି ସିନେମା ତାରକା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଘଟଣା। ହାତଗଣତି କେତେକ ଟେଲିଭିଜନ ଚ୍ୟାନେଲ ବାରମ୍ବାର ପ୍ରସାରଣ କରିଚାଲିଲେ ଯେ, ଏହା ଏକ ହତ୍ୟା। ସେହିସବୁ ଚ୍ୟାନେଲର କଥାକୁ ସତ୍ୟ ପ୍ରମାଣ କରିବା ପାଇଁ କେନ୍ଦ୍ର ସରକାର ନିଜ ଅଧୀନରେ ଥିବା ସିବିଆଇ ଏବଂ ଏନ୍‌ସିବି ଭଳି ସଂସ୍ଥାକୁ ଏହି ସାଧାରଣ ଘଟଣାକୁ ଅନୁସନ୍ଧାନ କରିବା ପାଇଁ ଲଗାଇଲେ। ଇତିମଧ୍ୟରେ ହତ୍ୟା କି ଆତ୍ମହତ୍ୟା ଭୁଲିଯାଇ କେତେକ ଲୋକ ଗଞ୍ଜେଇ ଟାଣିବା ବିଷୟକୁ ନେଇ ଟିଭି ଚ୍ୟାନେଲଗୁଡ଼ିକ ଦେଶକୁ ବାଉଳା କଲେ। ରିଆ ଚକ୍ରବର୍ତ୍ତୀଙ୍କୁ ଏକମାସ ପାଇଁ ଜେଲ୍ ଭୋଗିବାକୁ ପଡ଼ିଲା। ଯେତେବେଳେ ଏମ୍ସର ବରିଷ୍ଠ ଡାକ୍ତରମାନେ ମତ ଦେଲେ ଯେ ସୁଶାନ୍ତ ଆତ୍ମହତ୍ୟା କରିଥିଲେ, ସେତେବେଳେ ଘଟାଯାଇଥିବା ଅନେକ ଲୋକଙ୍କ ବ୍ୟକ୍ତିଗତ ଜୀବନର କ୍ଷତିକୁ ଦେଶବାସୀ ଭୁଲିଯାଇ ନୂଆ ଏକ ବ୍ରେକିଂ ନ୍ୟୁଜ୍ ପଛରେ ଧାଇଁବାକୁ ଅପେକ୍ଷା କରି ରହିଛନ୍ତି।

କେବଳ ଦର୍ଶକ ନୁହନ୍ତି, ପ୍ରମୁଖ ବିଜ୍ଞାପନଦାତାମାନେ ମଧ୍ୟ କେତେକ ଖବର ବିଷାକ୍ତ ହୋଇଯାଉଥିବା ନିକଟରେ ଅଭିଯୋଗ କରିଥିଲେ। ବିଶିଷ୍ଟ ଶିଳ୍ପପତି ରାଜୀବ ବଜାଜ କହିଲେଣି ଯେ, ତାଙ୍କ କମ୍ପାନୀ ଏହିଭଳି ଘୃଣାଭାବ ସୃଷ୍ଟି କରୁଥିବା ଗଣମାଧ୍ୟମକୁ ବିଜ୍ଞାପନ ଦେବା ବେଳେ ପୁନର୍ବିଚାର କରିବ। ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ହେଉ କିମ୍ବା ଛାପା ଗଣମାଧ୍ୟମ ସମସ୍ତେ ବିଜ୍ଞାପନ ଉପରେ ନିର୍ଭର କରିଥାନ୍ତି। ଟେଲିଭିଜନ ସକାଶେ ବିଜ୍ଞାପନଦାତାଙ୍କୁ ଭୁଲ୍ ବାଟରେ ନେବା ପାଇଁ ଟାମ୍ ଭଳି ସଂସ୍ଥା ଏସବୁ ଠକ ଗଣମାଧ୍ୟମକୁ ସହାୟକ ହୋଇଥାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଛାପା ଗଣମାଧ୍ୟମ ସକାଶେ ମଧ୍ୟ ସେହିଭଳି ସଂସ୍ଥା ଅଛନ୍ତି। ପ୍ରତ୍ୟେକ ରାଜ୍ୟରୁ ପ୍ରକାଶିତ ଅଳ୍ପ କେତେକ ଖବରକାଗଜ ଓ ପତ୍ରିକା ବହୁଳ ପ୍ରସାରିତ ବୋଲି ଦେଖାଇବା ପାଇଁ ଅନେକ କୋଟି ଟଙ୍କା ଆଦାୟ କରିଥାନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | 8 | | | 3 | | | | | | | 4 |
| | | | | | | 2 | | 8 | | | 6 | C | | |
| 8 | 6 | | 7 | | | E | A | C | | | | | | |
| | B | | | 5 | | | | | 7 | | | 0 | | E |
| | | | | | 3 | 7 | | | | | 0 | | 2 | |
| | | | B | 9 | | | 1 | 0 | 8 | D | | 7 | | |
| | | | E | | 2 | | | | A | | | 3 | | C |
| 7 | | C | | | D | | | 9 | | B | | | | 0 |
| | | | | | | | | E | 6 | | | D | 9 | A |
| A | | 4 | | | | | B | | | 2 | | | 6 | |
| 3 | | | | | C | | | | 0 | 7 | | 2 | 8 | |
| 9 | | B | | 4 | E | | 8 | | | | 2 | 6 | | D |
| | | | | | | 3 | | | | C | 9 | | | |
| 0 | | | | | | | 4 | 6 | | 5 | A | | | B |
| 2 | | | A | | B | 0 | E | 5 | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 6 | 5 | 7 | D | 8 | E | C | 3 | 4 | B | 9 | 2 | 1 | A |
| 1 | E | 4 | B | 9 | C | 2 | 0 | 7 | 8 | A | 5 | 3 | D | 6 |
| 9 | 2 | 3 | E | A | 5 | 4 | B | D | 1 | 6 | 7 | 8 | 0 | C |
| B | 8 | C | 4 | 6 | 2 | 1 | 5 | A | 0 | D | 3 | 9 | E | 7 |
| 7 | A | D | 3 | 1 | 0 | 6 | 8 | 9 | C | 2 | E | B | 4 | 5 |
| E | 3 | 6 | 8 | C | 7 | 5 | 9 | 0 | D | 4 | 1 | A | B | 2 |
| D | 0 | B | 5 | 2 | 9 | A | 4 | C | E | 7 | 8 | 1 | 6 | 3 |
| 8 | 4 | 1 | 6 | 0 | A | D | 7 | 2 | 3 | C | B | 5 | 9 | E |
| A | 9 | 7 | 1 | E | B | 8 | 3 | 6 | 2 | 5 | 0 | 4 | C | D |
| 5 | C | 2 | D | 3 | 4 | B | E | 1 | 6 | 9 | A | 7 | 8 | 0 |
| 3 | 1 | 9 | C | B | D | 7 | A | E | 5 | 0 | 4 | 6 | 2 | 8 |
| 4 | D | A | 0 | 7 | 3 | C | 6 | 8 | 9 | 1 | 2 | E | 5 | B |
| C | 7 | E | A | 5 | 6 | 9 | 2 | 4 | B | 8 | D | 0 | 3 | 1 |
| 6 | B | 8 | 2 | 4 | E | 0 | 1 | 5 | 7 | 3 | C | D | A | 9 |
| 2 | 5 | 0 | 9 | 8 | 1 | 3 | D | B | A | E | 6 | C | 7 | 4 |

ଗତକାଲିର ଉତ୍ତର

# ଅର୍ଥନୀତିରେ ମହାନାୟକ ହୋଇପାରିବନି ଚାଇନା



ଡା. ଚିତ୍ତରଞ୍ଜନ ମିଶ୍ର

ଚାଇନାର 'ଏକ ସନ୍ତାନ ନୀତି' ୧୯୭୯ ରେ ବରିଷ୍ଠ ନେତା ଡେଙ୍ଗ୍ ଜିଆଓପିଙ୍ଗ୍‌ଙ୍କ ଦ୍ୱାରା ପ୍ରଣୟନ କରାଯାଇଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଚେୟାରମ୍ୟାନ ମାଓ ଯେଡଙ୍ଗଙ୍କ ବିଧ୍ୱଂସୀ 'ଗ୍ରେଟ ଲିପ୍ ଫରୱାର୍ଡ' ବା ସମ୍ମୁଖ ଭାଗକୁ ବିରାଟ ଲମ୍ଫ ପ୍ରଦାନ (୧୯୫୮–୧୯୬୨) ଏବଂ ଦି ଗ୍ରେଟ ପ୍ରୋଲେଟାରିଆନ୍ 'କଲ୍‌ଚରାଲ ରିଭୋଲ୍ୟୁଶନ' ବା ସାଂସ୍କୃତିକ ବିପ୍ଳବ (୧୯୬୬–୧୯୭୬) ଦ୍ୱାରା ୬୦ରୁ ୬୫ ନିୟୁତ ଲୋକ ମୃତ୍ୟୁବରଣ କଲାପରେ ଚାଇନା କମ୍ୟୁନିଷ୍ଟ ପାର୍ଟି ପ୍ରତି ସର୍ବସାଧାରଣ ଜନତାଙ୍କ ପୁନଃ ଅକୁଣ୍ଠ ସହଯୋଗ ଓ ସମର୍ଥନ ହାସଲ କରିବା। ଚାଇନାର ଭାଷା ଓ ଇତିହାସରେ ପ୍ରବୀଣ ଥିବା ଆମେରିକୀୟ ପ୍ରଫେସର ଡାଭିଡ୍ ଲ୍ୟାମ୍ପଟନ ଡେଙ୍ଗ୍ ଜିଆଓପିଙ୍ଗ୍‌ଙ୍କୁ ଗଭୀର ଭାବେ ଚିନ୍ତିତ ଥିବାର ଲକ୍ଷ୍ୟ କରିଥିଲେ, ଏଇଥିପାଇଁ କି ଯଦି ଚାଇନା କମ୍ୟୁନିଷ୍ଟ ପାର୍ଟି ଦେଶରେ ମୁଣ୍ଡ ପିଛା ଆୟର ଅଭିବୃଦ୍ଧିରେ ସେଭଳି କୌଣସି ଉଲ୍ଲେଖଯୋଗ୍ୟ ଅଭିବୃଦ୍ଧି ଆଣି ନ ପାରେ ତେବେ ଏହା ଯାହା କିଛି ବି ସ୍ୱଳ୍ପ ବୈଧତା ହାସଲ କରିଥିଲା ତାହା ମଧ୍ୟ ଚୁଲିମୁଣ୍ଡକୁ ଚାଲିଯିବ।

ଚାଇନା ଦେଶର 'ଏକ ସନ୍ତାନ ନୀତି'ର ଫଳାଫଳ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାବ୍ୟସ୍ତ ହେଲା। ୨୦୧୭ ମସିହାରେ ନ୍ୟାଶନାଲ ବ୍ୟୁରୋ ଅଫ ଷ୍ଟାଟିଷ୍ଟିକ୍ସ ଅନୁଯାୟୀ ଚାଇନାରେ ହାରାହାରି ଶିଶୁ ଜନ୍ମହାର ଜଣେ ମହିଳା ପିଛା ୧.୬କୁ ଖସି ଆସିଲା। ଅଣସରକାରୀ ତଥ୍ୟ ଅନୁଯାୟୀ ଏହା ୧.୦୫। ଆମେରିକାରେ ଜଣେ ମହିଳା ପିଛା ହାରାହାରି ଶିଶୁ ଜନ୍ମହାର ୧.୭୭ ଓ ଭାରତରେ ୨.୨୪ ଥିଲାବେଳେ ଚାଇନାରେ ତାହା ୧.୦୫ଥିଲା, ଯାହା କି ଜନସଂଖ୍ୟା ବଦଳ ହାର ବା ପପୁଲେସନ ରିପ୍ଲେସମେଣ୍ଟ ରେଟ୍ ୨.୧୦ାରୁ ମଧ୍ୟ କମ୍ ଥିଲା। ଏକେତ ଶିଶୁ ଜନ୍ମ ହାର ୧.୬ ସେଥିରେ ପୁଣି ଝିଅମାନଙ୍କ ସଂଖ୍ୟା ବହୁତ କମ୍। ଅନ୍ୟ ଦେଶମାନଙ୍କ ପରି ଚାଇନାରେ ମଧ୍ୟ ପୁଅ ପିଲାଟେ ପାଇଁ ବାପା ମାଆମାନେ ବେଶି ଆତୁର ହୋଇଥାଆନ୍ତି। ଆମେରିକାର ୟୁନିଭରସିଟି ଅଫ ୱିସକନସିନ, ମାଡିସନର ପ୍ରଫେସର ୱାଇ ଫୁକ୍ସିଆନଙ୍କ ଗବେଷଣାରୁ ଜଣାଯାଏ ଯେ ଚାଇନାର ୬୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଜନସଂଖ୍ୟା ବୃଦ୍ଧିର ଅନୁପାତ ୨୦୧୦ରେ ୧୦ ପ୍ରତିଶତରୁ ବଢି ୨୦୫୦ ବେଳକୁ ୩୨.୬ ପ୍ରତିଶତରେ ପହଞ୍ଚିଯାଇଥିବ। ଅନୁରୂପ ଭାବେ ଭାରତବର୍ଷରେ ଏହି ଚିତ୍ର ୫.୬ ଓ ୧୪.୨ ପ୍ରତିଶତ ଓ ଆମେରିକାରେ ୧୪.୬ ଓ ୨୩.୨ପ୍ରତିଶତ ହେବ। ଚାଇନାର ଲେବର ଫୋର୍ସ ବା ଶ୍ରମ ଶକ୍ତି ଯାହାଙ୍କର ବୟସ ପ୍ରାୟତଃ ୨୦ବର୍ଷରୁ ୬୪ବର୍ଷ ମଧ୍ୟରେ ତାହା ୨୦୧୭ରେ ଏକ ବିଲିୟନରୁ ହ୍ରାସ ଘଟି ୨୦୫୦ ବେଳକୁ ୭୮୭ ନିୟୁତ ହୋଇଯାଇଥିବ। ଅତଏବ ଆଗାମୀ ଦିନମାନଙ୍କରେ ଚାଇନାରେ କ୍ରମବର୍ଦ୍ଧିଷ୍ଣୁ ଭାବେ ବୃଦ୍ଧଲୋକଙ୍କ ସଂଖ୍ୟାରେ ଅଭିବୃଦ୍ଧି ଆଶାତୀତ ଭାବେ ଘଟିଚାଲିବ।

୨୦୧୬ରେ ଚାଇନା ସରକାର ପ୍ରତ୍ୟେକ ସ୍ୱାମୀ–ସ୍ତ୍ରୀଙ୍କୁ ଦୁଇଟି ସନ୍ତାନ ଜନ୍ମ କରିବା ପାଇଁ କରିଥିବା ସୀମାରେଖାରେ ବୃଦ୍ଧି କରିଥିଲେ ମଧ୍ୟ ନବଜାତକଙ୍କ ସଂଖ୍ୟାର ଅଭିବୃଦ୍ଧିରେ ଆଶାଜନକ ସଫଳତା ହାସଲ କରାଯାଇପାରିନାହିଁ ବରଂ ଏହା ୨୦୧୬ର ପୂର୍ବବର୍ତ୍ତୀ ସ୍ଥିତି ଆଡକୁ ଖସିଯାଇଥିଲା । ଚାଇନାର 'ଏକ ସନ୍ତାନ ନୀତି' ଚାଇନାର ଶିଶୁ ଜନ୍ମ କରିବାର ମନୋଭାବକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଛି ଓ ସ୍ଥିତିକୁ ପରମ ଦୁର୍ଭାଗ୍ୟ ଆଡକୁ ଟାଣି ନେଇଯାଇଛି । ଏକାଧିକ ଯୁବ ସ୍ୱାମୀ–ସ୍ତ୍ରୀ ଅର୍ଥନୈତିକ ଓ ଜୀବନଶୈଳୀ ଦୃଷ୍ଟି କୋଣରୁ ଦୁଇଟି ସନ୍ତାନ ଜନ୍ମ କରିବାକୁ ଆଦୌ ଇଚ୍ଛା ପ୍ରକାଶ କରୁନାହାନ୍ତି । ପ୍ରଫେସର ଫୁକ୍ସିଆନ କୁହନ୍ତି ଯେ, ୨୦୧୮ ମସିହାରୁ ଚାଇନାର ଜନସଂଖ୍ୟାରେ ହ୍ରାସ ପରିଲକ୍ଷିତ ହେଲାଣି। ଚାଇନାର ଆଞ୍ଚଳିକ ସ୍ତରରେ କ୍ଷମତାରେ ଆସୀନ ଥିବା ବ୍ୟକ୍ତିମାନେ ପ୍ରକୃତ ଜନସଂଖ୍ୟା ଓ ସ୍କୁଲରେ ନାମ ଲେଖା ସଂଖ୍ୟାକୁ ମାତ୍ରାଧିକ କରି ଦର୍ଶାଇଥାନ୍ତି, ଯଦ୍ୱାରା କି ସେମାନେ କେନ୍ଦ୍ର ସରକାରଙ୍କଠାରୁ ଅଧିକ ଅର୍ଥ ଲାଭ କରିପାରିବେ। ଯଦି ଚାଇନା ତା'ର ସନ୍ତାନ ଉତ୍ପାଦିକା ଶକ୍ତିର ହାରକୁ ୧.୨ରେ ସ୍ଥିର କରି ରଖିପାରିବ ତେବେ ୨୦୫୦ବେଳକୁ ଜନସଂଖ୍ୟା ୧.୦୭ ବିଲିୟନକୁ ହ୍ରାସ ଘଟିବ ଏବଂ ୨୧୦୦ ବେଳକୁ ୪୮୦ ନିୟୁତ ହୋଇଥିବ।

ଚାଇନାରେ ଦିନ ପରେ ଦିନ ବୃଦ୍ଧତ୍ୱ ଲାଭ କରି ଚାଲୁଥିବା ଜନସଂଖ୍ୟାର ବହୁଦିଗବ୍ୟାପ୍ତ ପ୍ରଭାବ ଅନୁଭୂତ ହେବ। ଚାଇନା ତା'ର ସ୍ୱାସ୍ଥ୍ୟ, ସାମାଜିକ କଲ୍ୟାଣ ଓ ପେନ୍‌ସନ ପାଇଁ ବହୁଳ ପରିମାଣର ପୁଞ୍ଜି ଆବଶ୍ୟକ କରିବ। ଚାଇନାର ସଞ୍ଚୟ ହାରରେ ମଧ୍ୟ ହ୍ରାସ ଘଟିବ। ଦେଶରେ ଯୁବ ଶକ୍ତିର ସଂଖ୍ୟାରେ କ୍ରମାଗତ ହ୍ରାସ ଫଳରେ ମାନୁଫାକ୍‌ଚରିଂ ଓ ରପ୍ତାନି କ୍ଷେତ୍ରରେ ହ୍ରାସ ପରିଲକ୍ଷିତ ହେବ ଏବଂ ସରକାରୀ ରାଜସ୍ୱ ପରିମାଣ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ କମିଯିବ । ଏବେ ଚାଇନାରେ ବାର୍ଷିକ ମୁଣ୍ଡପିଛା ଆୟ ୧୦ହଜାର ଡଲାର। ପରନ୍ତୁ ଦିନକୁ ଦିନ ବୃଦ୍ଧଲୋକମାନଙ୍କର ସଂଖ୍ୟାରେ ଦ୍ରୁତ ଅଭିବୃଦ୍ଧି ଫଳରେ ଏବଂ ତତ୍ ସହ ଅର୍ଥନୈତିକ ଅଭିବୃଦ୍ଧି ହାରରେ ହ୍ରାସ ଘଟୁଥିବାରୁ ଚାଇନା ଆମେରିକା, ସିଙ୍ଗାପୁର, ଜାପାନ ଓ ଅନ୍ୟ ରାଷ୍ଟ୍ରମାନଙ୍କ ସହ ସମକକ୍ଷ ହେବା ପୂର୍ବରୁ ନିଜେ ଗୋଟିଏ ବୃଦ୍ଧ ରାଷ୍ଟ୍ର ହୋଇ ବିଶ୍ୱରେ ଉଭା ହୋଇଯିବ । ଚାଇନାର ସଶସ୍ତ୍ର ବାହିନୀ ଏବେ ଭୟଙ୍କର ସଂଘର୍ଷମୟ ଜୀବନ ଅତିବାହିତ କରୁଛନ୍ତି କାରଣ 'ଏକ ସନ୍ତାନ ନୀତି'ରୁ ଜନ୍ମଲାଭ କରିଥିବା ସନ୍ତାନମାନେ କଷ୍ଟସାଧ୍ୟ ପରିସ୍ଥିତି ଓ ପରିବେଶରେ ଯୁଦ୍ଧ କରିବା ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ବୋଲି ପ୍ରାୟତଃ ସାବ୍ୟସ୍ତ ହେଉଛନ୍ତି।

ଜନସଂଖ୍ୟାରେ ହ୍ରାସ କ'ଣ ଚାଇନାରେ ଏକ ଅଧିକତର ଧନୀ ସମାଜ ସୃଷ୍ଟି କରିବ? ଜାପାନର ବରିଷ୍ଠ ଅର୍ଥନୀତିଜ୍ଞ ପ୍ରଫେସର ହିସାକାଜୁ କାଟୋ କୁହନ୍ତି, ଜାପାନର ଅଭିଜ୍ଞତା ଅନୁଯାୟୀ ଏହା ଆଦୌ ସମ୍ଭବପର ନୁହେଁ। ଏହାର କାରଣ ହେଲା ଏକ କ୍ଷୁଦ୍ର ଜନସଂଖ୍ୟା ନାନାବିଧ ମାନବୀୟ ଗ୍ରୁପଙ୍କ ମଧ୍ୟରେ ବୌଦ୍ଧିକ ଭାବାବେଗ ବିନିମୟରେ ହ୍ରାସ ଘଟାଇଥାଏ ଏବଂ ତତ୍‌ସହ ଦେଶରେ 'ଗ୍ରେଟ ଇନୋଭେଟର୍ସ' ବା ପ୍ରଖ୍ୟାତ ନବଭାବର ପ୍ରବର୍ତ୍ତକ ସୃଷ୍ଟି କରିବାର ସୁଯୋଗରେ ମଧ୍ୟ ହ୍ରାସ ପରିଲକ୍ଷିତ ହୋଇଥାଏ। ଚାଇନା ତା'ର ଦ୍ରୁତ ଟି.ଏଫ୍.ପି. ଅଭିବୃଦ୍ଧିକୁ ହାସଲ କରିସାରିଲାଣି ଏବଂ ଏହା ପଛର ମୂଳ କାରଣଟି ହେଲା ଚାଇନା ଦେଶାନ୍ତର ଗମନ କରୁଥିବା ତା'ର ବହୁସଂଖ୍ୟକ ଶ୍ରମିକଙ୍କୁ କୃଷିକ୍ଷେତ୍ରରୁ ଆଣି ମାନୁଫାକ୍‌ଚରିଂ କ୍ଷେତ୍ରରେ ବିନିଯୋଗ କଲା ଏବଂ ରାଜ୍ୟ ମାଲିକାନାରେ ଥିବା ଉଦ୍ୟୋଗ, ହାଉସିଂ ଓ ଅନ୍ୟାନ୍ୟ ସେକ୍ଟରଗୁଡ଼ିକରେ ସଂସ୍କାର ବ୍ୟବସ୍ଥାର ପ୍ରଚଳନ କଲା। ୧୯୮୦ଦଶକରେ ଚାଇନାର ଟୋଟାଲ ଫ୍ୟାକ୍ଟର ପ୍ରଡକ୍ଟିଭିଟି (ଟି.ଏଫ୍.ପି.) ବାର୍ଷିକ ୫ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କଲା ଓ ୧୯୯୧–୯୫ ମଧ୍ୟରେ ମଧ୍ୟ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କଲା। କିନ୍ତୁ ୧୯୯୫ରୁ ୨୦୧୦ମଧ୍ୟରେ ଏହା ୪ପ୍ରତିଶତକୁ ଏବଂ ୨୦୧୦ରୁ ୨୦୧୫ ମଧ୍ୟରେ ଏହା ୨ ପ୍ରତିଶତକୁ ଖସି ଆସିଲା। ପରବର୍ତ୍ତୀ ସମୟରେ ଏହା ଆହୁରି ତଳକୁ ତଳକୁ ଖସି ଆସିଲା।

ଟି.ଏଫ୍.ପି.ର ଅଭିବୃଦ୍ଧିରେ ତିନୋଟି ଫ୍ୟାକ୍ଟର ଅତ୍ୟନ୍ତ କ୍ରିଟିକାଲ ବୋଲି ପରିଗଣିତ ହୋଇଥାଏ, ଯଥା– ମାର୍କେଟ ରିଫର୍ମ ବା ବଜାର କ୍ଷେତ୍ରରେ ସଂସ୍କାର, ଶାସନ ତନ୍ତ୍ର ବା ଶାସନ ପଦ୍ଧତିରେ ଉତ୍କର୍ଷ ସାଧନ ଏବଂ ମାନୁଫାକ୍‌ଚରିଂ ଓ ସର୍ଭିସ କ୍ଷେତ୍ରରେ ମାନବିକ ଦକ୍ଷତାରେ ଉନ୍ନତି। ବହୁ ଅର୍ଥନୀତିଜ୍ଞ ଯୁକ୍ତି ବାଢିଥାନ୍ତି ଯେ ଟି.ଏଫ୍.ପି.ର ଅଭିବୃଦ୍ଧିରେ ଦ୍ରୁତ ଉନ୍ନତି କ୍ଷିପ୍ର ଏବଂ ଉଦାର ଅର୍ଥନୈତିକ ସଂସ୍କାର ପ୍ରକ୍ରିୟା ସହ ଜଡିତ। ଚାଇନା କ୍ଷେତ୍ରରେ ରାଷ୍ଟ୍ରପତି ଜୀ ଜିନପିଙ୍ଗ ବଜାର ସଂସ୍କାର ଏବଂ ଦ୍ରବ୍ୟର କ୍ରୟ ଓ ବ୍ୟବହାରରେ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ହେଲେ ପ୍ରକୃତପକ୍ଷେ ସେଭଳି କୌଣସି ପ୍ରଗତି ଦୃଷ୍ଟିଗୋଚର ହୋଇନାହିଁ ବିଶେଷ କରି ସେବା କ୍ଷେତ୍ର ବ୍ୟାଙ୍କିଙ୍ଗ୍, ଇନ୍ସୁରାନ୍ସ, ଶିକ୍ଷା ଅବା ଏକ ସ୍ୱତନ୍ତ୍ର ଲିଗାଲ୍ ବ୍ୟବସ୍ଥା ପ୍ରତିଷ୍ଠା କରି କଣ୍ଟ୍ରାକ୍ଟ ଅବା ଏକ ସୃଜନଶକ୍ତି ସମ୍ପନ୍ନ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ ଆଶାନୁରୂପ ଫଳପ୍ରଦାନ କରିପାରିନାହିଁ। ୨୦୦୮ ପରେ ଚାଇନାର ଅର୍ଥନୈତିକ ଅଭିବୃଦ୍ଧି କ୍ରମାଗତ ଭାବେ ପ୍ରଚୁର ସରକାରୀ ପୁଞ୍ଜିନିବେଶ ଦ୍ୱାରା ହିଁ ପରିଚାଳିତ ହୋଇଅଛି, ଯାହା କି ଏକାଧିକ ଅଫଳପ୍ରଦ ସମ୍ପତ୍ତିର ସୃଷ୍ଟିରେ ସହାୟକ ହୋଇଅଛି।

ଚାଇନାର ରାଷ୍ଟ୍ରପତି ଜୀ.ଜିନପିଙ୍ଗଙ୍କ ପ୍ରଶାସନ ସଂସ୍କାର ଦିଗରେ ଆଦୌ ଅଗ୍ରସର ହେଉନାହିଁ, ଯେଉଁ ସଂସ୍କାର ବ୍ୟବସ୍ଥା କି ବିକଶିତ ରାଷ୍ଟ୍ରମାନଙ୍କୁ ମର୍ଯ୍ୟାଦାର ସହ ଉଚ୍ଚଆସନ ପ୍ରଦାନ କରିପାରିଛି । ଚାଇନା ତା'ର ନିଜର ସ୍ୱତନ୍ତ୍ର ଏଜେଣ୍ଡା ପ୍ରଣୟନ କରୁଛି, ଯାହା କି ମୁଖ୍ୟତଃ ପ୍ରଶାସନିକ ଓ ଅମଲାତନ୍ତ୍ରିକ ସ୍ତରର ଅଭିବୃଦ୍ଧିରେ ସୀମିତ ଏବଂ ତାହା ଆନୁଷଙ୍ଗିକ ଭାବେ ଅର୍ଥନୀତି ଉପରେ କମ୍ୟୁନିଷ୍ଟ ପାର୍ଟିର ନିୟନ୍ତ୍ରଣକୁ ସାବ୍ୟସ୍ତ କରୁଛି। ଏପରି କି ବହୁ ଚୀନୀୟ ଅର୍ଥନୈତିଜ୍ଞ ରାଷ୍ଟ୍ରପତି ଜୀ.ଜିନପିଙ୍ଗଙ୍କ ପରିଯୋଜନା ଯାହା କି ଟୋଟାଲ ଫ୍ୟାକ୍ଟର ପ୍ରଡକ୍ଟିଭିଟି ଓ ଉଚ୍ଚତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ ତାକୁ ନେଇ ଗଭୀର ସନ୍ଦିହାନ। ଯେହେତୁ ଆଗାମୀ ଦିନରେ ଚାଇନାରେ ବୁଢା ଲୋକଙ୍କ ସଂଖ୍ୟା କ୍ରମାଗତ ଭାବେ ବଢି ବଢି ଚାଲିବ, ଅର୍ଥନୈତିକ ରୂପରେଖ ମଧ୍ୟ ଜଟିଳରୁ ଜଟିଳତର ହେବ ଓ ସମସ୍ୟାର ଚକ୍ରବ୍ୟୂହ ମଧ୍ୟରେ ପଡି ଚାଇନା ନିଷ୍ପେଷିତ ଓ ଜର୍ଜରିତ ହେବାକୁ ବାଧ୍ୟ ହେବ।

ବି /୩, ଏଚ.ଆଇ.ଜି. କଲୋନୀ, ବରମୁଣ୍ଡା
ହାଉସିଂ ବୋର୍ଡ, ଭୁବନେଶ୍ୱର
ମୋ–୯୩୩୮୨୦୪୯୯୩

# ବିପଦରେ ସେଲ୍‌ଫି ଫଟୋମାନିଆ



ଦିଲ୍ଲୀପ କୁମାର ମହାରଣା

ଏବେ ଏକ ନୂଆ ପ୍ରକାର ଦୁର୍ଘଟଣାର ସଂଖ୍ୟାରେ ଭାରତ ପୃଥିବୀରେ ଏକ ନମ୍ବର ସ୍ଥାନ ଅଧିକାର କରିଛି। ତାହା ହେଲା ସେଲ୍‌ଫି ନେଉଥିବା ବେଳେ ହେଉଥିବା ଅକସ୍ମାତ ଦୁର୍ଘଟଣା। ଗତ ବର୍ଷ ଏଭଳି ଦୁର୍ଘଟଣାରେ ଭାରତରେ ମରିଛନ୍ତି ୯୪ଜଣ। ସେଲ୍‌ଫି ପ୍ରମତ୍ତମାନେ ଏଭଳି ଘଟଣାରେ ନିଜ ପରିପାର୍ଶ୍ୱ ପ୍ରତି ଦୃଷ୍ଟି ନ ଦେଇ କେତେବେଳେ ପାହାଡ଼ ଚୂଡ଼ାରୁ ଖସି ପଡ଼ିଛନ୍ତି ତ କେତେବେଳେ ହ୍ରଦରେ ବୁଡ଼ିଯାଇଛନ୍ତି, ପଛରୁ ଆସୁଥିବା ରେଳଗାଡ଼ି ସାମନାରେ ସେଲ୍‌ଫି ନେଲାବେଳେ କେଉଁ ଯୁବକ ପ୍ରାଣ ହରାଇଛି ତ ଡଙ୍ଗାର ଚୂଳ ଉପରକୁ ଚଢ଼ି ସେଲ୍‌ଫି ନେଲା ବେଳକୁ ଡଙ୍ଗା ଓଲଟି ଯିବାରୁ ପ୍ରାଣ ଯାଇଛି। ଏଭଳି ଦୁର୍ଘଟଣା ବିଶେଷ ଭାବେ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଅଧିକ ହେଉଥିବାରୁ କେନ୍ଦ୍ର ସରକାର ସବୁ ରାଜ୍ୟ ଲାଗି ଏଭଳି ବିପଦପୂର୍ଣ୍ଣ ସେଲ୍‌ଫି ପଏଣ୍ଟ ସବୁ ଚିହ୍ନଟ କରିବା ଲାଗି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଇ କ୍ରମରେ ଆମ ରାଜ୍ୟ ପର୍ଯ୍ୟଟନ ବିଭାଗ ରାଜ୍ୟର କୋଡିଏଟି ପର୍ଯ୍ୟଟନସ୍ଥଳୀ ଚିହ୍ନଟ କରିଛନ୍ତି। ସେଗୁଡ଼ିକ ସେଲ୍‌ଫି ବିପଦ ସ୍ଥାନ ରୂପେ ଚିହ୍ନିତ ହୋଇଛି। ସେଠାରେ ଜିଲା ପ୍ରଶାସନ ପକ୍ଷରୁ ସତର୍କ ସୂଚନା ସମ୍ବଳିତ ବୋର୍ଡ ଲଗାଯିବା ସହିତ ପର୍ଯ୍ୟଟକମାନଙ୍କୁ ସାବଧାନ କରିବା ଲାଗି ଡାକବାଜି ଯୋଗେ ମୁହୂର୍ତ୍ତ ପ୍ରଚାର କରାଯିବାର ବ୍ୟବସ୍ଥା କରାଯାଉଛି। ଏଇସବୁ ସ୍ଥାନ ଭିତରେ ରହିଛି ଡୁଡୁମା, ଖଣ୍ଡାଧାର, ସାନ ଓ ବଡ଼ ଘାଘରା ଭଳି ଜଳପ୍ରପାତ, କୋଣାର୍କ ସୂର୍ଯ୍ୟମନ୍ଦିର, ଖଣ୍ଡଗିରି, ଉଦୟଗିରି ତଥା ଧଉଳିଗିରି ଭଳି କିଛି ସ୍ଥାନ। ସେଇ କ୍ରମରେ ଆମ ରାଜ୍ୟର କିଛି ଚମତ୍କାର ଏବଂ ଅତି ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଏକ ନୂଆ ପରିଚିତି ଲାଭ କରିଛନ୍ତି। ନିଜ ଚେହେରାରେ ଆତ୍ମବିଭୋର ହେବା ଆଜିର ପ୍ରବୃତ୍ତି ନୁହେଁ। ପ୍ରାକ୍ ଐତିହାସିକ ଯୁଗରେ ଗ୍ରୀକ୍ ପୁରାଣର ନାର୍ସିସସ୍ ନିଜ ଚେହେରାରେ ଆତ୍ମ ବିଭୋର ହୋଇ ନିଜ ପ୍ରତିବିମ୍ବକୁ ଆଲିଙ୍ଗନ କରିବା ଲାଗି ନଈକୁ ଡେଇଁ ପଡ଼ି ମୃତ୍ୟୁବରଣ କରିଥିବା କଥା ଏକ ଗପ ଭଳି ସମସ୍ତେ ଜାଣନ୍ତି। ଏବେ ନିଜ ରୂପରେ ଆତ୍ମ ବିଭୋର ହେବା କ୍ରମରେ ସେଲ୍‌ଫି ଏକ ନୂଆ ସଂସ୍କୃତିକୁ ଜନ୍ମ ଦେଇଛି। ଏଇ ସଂସ୍କୃତିରେ ଆତ୍ମ ବିସ୍ମୃତ ହେବାର ପ୍ରବଣତା ଏହାକୁ ଏକ ବିପଦପୂର୍ଣ୍ଣ କାର୍ଯ୍ୟରେ ପରିଣତ କଲାଣି। ଉପସଂହାରରେ କେବଳ ଏତିକି କୁହାଯାଇପାରେ ଉନ୍ମାଦନାର କ୍ଷଣରେ ଅନେକ ସମୟରେ ସତର୍କତାର ସୂଚନା ଦେବାକୁ ନଜରଅନ୍ଦାଜ କରିଦିଆଯାଏ। ସେଥିଲାଗି ବିଭିନ୍ନ ବେଳାଭୂମି, ଜଳପ୍ରପାତ ଆଦି ଏବେ ବିପଦପୂର୍ଣ୍ଣ ସ୍ଥାନ ଭାବେ ପରିଗଣିତ ହେଲେଣି। କିନ୍ତୁ ଭିତରେ ବିଚାର କଲେ ଏଭଳି ସ୍ଥାନ ବିପଦପୂର୍ଣ୍ଣ ହେବାରେ ସେଇ ସ୍ଥାନ ଯେତିକି ଦାୟୀ ନୁହେଁ, ଅଧିକ ଦାୟୀ ଆତ୍ମବିସ୍ମୃତ ପର୍ଯ୍ୟଟକ। ତେଣୁ ସେଲ୍‌ଫି ନିଶାଗ୍ରସ୍ତମାନେ ସଚେତନ ରହିବା ଦରକାର। କାରଣ ସେମାନଙ୍କ ଲାଗି ବର୍ଷ ବର୍ଷ ଧରି ନିରୀହ ଆନନ୍ଦର ଉତ୍ସ ହୋଇଥିବା ମନୋରମ ସ୍ଥାନ ତଥା ଐତିହ୍ୟ ପୀଠ ସବୁ ସେଲ୍‌ଫି ବିପଦ କେନ୍ଦ୍ରର ଆଖ୍ୟା ପାଇଲେଣି। ଏଇଭଳି ନୂତନ ପରିଚୟ ନେଇ ଆଉ ଅଧିକ ସଂଖ୍ୟକ ପର୍ଯ୍ୟଟନ ସ୍ଥଳଙ୍କ ଆବିର୍ଭାବ ନ ହେଉ।

ଓଡ଼ିଶାର ୨୦ଟି ପର୍ଯ୍ୟଟନସ୍ଥଳୀକୁ ରାଜ୍ୟ ସରକାର ସେଲ୍ଫି ଡେଞ୍ଜର ଜୋନ୍ ଭାବେ ଘୋଷଣା କରିଛନ୍ତି। ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସେଲ୍ଫି ଉଠାଇବା ସମୟରେ ଘଟୁଥିବା ଦୁର୍ଘଟଣାକୁ ଏଡ଼ାଇବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଏ ନେଇ ଗତ ଅଗଷ୍ଟରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟର ସରକାରଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ଓଡ଼ିଶାରେ ସେଲ୍ଫି ଉଠାଇବା ଲାଗି ବିପଜ୍ଜନକ ଥିବା ୨୦ଟି ସ୍ଥାନକୁ ଚିହ୍ନଟ କରାଯାଇଛି, ଯାହା ମଧ୍ୟରେ ରହିଛି ପାହାଡ଼, ପର୍ବତ, ନଦୀ, ଝରଣା, ସମୁଦ୍ର ଭଳି ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଉକ୍ତ ସ୍ଥାନଗୁଡ଼ିକରେ ବ୍ୟାରିକେଡ କରି କୌଣସି ପ୍ରକାର ଦୁର୍ଘଟଣାକୁ ଏଡ଼ାଇବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ଜିଲାର ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ କିଛି ବର୍ଷ ମଧ୍ୟରେ ସେଲ୍ଫି ଉଠାଇବା ସମୟରେ ଅକସ୍ମାତ ଦୁର୍ଘଟଣା ଘଟି ଦେଶରେ ବହୁ ଯୁବତୀ ଯୁବକଙ୍କ ମୃତ୍ୟୁ ଘଟିଛି। ବିଶେଷକରି ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ବିପଜ୍ଜନକ ଅବସ୍ଥାରେ ସେଲ୍ଫି ନେଇ ବହୁଲୋକ ପ୍ରାଣ ହରାଇଛନ୍ତି, ଯାହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏଭଳି ଦୁର୍ଘଟଣା ଏଡ଼ାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଏ ନେଇ ରାଜ୍ୟ ସରକାରମାନଙ୍କୁ ସେଲ୍ଫି ନେବାରେ ବିପଜ୍ଜନକ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଆଧାର କରି ରାଜ୍ୟ ପର୍ଯ୍ୟଟନ ବିଭାଗ ମୋଟ ୨୦ଟି ସ୍ଥାନକୁ ସେଲ୍ଫି ଡେଞ୍ଜର ଜୋନ୍ ଭାବେ ଘୋଷଣା କରିଛନ୍ତି। ଏଥିରେ ଚିଲିକା ହ୍ରଦ, କୋଣାର୍କ ସୂର୍ଯ୍ୟମନ୍ଦିର, ଧଉଳି ଶାନ୍ତିସ୍ତୂପ, ଡୁଡୁମା, ବରେଇପାଣୀ ଭଳି ଜଳପ୍ରପାତ, ଭିତରକନିକା ଜାତୀୟ ଅଭୟାରଣ୍ୟ, ଖଣ୍ଡଗିରି, ଉଦୟଗିରି ଭଳି ସ୍ଥାନ ରହିଛି। ଏହି ସ୍ଥାନଗୁଡ଼ିକରେ ବ୍ୟାରିକେଡ୍ କରାଯିବା ସହ ପର୍ଯ୍ୟଟକଙ୍କୁ ସଚେତନ କରିବାକୁ ଏକାଧିକ ବୋର୍ଡ ଲାଗିବ। ଏହାବ୍ୟତୀତ ଟୁରିଷ୍ଟ ଗାଇଡ଼ମାନଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯିବ, ଯାହାଦ୍ୱାରା ସେମାନେ ଉକ୍ତ ସ୍ଥାନରେ ସେଲ୍ଫି ନେବାକୁ ପର୍ଯ୍ୟଟକଙ୍କୁ ବାରଣ କରିବେ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଥାଉ କି ଓଡ଼ିଶାରେ ସେଲ୍ଫିଜନିତ ଦୁର୍ଘଟଣା ବିଶେଷ ହୋଇ ନ ଥିଲେ ମଧ୍ୟ ଏଥିଲାଗି ଜଣେ ଯୁବକଙ୍କ ପ୍ରାଣହାନି ଘଟିଥିଲା। ଗତ ମାର୍ଚ୍ଚ ମାସରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଥିବା ଘୁମରେଶ୍ୱର ପୀଠରେ ମୋବାଇଲ ଫୋନ୍‌ରେ ସେଲ୍ଫି ନେଉଥିବା ସମୟରେ ଜଣେ ଯୁବକ ୩୦ଫୁଟ ତଳକୁ ଖସି ଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଥିଲା। ଏହାବ୍ୟତୀତ ପୁରୀ ସମୁଦ୍ର କୂଳ ଓ କେତେକ ଜଳପ୍ରପାତରେ ସେଲ୍ଫି ନେଉଥିବା ସମୟରେ ବହୁ ପର୍ଯ୍ୟଟକ ଆହତ ହୋଇଥିବା ନେଇ ମଧ୍ୟ ସୂଚନା ମିଳିଛି। ଏପରି କି ମହାଶିବରାତ୍ରି ଅବସରରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଉପରକୁ ମହାଦୀପ ଉଠାଉଥିବା ସମୟରେ କେତେଜଣ ସେବାୟତ ସେଲ୍ଫି ନେବାର ଦୃଶ୍ୟ ଦେଖିବାକୁ ମିଳିଥିଲା, ଯାହାକୁ ନେଇ ପରବର୍ତ୍ତୀ ସମୟରେ ବିବାଦ ଉଠିଥିଲା। ଉପସଂହାରରେ କେବଳ ଏତିକି କୁହାଯାଇପାରେ ଉନ୍ମାଦନାର କ୍ଷଣରେ ଅନେକ ସମୟରେ ସତର୍କତାର ସୂଚନା ଦେବାକୁ ନଜରଅନ୍ଦାଜ କରିଦିଆଯାଏ। ସେଥିଲାଗି ବିଭିନ୍ନ ବେଳାଭୂମି, ଜଳପ୍ରପାତ ଆଦି ଏବେ ବିପଦପୂର୍ଣ୍ଣ ସ୍ଥାନ ଭାବେ ପରିଗଣିତ ହେଲେଣି। କିନ୍ତୁ ଭିତରେ ବିଚାର କଲେ ଏଭଳି ସ୍ଥାନ ବିପଦପୂର୍ଣ୍ଣ ହେବାରେ ସେଇ ସ୍ଥାନ ଯେତିକି ଦାୟୀ ନୁହେଁ, ଅଧିକ ଦାୟୀ ଆତ୍ମବିସ୍ମୃତ ପର୍ଯ୍ୟଟକ। ତେଣୁ ସେଲ୍‌ଫି ନିଶାଗ୍ରସ୍ତମାନେ ସଚେତନ ରହିବା ଦରକାର। କାରଣ ସେମାନଙ୍କ ଲାଗି ବର୍ଷ ବର୍ଷ ଧରି ନିରୀହ ଆନନ୍ଦର ଉତ୍ସ ହୋଇଥିବା ମନୋରମ ସ୍ଥାନ ତଥା ଐତିହ୍ୟ ପୀଠ ସବୁ ସେଲ୍‌ଫି ବିପଦ କେନ୍ଦ୍ରର ଆଖ୍ୟା ପାଇଲେଣି। ଏଇଭଳି ନୂତନ ପରିଚୟ ନେଇ ଆଉ ଅଧିକ ସଂଖ୍ୟକ ପର୍ଯ୍ୟଟନ ସ୍ଥଳଙ୍କ ଆବିର୍ଭାବ ନ ହେଉ।

ଶିଖରପୁର ଉପରସାହି, କଟକ,
ମୋ:୯୪୩୮୫୮୩୨୮୯

## ଏଇ ଭାରତରେ

କୋଭିଡ୍ ସହ ସଂଗ୍ରାମ କରି ଜୀବନ ବଞ୍ଚାଇ ପାରିଥିବା ଜଣେ ଯୁବକ ଏବେ କୋଭିଡ୍ ରୋଗୀଙ୍କ ସେବାରେ ଲାଗିଛନ୍ତି । ଯୁବକଙ୍କ ନାମ ମହେନ୍ଦ୍ର ରେଡ୍ଡୀ। ବୟସ ୩୯। ରହନ୍ତି ହାଇଦ୍ରାବାଦରେ । କୋଭିଡ–୧୯ରେ ଆକ୍ରାନ୍ତ ହୋଇ ସୁସ୍ଥ ହେବା ପରେ ତାଙ୍କ ବାଇକରେ ଅନ୍ୟ ଆକ୍ରାନ୍ତଙ୍କୁ ହସ୍ପିଟାଲରେ ପହଞ୍ଚାଉଛନ୍ତି। ସେ କୋଭିଡରୁ ବଞ୍ଚିଗଲେ ସିନା ତାଙ୍କ ଭାଗୀଦାରି ବ୍ୟବସାୟୀ ବନ୍ଧୁ କିନ୍ତୁ ଚାଲିଗଲେ ଆରପାରିକୁ । ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚି ନ ପାରିବାରୁ ତାଙ୍କ ଜୀବନ ଚାଲିଗଲା । ଏହାପରେ ଅନ୍ୟ କେହି ଏଭଳି ପରିସ୍ଥିତିର ସାମ୍ନା ନ କରନ୍ତୁ ସେଥିପାଇଁ ମହେନ୍ଦ୍ର ଆକ୍ରାନ୍ତଙ୍କଠାରୁ ଖବର ପାଇବା କ୍ଷଣି ବାଇକରେ ନେଇ ବଞ୍ଜାରାହିଲ୍‌ସ୍ଥ ଟାଇମ୍ସ କ୍ଲିନିକରେ ପହଞ୍ଚାଇ ଦେଉଛନ୍ତି । ଚିକିତ୍ସା ଓ ସୁସ୍ଥତା ଲାଭ ଲାଗି ମନୋବଳ ଦୃଢ଼ କରିବାକୁ ଆକ୍ରାନ୍ତମାନଙ୍କୁ ଆଶ୍ୱାସନା ଦେଉଛନ୍ତି । ଗତ ତିନି ମାସ ମଧ୍ୟରେ ସେ ୧୦୦ ଜଣ ଆକ୍ରାନ୍ତଙ୍କୁ ହସ୍ପିଟାଲରେ ପହଞ୍ଚାଇ ସାରିଲେଣି । ତାଙ୍କର ଏଭଳି ସେବା ସମ୍ପର୍କରେ ସେ ପ୍ରଚାର କରି ଲୋକମାନଙ୍କୁ ଜଣାଉନାହାନ୍ତି କି କୌଣସି ସୋସିଆଲ ମିଡିଆର ସାହାଯ୍ୟ ନେଉନାହାନ୍ତି । ବରଂ ସାଙ୍ଗସାଥୀ କିମ୍ବା ଆକ୍ରାନ୍ତଙ୍କ ପରିବାରଠାରୁ ଖବର ପାଇଲେ ବାଇକ୍ ଧରି ପହଞ୍ଚି ଯାଉଛନ୍ତି । ଏଥିପାଇଁ କାହାଠାରୁ କିଛି ଅର୍ଥ ନେଉନାହାନ୍ତି। ବରଂ ଯେଉଁମାନଙ୍କ ପାଖରେ ଟଙ୍କା ନାହିଁ ସେମାନଙ୍କୁ ସାହାଯ୍ୟ କରୁଛନ୍ତି । ମହେନ୍ଦ୍ର ରିୟଲ ଇଷ୍ଟେଟରେ କାର୍ଯ୍ୟ କରିବା ସହ ଗୋଟିଏ ଛାତ୍ରୀ ହଷ୍ଟେଲର ପରିଚାଳନା କରୁଛନ୍ତି। କୋଭିଡ୍ ସଂକ୍ରମଣ ନ କମିବା ଯାଏ ଏଭଳି କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି।

## ସାପ୍ତାହିକ ପଞ୍ଜିକା

**ଅକ୍ଟୋବର ୪:** ଆସନ୍ତା ବର୍ଷ ଜୁଲାଇ ସୁଦ୍ଧା ୨୦ରୁ ୨୫ କୋଟି କୋଭିଡ୍ ଟିକା ଦିଆଯିବ ବୋଲି କେନ୍ଦ୍ର ସରକାର କହିଛନ୍ତି।

**ଅକ୍ଟୋବର ୬:** କୋଇଲା ଖଣି ଆବଣ୍ଟନ ଦୁର୍ନୀତି ମାମଲାରେ ଦିଲୀପ ରାୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଦିଲ୍ଲୀର ଏକ ସ୍ୱତନ୍ତ୍ର ଅଦାଲତ।

**ଅକ୍ଟୋବର ୭:** ଜିନ୍ ଏଡିଟିଂ ଟେକନିକ ବିକାଶ ପାଇଁ ଇମାନୁଏଲ ଗର୍ପେଣିୟର ଓ ଜେନିଫର ଡୁଡନାଙ୍କୁ ରସାୟନ ବିଜ୍ଞାନରେ ନୋବେଲ।

**ଅକ୍ଟୋବର ୮:** କେନ୍ଦ୍ର ଉପଭୋକ୍ତା, ଖାଦ୍ୟ ଓ ସାଧାରଣ ବଣ୍ଟନ ବ୍ୟାପର ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପରଲୋକ।

## ଚିରନ୍ତନୀ

ଉଚ୍ଛୁଳିଲା ଗୀତ ବରଷା ବାଆର ପୁଲକେ
ଥରି ଥରି
ବଜ୍ର ବିଜୁଳି ଦୂର ଗଗନର ମୂଳକେ
ଗଲା ମରି। –(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅତିଥି ଭବନ ନିର୍ମାଣ ହେଉ

ମହାଶୟ,

ରାଜ୍ୟକୁ ଆସୁଥିବା ଅତିଥିମାନଙ୍କ ପାଇଁ ଅତିଥି ଭବନ ନିର୍ମାଣ ହେଉ। ଯେପରି ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ କିମ୍ବା କୌଣସି ଦେଶର ଆଗନ୍ତୁକ ପରିଭ୍ରମଣରେ ଆସିଲେ ରହଣି ସୁବିଧା ମିଳିପାରିବ। ସେହିପରି ବିଶ୍ୱକପ୍ କିମ୍ବା ରଣଜୀ ଟ୍ରଫି ପାଇଁ ରାଜ୍ୟ ବାହାରର ଦର୍ଶକମାନଙ୍କ ପାଇଁ ସହାୟକ ହୋଇପାରିବ। ଷ୍ଟାଡ଼ିୟମ ନିକଟରେ ପଞ୍ଚତାରକା ହୋଟେଲ ବ୍ୟବସ୍ଥା କରାଯାଉ। ଭୁବନେଶ୍ୱରକୁ ଯିବାଆସିବା ଆବଶ୍ୟକ ହେବ ନାହିଁ। ବଡ଼ ସହରର ଢାଞ୍ଚାରେ ଅଟ୍ଟାଳିକା ଆଧୁନିକ ମୋଡ୍‌ରେ ହେଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୨୦୫୦ ସୁଦ୍ଧା ଭାରତ ତୃତୀୟ ବୃହତ୍ତ ଅର୍ଥ ବ୍ୟବସ୍ଥା:ଲ୍ୟାନସେଟ୍**

୨୦୫୦ ସୁଦ୍ଧା ଭାରତ ଜାପାନକୁ ଟପି ବିଶ୍ୱର ତୃତୀୟ ବୃହତ୍ତ ଅର୍ଥ ବ୍ୟବସ୍ଥା ହେବ ବୋଲି ମେଡିକାଲ ଜର୍ଣ୍ଣାଲ ଲ୍ୟାନସେଟ୍ ପକ୍ଷରୁ ଆକଳନ କରାଯାଇଛି। ଭାରତ ଏହି ସ୍ଥାନରେ ୨୧୦୦ ଯାଏ ରହିବା ନେଇ ରିପୋର୍ଟରେ ପ୍ରକାଶ ପାଇଛି। କାର୍ଯ୍ୟରତ ଶ୍ରମ ଶକ୍ତିକୁ ନେଇ ଏଭଳି ଜିଡିପି ଆକଳନ କରାଯାଇଛି।



## ସଂକ୍ଷେପରେ

### ଡିଜିଟାଲ ନେଣଦେଣରେ ଉଲ୍ଲେଖନୀୟ ଅଭିବୃଦ୍ଧି

**ନୂଆଦିଲ୍ଲୀ,୧୧।୧୦:** ଗତ ୫ ବର୍ଷରେ ଡିଜିଟାଲ ନେଣଦେଣରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ଅର୍ଥ ବ୍ୟବସ୍ଥାରେ ନଗଦ କାରବାରକୁ କମାଇବା ଲାଗି ରିଜର୍ଭ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଏଭଳି କାର୍ଯ୍ୟକ୍ରମର ସୁଫଳ ଦେଖିବାକୁ ମିଳିଥିବା ରିଜର୍ଭ ବ୍ୟାଙ୍କ ମତ ରଖିଛି। କେନ୍ଦ୍ରୀୟ ବ୍ୟାଙ୍କର ଡାଟା ମୁତାବକ ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ଡିଜିଟାଲ ନେଣଦେଣ ୫୫.୧% ବଢ଼ିଛି। ବାର୍ଷିକ ଚକ୍ରବୃଦ୍ଧି ହାରରେ ଏହା ବଢ଼ୁଥିବା କେନ୍ଦ୍ରୀୟ ବ୍ୟାଙ୍କ କହିଛି। ୨୦୧୬ ମାର୍ଚ୍ଚରେ ଡିଜିଟାଲ ନେଣଦେଣ ୫୯୩ କୋଟି ସଂଖ୍ୟକ ନେଣଦେଣ ରହିଥିଲା। ଏହା ୨୦୨୦ ମାର୍ଚ୍ଚରେ ୩୪୩୪ କୋଟି ସଂଖ୍ୟକକୁ ବଢ଼ିଛି। ଏହି ନେଣଦେଣର ମୂଲ୍ୟ ୯୨୦.୩୮ ଲକ୍ଷ କୋଟିରୁ ୧୬୨୩.୦୫ ଲକ୍ଷ କୋଟି ଟଙ୍କାକୁ ବଢ଼ିଛି। ବାର୍ଷିକ ଚକ୍ରବୃଦ୍ଧି ହାର ୧୫.୨% ରହିଛି।

### ବିତରଣ କମ୍ପାନୀଙ୍କ ବକେୟା ୨୭% ବଢ଼ିଲା

**ନୂଆଦିଲ୍ଲୀ,୧୧।୧୦:** ବିଦ୍ୟୁତ ବିତରଣ କମ୍ପାନୀଗୁଡିକ ଉପରେ ବକେୟା ୨୭% ବଢ଼ି ୧.୩୩ ଲକ୍ଷ କୋଟି ଟଙ୍କା ଛୁଇଁଛି। ଚଳିତ ବର୍ଷ ଅଗଷ୍ଟ ଶେଷ ସୁଦ୍ଧା ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀଗୁଡିକ ଲାଭ କରିନାହାନ୍ତି। ଅର୍ଥାତ ବିତରଣ କମ୍ପାନୀଗୁଡିକ ଏହି ରାଶି ପଇଠ କରିବାକୁ ସକ୍ଷମ ହୋଇନାହାନ୍ତି। ଫଳରେ ଉତ୍ପାଦନକାରୀ କମ୍ପାନୀଗୁଡିକ ଉପରେ ଚାପ ପଡୁଥିବା ନଜରକୁ ଆସିଛି। ୨୦୧୯ ଅଗଷ୍ଟରେ ଏହି ରାଶି ୧୬,୯୬୩ କୋଟି ଟଙ୍କା ରହିଥିଲା ବୋଲି ପ୍ରାପ୍ତି ପୋର୍ଟାଲରୁ ତଥ୍ୟ ସାମ୍ନାକୁ ଆସିଛି।

### ଏମ୍ଏସଏମ୍ଇର ବ୍ରାଣ୍ଡିଂ ଶୀର୍ଷକ ୱେବିନାର

**ଭୁବନେଶ୍ୱର,୧୧।୧୦:** ଏମ୍ଏସଏମ୍ଇର ବ୍ରାଣ୍ଡିଂ ଜନିତ ସମସ୍ୟାର ସମାଧାନ ଶୀର୍ଷକ ଏକ ୱେବିନାର ସଂକେତ କମ୍ୟୁନିକେସନ୍ସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶାର ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ସମୃଦ୍ଧ କରିବାକୁ ଉଦ୍ୟମ ଜାରି ରହିଥିବା ସଂକେତ କମ୍ୟୁନିକେସନ୍ସର ଏମ୍ଡି ଶୁଭାଶିଷ ତ୍ରିପାଠୀ ଏଥିରେ ମତ ରଖିଛନ୍ତି। ସେହିଭଳି ବ୍ରାଣ୍ଡିଂ କିଭଳି ପ୍ରତିଯୋଗିତାମୂଳକ ପରିବେଶରେ ତିଷ୍ଠି ରହିବାରେ ସାହାଯ୍ୟ କରିଛି ସେ ନେଇ ରୁଚି ଫୁଡର ପରିଚାଳନା ନିର୍ଦ୍ଦେଶକ ଡ. ଶରତ ସାହୁ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ଏକ୍ସଆଇଏମ୍ବି ପ୍ରଫେସର ଅବିନାଶ ତ୍ରିପାଠୀ, ମ୍ୟାକନାନ ୱାର୍ଲଡ ୱାଇଡ ଇଣ୍ଡିଆର ରାଷ୍ଟ୍ରୀୟ ସୃଜନ ନିର୍ଦ୍ଦେଶକ ସମ୍ବିତ୍ ମହାନ୍ତି, ସଂକେତର ସିଇଓ ଶ୍ରୀକାନ୍ତ ରଥ, ନିର୍ଦ୍ଦେଶକ ପ୍ରକାଶ ସାହୁଙ୍କ ସମେତ ୪୦୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ, ଶିକ୍ଷାବିତ ଅଂଶ ଗ୍ରହଣ କରିଥିଲେ।

# ପ୍ରବାସୀଙ୍କ ଲାଗି ଘର ବନାଇବେ ତୈଳ କମ୍ପାନୀ

**ଭଡ଼ାରେ ଯୋଗାଇ ଦିଆଯିବ ୫୦ ହଜାର ବାସଗୃହ**

ନୂଆଦିଲ୍ଲୀ,୧୧।୧୦

କରୋନା ସମୟରେ ପ୍ରବାସୀ ଶ୍ରମିକ ନାହିଁ ନ ଥିବା ସମସ୍ୟା ସାମ୍ନା କରିଛନ୍ତି। ହଜାର ହଜାର କିମି ଚାଲି ଘରକୁ ଫେରିଥିବା ଏହି ଶ୍ରମିକଙ୍କ ଲାଗି ଖୁସି ଖବର। ରାଷ୍ଟ୍ରାୟତ୍ତ ତେଲ କମ୍ପାନୀଗୁଡିକ ୫୦ ହଜାର ଘର ନିର୍ମାଣ କରିବାକୁ ଯୋଜନା ରଖିଛନ୍ତି। ଏହି ଘରଗୁଡିକୁ ପ୍ରବାସୀ ଶ୍ରମିକଙ୍କୁ ଭଡ଼ାରେ ଯୋଗାଇ ଦିଆଯିବ। ସୁଲଭ ମୂଲ୍ୟରେ ଭଡ଼ା ଦେଇ ପ୍ରବାସୀ ଏଠାରେ ରହିପାରିବେ। ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଇଣ୍ଡିଆନ ଅଏଲ୍ ଭଳି କମ୍ପାନୀଗୁଡିକୁ ଘର ନିର୍ମାଣ କରିବାକୁ କୁହାଯାଇଛି। ପ୍ରବାସୀ ଶ୍ରମିକଙ୍କୁ କମ୍ ମୂଲ୍ୟରେ ଭଡ଼ା ଘର ଯୋଗାଇ ଦେବା ଲାଗି ସରକାରଙ୍କ ଯୋଜନା ଅଧୀନରେ ଏହା କାର୍ଯ୍ୟକାରୀ ହେବ।




ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି ଯେ, ପ୍ରବାସୀ ଶ୍ରମିକଙ୍କ ଲାଗି ନିଜ ଜମିରେ ଘର ନିର୍ମାଣ କରିବା ଲାଗି ପେଟ୍ରୋଲିୟମ ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି। ଇଣ୍ଡିଆନ ଅଏଲ ବାଦ ହିନ୍ଦୁସ୍ତାନ ପେଟ୍ରୋଲିୟମ, ଭାରତ ପେଟ୍ରୋଲିୟମ, ଗେଲ୍ ଇଣ୍ଡିଆ ଏବଂ ଓଏନ୍‌ଜିସି ଏହି ଯୋଜନାରେ ସାମିଲ ରହିଛନ୍ତି। ଏ ନେଇ ନିକଟରେ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କିତ କାର୍ଯ୍ୟକୁ ଆଗକୁ ବଢାଇବା ଲାଗି ଆଲୋଚନା ହୋଇଛି। ଯୋଜନା ଅନ୍ତର୍ଗତ ଘର କେଉଁ ସ୍ଥାନରେ ନିର୍ମାଣ ହେବ ସେ ନେଇ ଜାଗା ଚିହ୍ନଟ ହେଉଛି। ତେବେ ଏହି କାର୍ଯ୍ୟ କମ୍ପାନୀଗୁଡିକ ଲାଗି ଚ୍ୟାଲେଞ୍ଜିଂ ହେବ ବୋଲି କୁହାଯାଉଛି।

# ଜିଏସ୍‌ଟିରେ ଆସିପାରେ ନୂଆ ପଦକ୍ଷେପ

**ନୂଆଦିଲ୍ଲୀ,୧୧।୧୦:** କରୋନା ସମୟରେ କମ୍ପାନୀଗୁଡିକ ବର୍ତ୍ତମାନ ସଙ୍କଟ ସମୟ ଦେଇ ଗତି କରୁଛନ୍ତି। ସରକାର ଏଭଳି ସ୍ଥିତିରେ କମ୍ପାନୀଗୁଡିକୁ କିଛି ସୁବିଧା ଦେଇ ପାରନ୍ତି ବୋଲି ଆଲୋଚନା ହେଉଛି। କମ୍ପାନୀଗୁଡିକୁ କ୍ୟାଶ ଭିତ୍ତିରେ ଜିଏସ୍‌ଟି ଜମା କରିବାକୁ ସରକାର ଅନୁମତି ଦେଇ ପାରନ୍ତି ବୋଲି ଶୁଣାଯାଉଛି। ଏହା ଦ୍ୱାରା କମ୍ପାନୀଗୁଡିକର ନଗଦ ସମସ୍ୟା ସମାଧାନ ହୋଇପାରିବ ବୋଲି ପିଡବ୍ଲ୍ୟୁସି ପକ୍ଷରୁ ଆଲୋଚନା ହେଉଛି। ରିପୋର୍ଟ ମୁତାବକ ସରକାର କମ୍ପାନୀଗୁଡିକ ଲାଗି ସପୋର୍ଟ ଷ୍ଟ୍ରାଟେଜି ଆଣିପାରନ୍ତି। କିଛି ବଛା ବଛା କ୍ଷେତ୍ରକୁ ଜିଏସ୍‌ଟି ପ୍ରଦାନ କ୍ଷେତ୍ରରେ ଏଭଳି ସୁବିଧା ଆସିପାରେ। କରୋନା ଲାଗି ସରକାର କିଛି ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଅନେକ ପଦକ୍ଷେପ ଗ୍ରହଣ କରିବାକୁ ବାକି ରହିଛି। ଏହି ରିପୋର୍ଟରେ ଟିକସଦାତାଙ୍କୁ ଆଶ୍ୱସ୍ତି ମିଳିବା ଭଳି ବିଭିନ୍ନ ପଦକ୍ଷେପ ନେବାକୁ ପ୍ରସ୍ତାବ ଦିଆଯାଇଛି।




# ଖାଉଟିଙ୍କ ଉପରେ ମହଙ୍ଗା ମାଡ଼

ନୂଆଦିଲ୍ଲୀ,୧୧।୧୦

ଡାଲି, ତେଲ ଏବଂ ପନିପରିବା ଦର ଲଗାତର ବଢି ଚାଲିଛି। ଏହା ସାଧାରଣ ଲୋକଙ୍କ ଚିନ୍ତା ବଢାଉଛି। ଡାଲି,ତେଲ ଏବଂ ପନିପରିବା ଦର ଗତ ଗୋଟିଏ ମାସ ମଧ୍ୟରେ ପ୍ରାୟ ୨୦%ରୁ ଊର୍ଦ୍ଧ୍ୱ ବୃଦ୍ଧି ପାଇଛି। ୩୦ ଟଙ୍କା ପ୍ରତି କିଲୋ ବିକ୍ରି ହେଉଥିବା ପିଆଜ ଦର ପ୍ରାୟ ୬୦ ଟଙ୍କା ପର୍ଯ୍ୟନ୍ତ ବଢିଛି। ସେହିଭଳି ଟମାଟୋ ୮୦ ଟଙ୍କା ଛୁଇଁଛି। ଆଳୁ ୪୦ରୁ ୫୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଖାଉଟିଙ୍କ ଉପରେ ଏବେ ମହଙ୍ଗା ମାଡ ହୋଇଥିବା ବେଳେ ରୋଷେଇଶାଳାର ବଜେଟ ବିଗିଡିଥିବା ନଜରକୁ ଆସିଛି। କରୋନା ମହାମାରୀ ଯୋଗୁ ଲୋକଙ୍କର ଚିନ୍ତା ବଢିଯାଇଛି। ଅନେକ ଲୋକ ଚାକିରି ହରାଇଥିବା ବେଳେ ଦରମା କାଟ ଭଳି ଘଟଣା ସାମ୍ନାକୁ ଆସିଛି। ବ୍ୟବସାୟୀଙ୍କ କାରବାର ବର୍ତ୍ତମାନ ଖସିଛି। ଏଭଳି ସ୍ଥିତିରେ ଦରଦାମ ବଢିବା ଯୋଗୁ ଏହା ଲୋକଙ୍କର ଚିନ୍ତାକୁ ଆହୁରି ବଢାଇ ଦେଇଛି। ତେଲ ଏବଂ ଚିନି ଦର ବଢିବା ଯୋଗୁ ଏହା ଦ୍ୱାରା ବଜାର ପ୍ରଭାବିତ ହୋଇଥିବା କେତେକ ବ୍ୟବସାୟୀ କହିଛନ୍ତି। ପୂର୍ବରୁ ଯେଉଁ ଲୋକମାନେ ୨ କିଲୋ ନେବାକୁ କହୁଥିଲେ ବର୍ତ୍ତମାନ ୫୦୦ ଗ୍ରାମକୁ ଖସାଇ ଦେଇଛନ୍ତି। ବଡ ବଡ ବ୍ୟବସାୟୀ ଆଳୁ ଏବଂ ପିଆଜ ମହଜୁଦ କରି ରଖିଛନ୍ତି। ଏହା ଫଳରେ ଦରଦାମ ବଢିଥିବା ବଜାର ବିଶେଷଜ୍ଞ କହିଛନ୍ତି।



ପୂର୍ବରୁ ହରଡ ଡାଲି ୧୦୦ ଟଙ୍କାରେ ମିଳୁଥିବା ବେଳେ ଏହା ବର୍ତ୍ତମାନ ପ୍ରାୟ ୧୨୦ ଟଙ୍କା ଛୁଇଁଛି। ସେହିଭଳି ମୁଗଡାଲି ୯୦ରୁ ୧୦୦ ଟଙ୍କାକୁ ବଢିଛି। ମସୁର, ଚଣା, ରାଜମା, ଚଣା ଡାଲି, ଚିନି ଭଳି ସାମଗ୍ରୀ ଦର ଲଗାତର ବଢିଚାଲିଛି। ସେହିଭଳି ପନିପରିବା ଦର ଆକାଶଛୁଆଁ ହେଉଥିବାରୁ ଏଥିଯୋଗୁ ଲୋକଙ୍କ ସମସ୍ୟା ବଢିଛି।

## ଛଟେଇ କରିବ ଓଏଲ୍ଏକ୍ସ

ନୂଆଦିଲ୍ଲୀ,୧୧।୧୦

କରୋନା ଯୋଗୁ ବିଭିନ୍ନ କମ୍ପାନୀ ବର୍ତ୍ତମାନ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ କମ୍ପାନୀଗୁଡିକରେ କର୍ମଚାରୀ ଛଟେଇ ଭଳି ସମସ୍ୟା ସାମ୍ନାକୁ ଆସୁଛି। ଓଏଲ୍ଏକ୍ସ ନାମକ କମ୍ପାନୀ ମଧ୍ୟ ୨୫୦ କର୍ମଚାରୀଙ୍କୁ ଛଟେଇ କରିବ ବୋଲି ଜଣାପଡିଛି। କରୋନା ଯୋଗୁ କମ୍ପାନୀର କାରବାର କ୍ଷତିଗ୍ରସ୍ତ ହେବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କମ୍ପାନୀର ମୁଖପାତ୍ର ସୂଚନା ଦେଇଛନ୍ତି। ଛଟେଇ ହେବାକୁ ଥିବା କର୍ମଚାରୀଙ୍କ ମଧ୍ୟରେ ଅଧିକାଂଶ ସେଲ୍ସ ଏବଂ ସପୋର୍ଟ ଟିମ୍‌ର ରହିଛନ୍ତି। ୨୦୦୯ରେ କମ୍ପାନୀ ଭାରତ ବଜାରରେ ଏହାର ସେବା ଆରମ୍ଭ କରିଥିଲା। ଭାରତରେ ନିବେଶ ଧାରା ଜାରି ରଖିବା ନେଇ ଏହା ମଧ୍ୟ କହିଛି। ଗ୍ରାହକଙ୍କୁ ସେବା ଯୋଗାଣ କ୍ଷେତ୍ରରେ କୌଣସି ଅସୁବିଧା ହେବ ନାହିଁ। କର୍ମଚାରୀଙ୍କୁ କ୍ଷତିପୂରଣ ଦିଆଯିବ।

# ଏଟିଏମ୍ ସୁରକ୍ଷା କଡ଼ାକଡ଼ି ହେଉ: ଏଆଇବିଓସି

ଭୁବନେଶ୍ୱର,୧୧।୧୦

ଏଟିଏମ୍ ଭାଙ୍ଗିବା ଓ ଏଟିଏମ୍‌କୁ ଯାଉଥିବା ସାଧାରଣ ଜନତାଙ୍କୁ ବିଭିନ୍ନ ସମୟରେ ଠକିବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଏଟିଏମ୍ ଏବଂ ଏହାର ବ୍ୟବହାରକାରୀଙ୍କ ସୁରକ୍ଷାକୁ କଡାକଡି କରିବାକୁ ସର୍ବଭାରତୀୟ ବ୍ୟାଙ୍କ ଅଫିସର୍ସ ମହାସଂଘ (ଏଆଇବିଓସି)ର ଓଡିଶା ଶାଖା ପକ୍ଷରୁ ଦାବି କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟର ଗୋଟିଏ କିମ୍ବା ୨ଟି ବ୍ୟାଙ୍କକୁ ଛାଡିଦେଲେ ଅନ୍ୟ କୌଣସି ବ୍ୟାଙ୍କରେ ଆବଶ୍ୟକ ସଂଖ୍ୟକ ସିକ୍ୟୁରିଟି ଗାର୍ଡ ସୁବିଧା ନାହିଁ। ସେହିଭଳି ବ୍ୟାଙ୍କର ଏଟିଏମ୍ ଗୁଡିକରେ ମଧ୍ୟ ଆବଶ୍ୟକ ସିକ୍ୟୁରିଟି ଗାର୍ଡ ନିୟୋଜିତ କରାଯାଉନାହିଁ। ସୁରକ୍ଷା ଦୃଷ୍ଟିକୋଣକୁ ବିଚାର କଲେ,ଏଟିଏମ୍ ଓ ଏଟିଏମ୍ କାଉଣ୍ଟର ଗୃହରେ ଲାଗିଥିବା ଗୁପ୍ତ କ୍ୟାମେରା ସବୁବେଳେ ଠିକ୍ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ବ୍ୟାଙ୍କ ଓ ଏଟିଏମ୍ କାଉଣ୍ଟରଗୁଡିକରେ ବିଶେଷ କରି ରାତ୍ରୀ ୯ ଟା ରୁ ସକାଳ ୫ ଟା ପର୍ଯ୍ୟନ୍ତ ବ୍ୟାପକ ସିକ୍ୟୁରିଟିର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ସଂଘ ମତ ରଖିଛି।

ସେହିଭଳି ବ୍ୟାଙ୍କ ଭଳି ପୋଲିସ ପକ୍ଷରୁ ବ୍ୟାପକ ପାଟ୍ରୋଲିଂ ବ୍ୟବସ୍ଥା, ଏଟିଏମ ସହ ବ୍ୟାଙ୍କର ସେଣ୍ଟ୍ରାଲ ସ୍ୱିଜ୍ ରୁମର ସୁରକ୍ଷିତ ବ୍ୟବସ୍ଥା ଉପରେ ସଂଘ ଗୁରୁତ୍ୱାରୋପ କରିଛି। ରାଜ୍ୟ ସରକାର ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ରାଜ୍ୟର ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସଂଘ ଦାବି କରିଛି। ସେହିଭଳି ଆର୍‌ବିଆଇର ନିୟମାବଳୀକୁ ଠିକ୍ ଭାବରେ ପାଳନ ପାଇଁ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାର ମଧ୍ୟ ଏକ ଆଇନ ପ୍ରଣୟନ କରିବାକୁ ସଂଘ ପକ୍ଷରୁ ପରାମର୍ଶ ଦିଆଯାଇଛି। ଯେଉଁ ବ୍ୟାଙ୍କ ଗୁଡିକ ଆର୍‌ବିଆଇର ନିୟମାବଳୀକୁ କାର୍ଯ୍ୟକାରୀ ନ କରିବେ ରାଜ୍ୟ ସରକାରଙ୍କ ଆଇନ ଅନୁସାରେ ଉକ୍ତ ବ୍ୟାଙ୍କଗୁଡିକ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସଂଘର ଓଡିଶା ଶାଖା ସଭାପତି ଦାମୋଦର ନନ୍ଦ ମତ ଦେଇଛନ୍ତି।


## ସର୍ବସାଧାରଣ ଘୋଷଣାର ଭ୍ରମ ସଂଶୋଧନ ୨

ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍ ୨୦୧୬ ତଥା ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେସନ୍ସ ୨୦୧୬ ଏବଂ **ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍‌ର** ୱେବ୍‌ସାଇଟ୍ **https://www.mtpcl.in** ଅନୁଯାୟୀ **ଫେବୃୟାରୀ ୨୫, ୨୦୨୦ ଓ ସେପ୍ଟେମ୍ବର ୨୪, ୨୦୨୦**ରେ ଜାରି ପୂର୍ବବର୍ତ୍ତୀ ସର୍ବସାଧାରଣ ଘୋଷଣା ସନ୍ଦର୍ଭରେ, ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ଅଧିଗ୍ରହଣ ପାଇଁ ଇ-ନିଲାମ ସମୟରେଖା ନିମ୍ନ ଅନୁଯାୟୀ ସଂଶୋଧିତ ଓ ପୁନଃ ନିର୍ଦ୍ଧାରିତ ହେବ:

*(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)*

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | **ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍** |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବଇଁତୁଆ, ଟାଙ୍ଗୀ, କଟକ- ୭୫୪୦୨୨, ଓଡ଼ିଶା |
| ୬ | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭ | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | **ନାମ: ପଙ୍କଜ ଧାନୁକା** ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ **ପଞ୍ଜୀକୃତ ଇମେଲ୍ ଠିକଣା:** pankajdhanuka@gmail.com ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮ **ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ **ଯୋଗାଯୋଗ ଇମେଲ୍ ଠିକଣା:** inmtpclip@deloitte.com |
| ୮ | ଇ-ନିଲାମର ତାରିଖ | **ନିଲାମ ଆରମ୍ଭ ତାରିଖ ଓ ସମୟ:** ଅକ୍ଟୋବର ୨୨, ୨୦୨୦ @ ପୂ. ୧୧.୦୦ ଘ. **ନିଲାମ ସମାପ୍ତିର ତାରିଖ ଓ ସମୟ:** ଅକ୍ଟୋବର ୨୨, ୨୦୨୦ @ ଅ. ୪.୩୦ ଘ. |
| ୯ | ପ୍ରକ୍ରିୟା ଦସ୍ତାବିଜ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡର୍‌ମାନେ inmtpclip@deloitte.comକୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦ | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ଅକ୍ଟୋବର ୧୯, ୨୦୨୦ |
| ୧୧ | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨ | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩ | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ-ନିଲାମ, ଯେଉଁଠାରେ ବିଡର୍‌ମାନେ ଖୋଲା ସମୟ ଅବଧି ମଧ୍ୟରେ ଅନ୍ୟାନ୍ୟ ବିଡର୍‌ମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ। କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା **'ଯେପରି ଅଛି ଯେଉଁଠାରେ ଅଛି'** ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂରଣ ଦିଆଯିବ ନାହିଁ। |
| ୧୪ | ସଂରକ୍ଷିତ ମୂଲ୍ୟ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ଏହି ଇ-ନିଲାମ ସଞ୍ଚାଳନ ଉଦ୍ଦେଶ୍ୟରେ ସଂରକ୍ଷିତ ମୂଲ୍ୟକୁ ଆଇଏନ୍‌ଆର୍ ୮୦ କୋଟି ଭାବେ ନିର୍ଦ୍ଧାରଣ କରାଯାଇଛି। |
| ୧୫ | ଅମାନତ ରାଶି ଜମାର ଆବଶ୍ୟକତା | କମ୍ପାନୀ ଏବଂ ଏକ ଚାଲୁ ବ୍ୟବସାୟ ଭାବେ ଏହାର ବ୍ୟବସାୟକୁ ଅଧିଗ୍ରହଣ କରିବା ନିମନ୍ତେ ବିଡ୍ କରିବା ପାଇଁ ବିଡର(ମାନ)ଙ୍କୁ ଆଇଏନ୍‌ଆର୍ ୫୦ ଲକ୍ଷର ଅମାନତ ରାଶି ଜମା (ଇଏମ୍‌ଡି) ଦାଖଲ କରିବାକୁ ହେବ। |

**ଦ୍ରଷ୍ଟବ୍ୟ:** ଏଠାରେ ସମ୍ବଳିତ କୌଣସି ଲେଖା କର୍ପୋରେଟ୍ ଋଣୀକୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ।
ବିଡର୍‌ମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ ("ସଂହିତା") ଅନୁଯାୟୀ ସଞ୍ଚାଳିତ ହେଉଛି। ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକଳ୍ପର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତିଟି ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୁତ ହୋଇଯିବ।
ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ। ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ **www.mtpcl.in**ରେ ଅଧିସୂଚିତ ହେବ।

**ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ**
**ସ୍ୱା./- ପଙ୍କଜ ଧାନୁକା**
ମୀମାଂସା ବୃତ୍ତିଧାରୀ - ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା: ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
ଯୋଗାଯୋଗ ଇମେଲ୍: inmtpclip@deloitte.com
ତାରିଖ: ଅକ୍ଟୋବର ୧୨, ୨୦୨୦, ସ୍ଥାନ: କୋଲକାତା


## ରାଜ୍ୟ ଖବର

# ପେଟ୍ରୋଲ ପମ୍ପ ସିଲ୍ କଲା ଆଇଓସିଏଲ୍

ଭୁବନେଶ୍ୱର,୧୧।୧୦ (ବ୍ୟୁରୋ)

**ରାଜଧାନୀରେ ବିସ୍ଫୋରଣ ଘଟଣା**
- ୫ଦିନ ପରେ ବି କାରଣ ଖୋଜା ଚାଲିଛି
- ୩ ଦିଗକୁ ନେଇ ତଦନ୍ତ କରୁଛି ଏକ୍ସପର୍ଟ ଟିମ୍
- ମୋବାଇଲ୍ ଫୋନ୍‌ରୁ ନିଆଁ ଲାଗିବାକୁ ଖଣ୍ଡନ

ବିସ୍ଫୋରଣ ହୋଇଥିବା ରାଜଭବନ ଛକସ୍ଥିତ ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପକୁ ରବିବାର ସିଲ୍ କରାଯାଇଛି। ଘଟଣାର ୫ଦିନ ପରେ ଆଇଓସିଏଲ୍ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକଙ୍କ ସୁରକ୍ଷା ପାଇଁ ପମ୍ପର ଚାରିପଟକୁ ଟିଣ ଚାଦର ଦ୍ୱାରା ବନ୍ଦ କରିଦିଆଯାଇଛି। ଏଥିସହ ଘଟଣାସ୍ଥଳରେ ଏବେବି ପୋଲିସ ମୁତୟନ ରହିବା ସହ ଯାଞ୍ଚ କାର୍ଯ୍ୟ ଚାଲିଛି। ତେବେ ବିସ୍ଫୋରଣର ୫ଦିନ ପରେ ବି କାରଣ ଖୋଜି ପାଉନି ପୋଲିସ ଓ ଆଇଓସିଏଲ୍ ଏକ୍ସପର୍ଟ ଟିମ୍।

ପେଟ୍ରୋଲ ପମ୍ପସ୍ଥିତ ସିଏନ୍‌ଜି ୟୁନିଟ୍‌ରେ ଘଟିଥିବା ଏହି ଭୟଙ୍କର ବିସ୍ଫୋରଣ ପୂରା ରାଜଧାନୀକୁ ଥରାଇ ଦେଇଥିବାବେଳେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଗୁରୁତର ଆହତ ଓ ଏକାଧିକ ସାମାନ୍ୟ ଆହତ ହୋଇଥିଲେ। ଏଥିସହ ଘଟଣାସ୍ଥଳରୁ ଜବତ ଖପୁରି, ହାଡ଼, ମାଂସରୁ ଆଉ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଥିଲେ ମଧ୍ୟ ଜଣଙ୍କ ପରିବାର ପକ୍ଷରୁ ଥାନାରେ ନିଖୋଜ ଅଭିଯୋଗ ହୋଇଛି। ଅବହେଳାରୁ ଭୁବନେଶ୍ୱର ଏପରି ଏକ ବିପଦକୁ ସାମ୍ନା କଲା ବୋଲି କୁହାଯାଉଥିଲେ ମଧ୍ୟ ଦୋଷ ମୁଣ୍ଡାଇବାକୁ ଏଯାଏ କେହି ବି ପ୍ରସ୍ତୁତ ନୁହନ୍ତି। ଏ ପରିସ୍ଥିତିରେ ନାନା ଗୁଜବ ବା ଚର୍ଚ୍ଚା ଶୁଣିବାକୁ ମିଳୁଛି। ପେଟ୍ରୋଲ ପମ୍ପର ଆର୍ଥ ଫଏଣ୍ଟ, ମୋବାଇଲ୍ ଫୋନ୍ ଓ ନିକଟରେ ରହିଥିବା ଓମ୍‌ଫେଡ୍ ଦୋକାନରୁ ଆସିଥିବା ନିଆଁ ସଂସ୍ପର୍ଶରେ ଆସି ଲିକେଜ୍ ହେଉଥିବା ଏଲ୍‌ପିଜି ଟାଙ୍କି ବିସ୍ଫୋରଣ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏସବୁକୁ ତଦନ୍ତ ପରିସରଭୁକ୍ତ କରାଯାଇଥିଲେ ମଧ୍ୟ କିଛି ବି ସ୍ପଷ୍ଟ ହୋଇପାରୁନି। ସିସିଟିଭି ଫୁଟେଜକୁ ଜବତ କରି ଖୋଳତାଡ଼ କରୁଥିବା ପୋଲିସ ବିନା ଏକ୍ସପର୍ଟ ଟିମ୍ ସହାୟତାରେ କିଛିବି କହିବା କଷ୍ଟକର ବୋଲି କହୁଛି। ଅନ୍ୟପକ୍ଷରେ ଫୋନ୍‌ରୁ ବିସ୍ଫୋରଣ ହେବା ନେଇ ଯେଉଁ ଗୁଜବ ହୋଇଛି ତାହାକୁ କିନ୍ତୁ ଏକ୍ସପର୍ଟ ଟିମ୍ ଖଣ୍ଡନ କରୁଛି। ଟିମ୍‌ର ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ମୁଖ୍ୟତଃ ୩ଟି ଦିଗକୁ ନେଇ ତଦନ୍ତ ଚାଲିଛି। ପ୍ରଥମେ ପେଟ୍ରୋଲ ପମ୍ପରେ କେହି ମୋବାଇଲ୍ ଫୋନ୍ ବ୍ୟବହାର କରୁଥିଲେ କି? ଯଦି କେହି ମୋବାଇଲ୍ ଫୋନ୍ ବ୍ୟବହାର କରୁଥିଲେ ତେବେ ତାହାର ଫ୍ରିକ୍ୱେନ୍ସି କେତେ ରହିଥିଲା? ଏହାଦ୍ୱାରା ବିସ୍ଫୋରଣ ହେବାର ସମ୍ଭାବନା ରହିଛି କି ନାହିଁ ତାହାର ବିଜ୍ଞାନସମ୍ମତ ପ୍ରମାଣ ଖୋଜା ଚାଲିଛି। ଦ୍ୱିତୀୟରେ ପେଟ୍ରୋଲ ପମ୍ପରେ ଲାଗିଥିବା ଆର୍ଥ ଏବଂ ତୃତୀୟରେ ନିକଟରେ ଓମ୍‌ଫେଡ୍ ଦୋକାନ ରହିଥିବାରୁ ସେଠାରୁ କେହି ସିଗାରେଟ୍ ଟାଣି ଟାଙ୍କି ଆଡ଼େ ଫିଙ୍ଗି ଦେଇ ନାହାନ୍ତି ତ। ତେବେ ନିଆଁ ଯେଉଁଆଡୁ ଆସୁନା କାହିଁକି ଏଲ୍‌ପିଜି ଟାଙ୍କିରୁ ଲିକେଜ୍ ହୋଇଥିବା ଜଣାପଡୁଛି।

ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ସିସିଟିଭି ଫୁଟେଜର ଯାଞ୍ଚ କରାଯାଉଛି। କିନ୍ତୁ ମୋବାଇଲ ପାଇଁ ବିସ୍ଫୋରଣ କୁହାଯିବା ଠିକ୍ ନୁହେଁ। ପେଟ୍ରୋଲ ପମ୍ପରେ ଥିବା ଆର୍ଥ ଓ ଗାଡ଼ି ଷ୍ଟାର୍ଟ ସ୍ପାର୍କିରୁ ମଧ୍ୟ ବିସ୍ଫୋରଣ ହୋଇଥାଇପାରେ। ଘଟଣା କେମିତି ଘଟିଲା ତାହା ଆମେ କହିବା ସମ୍ଭବ ନୁହେଁ। ଏକ୍ସପର୍ଟ ଟିମ୍ ସବୁ ଦିଗକୁ ଯାଞ୍ଚ କରିବା ପରେ ଅନ୍ତିମ ନିର୍ଯ୍ୟାସରେ ପହଞ୍ଚିବ। ସିସିଟିଭି, ଡିଏନ୍ଏ ଟେଷ୍ଟ ଆଦି ରିପୋର୍ଟ ମିଳିବା ପରେ ତାହାକୁ ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭ୍ ସେଫ୍ଟି ଅର୍ଗାନାଇଜେଶନ (ପେସୋ) ନିକଟରେ ଦାଖଲ କରାଯିବ। ଏହାସହ ଆଇଓସିଏଲ୍‌ର ଏକ୍ସପର୍ଟ ଟିମ୍‌ର ରିପୋର୍ଟ ପରେ ବିସ୍ଫୋରଣର କାରଣ ସ୍ପଷ୍ଟ ହେବ। ପେସୋର ଡେପୁଟି ଚିଫ୍ କଣ୍ଟ୍ରୋଲର ରୁଆବ ଅଲ୍ଲୀ କହିଛନ୍ତି, ମୋବାଇଲରୁ ବିସ୍ଫୋରଣ ଘଟିବା କହିବା ମୂର୍ଖାମି ହେବ। ଆମକୁ ସବୁ ଦିଗକୁ ଦେଖିବାକୁ ପଡିବ।




ପେଟ୍ରୋଲ ପମ୍ପକୁ ସିଲ୍ କରାଯାଉଛି।

**ସ୍ଥାନାନ୍ତର ପାଇଁ ଚିଠି, ସବୁ ପେଟ୍ରୋଲ ପମ୍ପ ଯାଞ୍ଚ ହେବ**

ଭୁବନେଶ୍ୱରରେ ପେଟ୍ରୋଲ ପମ୍ପ ଦୁର୍ଘଟଣା ପରେ ଚେତିଛି ପ୍ରଶାସନ। ଏଣିକି ସାରା ରାଜ୍ୟରେ ଥିବା ପେଟ୍ରୋଲ ପମ୍ପର ନିରାପତ୍ତା ନେଇ ଯାଞ୍ଚ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାର ଏଥିପାଇଁ ପେସୋ ଓ ଆଇଓସିଏଲ୍‌କୁ ନିବେଦନ କରିବେ ବୋଲି ଜଣାପଡିଛି। ସେହିପରି ବିସ୍ଫୋରଣ ହୋଇଥିବା ଉକ୍ତ ପେଟ୍ରୋଲ ପମ୍ପକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଆଇଓସିଏଲ୍‌କୁ ମଧ୍ୟ ଚିଠି ଲେଖାଯାଇଛି। ପେଟ୍ରୋଲ ପମ୍ପ ନିକଟରେ ରାଜଭବନ ଓ ବହୁ ଜନବସତି ଥିବାରୁ ସ୍ଥାନାନ୍ତର ଜରୁରୀ ବୋଲି ସେଥିରେ ଉଲ୍ଲେଖ କରାଯାଇଛି।

**ଥାନାରେ ଅଭିଯୋଗ କଲେ ପମ୍ପ କର୍ମଚାରୀ**

ବିସ୍ଫୋରଣ ପରଠୁ ପେଟ୍ରୋଲ ପମ୍ପ ବନ୍ଦ ରହିଛି। ଫଳରେ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ଚିନ୍ତା ବଢିଯାଇଛି। ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ୩୦ଜଣ କର୍ମଚାରୀ ଗତ ୪ ମାସର ଦରମା ପାଇନାହାନ୍ତି। ବର୍ତ୍ତମାନ ପରିସ୍ଥିତିରେ କେବେ ପେଟ୍ରୋଲ ପମ୍ପ ଖୋଲିବ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ମାଲିକ ଫୋନ୍ ଉଠାଉ ନ ଥିବା ଓ ଆହତ କର୍ମଚାରୀଙ୍କୁ ଚିକିତ୍ସା ମିଳୁ ନ ଥିବା ଜଣାପଡିଛି। ଏନେଇ କ୍ୟାପିଟାଲ ଥାନାରେ କେତେଜଣ କର୍ମଚାରୀ ଅଭିଯୋଗ କରିଛନ୍ତି।


Odisha Coal and Power Limited
OCPL
**Odisha Coal and Power Limited**
(A Govt. of Odisha Company)
CIN:-U10100OR2015SGC018623
Zone-A, Ground Floor, Fortune Towers,
Chandrasekharpur, Bhubaneswar – 751023, Odisha
e-mail id: cs@ocpl.org.in , web-site: www.ocpl.org.in

**Advertisement No: OCPL/HR/2020/02** **Date: 12-10-2020**

The Odisha Coal and Power Limited (OCPL), a Govt. of Odisha Company engaged in Coal Mining Development and Operation in IB Valley Coalfields in Sundargarh District of Odisha, invites applications for the post of Chief Executive Officer on full time fixed term basis from the eligible Indian Citizens.

| Sl. No. | Name of the post | Grade | Total post |
|---|---|---|---|
| 01 | Chief Executive Officer | E-13 | 01 |

**Qualification:** Graduate in Mining Engineering with good academic record from a recognized University/Institution. He/ She should possess First Class Mine Manager's Certificate of Competency issued by DGMS. Persons having Master's Degree in Tech/ Engg./ Industrial Management/ Business Administration will have added advantage.

**Experience:** A proven track record of at least 28 (Twenty eight) years of post-qualification experience in relevant functional areas as mentioned in the detailed advertisement available in the website, out of which 03 (three) years should be at the level of Board or one position below the level of Board of Directors.

**Job Profile:** The Chief Executive Officer will report to the Board of Directors. He/She will be the overall in charge of the Organization. Shall be responsible for outlining the project plans, setting project goals/deadlines and evaluating performance. He/ she will ensure timely implementation of the operational plans of the mines. Shall be responsible for development, engineering, planning, construction, production, mines safety, compliances, sales and marketing etc. He/She is required to comply with the Efficiency Parameters stipulated in the Allotment Agreement.

He/She will be responsible for formulation of strategy, systems, policy & procedure with regard to operations of mines as per the best industry practices. He/She will possess knowledge of latest technology and take measures for adopting the same through renovation/modernization programmes to improve productivity, quality and overcome various operational bottlenecks for sustained performance. Further, he/ she will develop & maintain excellent liaison and relationship with all statutory & regulatory authorities of Central & State Govt.

Prescribed format along with requisites are available at the website: www.ocpl.org.in .

Complete application in the prescribed format with enclosures and a passport size photograph should be sent to the Company Secretary, Odisha Coal and Power Limited, Ground Floor, Fortune Towers, Chandrasekharpur, Bhubaneswar – 751023 by Speed post/Registered Post/e-mail (e-mail id: cs@ocpl.org.in) only to reach within 30 days from the date of publication of the Advertisement. Envelope containing the application should be superscribed as **"Application for the post of Chief Executive Officer in OCPL"**. Out station candidates appearing in the interview will be provided Economy Class Air fare for to & fro journey on submission of original documents.

**Company Secretary**
**Odisha Coal and Power Limited**
**Bhubaneswar (Odisha)**
**Tel: 0674-2300654/2300664**

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

**କଣିହାଁ(ଡି.ଏନ.ଏ.):** କଣିହାଁ ବ୍ଲକ ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଶନିବାର ସମଲ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୧୯୩/୨୦ରେ ମାମଲା ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଏସ୍ଆଇ ରଞ୍ଜିତା ସାହୁ କହିଛନ୍ତି, ଅପହରଣ ସମ୍ପର୍କରେ ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। କଣିହାଁ ଥାନା ଅଞ୍ଚଳର ଜଣେ ଯୁବକ ଏପରି କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତଦନ୍ତ ପରେ ପୂରା ଘଟଣା ଜଣାପଡ଼ିବ।

## ସଂକ୍ଷେପରେ

### ଅନୁଗୋଳରୁ ୨୩୮ ପଜିଟିଭ୍

**ଅନୁଗୋଳ ଅଫିସ, ୧୧।୧୦:** ଅନୁଗୋଳ ଜିଲାରୁ ରବିବାର ୨୩୮ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୬,୨୬୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଚିହ୍ନଟଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୩୯, ଅନୁଗୋଳ ବ୍ଲକରୁ ୩୮, ତାଳଚେର ପୌରାଞ୍ଚଳରୁ ୩୦, କଣିହାଁରୁ ୨୮, ପାଲଲହଡ଼ାରୁ ୨୫, ଛେଣ୍ଡିପଦାରୁ ୧୮, ବଅଁରପାଳରୁ ୧୭, ଅନୁଗୋଳ ପୌରାଞ୍ଚଳରୁ ୧୪, ଆଠମଲ୍ଲିକ ବ୍ଲକରୁ ୧୩, କିଶୋରନଗରରୁ ୧୨ ଓ ଆଠମଲ୍ଲିକ ବିଜ୍ଞପିତ ଅଞ୍ଚଳ ପରିଷଦରୁ ୪ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଆଉ ୧୧୩ ଜଣ ସୁସ୍ଥ ହୋଇଛନ୍ତି।

### ସାପ କାମୁଡ଼ାରେ ବାଳିକା ମୃତ

**ଅନୁଗୋଳ ଅଫିସ, ୧୧।୧୦:** ଅନୁଗୋଳ ଜିଲା କଣିହାଁ ଥାନା ରଞ୍ଜନାଗୁଣ୍ଡୁରି ଗ୍ରାମର ରସାନନ୍ଦ ନାଏକଙ୍କ ଝିଅ ଦେବକୀ ନାଏକ(୧୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଦେବକୀ ଶନିବାର ରାତିରେ ଘରେ ଶୋଇଥିବାବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ତୁରନ୍ତ ଝିଅକୁ କଣିହାଁ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦେବକୀଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ବଇଣ୍ଡା, ୧୧।୧୦(ଡି.ଏନ.ଏ.):** କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତ ଭେଜିଗୋଠ ଗ୍ରାମ ପୋଖରୀରେ ବୁଡ଼ି ସେହି ଗ୍ରାମର ଲିଲି ପ୍ରଧାନ(୪୫)ଙ୍କ ରବିବାର ମୃତ୍ୟୁ ଘଟିଛି। ଲିଲି ସକାଳେ ଗାଧୋଇବାକୁ ଯାଇଥିବାବେଳେ ଗୋଡ ଖସି ଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ନଂ. ୧୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ସୁରକ୍ଷା ପାଇଁ ସାମଗ୍ରୀ ନାହିଁ

**ଅନୁଗୋଳ ଅଫିସ, ୧୧।୧୦**


ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ।

- କରୋନା ଯୋଦ୍ଧାଙ୍କ ନିମନ୍ତେ ସାନିଟାଇଜର, ଗ୍ଲୋଭ୍ସ ଅଭାବ
- ଧୋଇ ଶୁଖାଇ ବ୍ୟବହାର କରୁଛନ୍ତି ଡାକ୍ତର, କର୍ମଚାରୀ
- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁ ଅବ୍ୟବସ୍ଥା

କରୋନା ବିରୋଧୀ ଯୁଦ୍ଧରେ ଆଗ ଧାଡ଼ିରେ ଅଛନ୍ତି ଡାକ୍ତର ଓ ଡାକ୍ତରଖାନା କର୍ମଚାରୀ। ଏମାନଙ୍କ ସୁରକ୍ଷା ପାଇଁ ସରକାର ସମସ୍ତ ବ୍ୟବସ୍ଥା କରିଥିବା କହୁଛନ୍ତି। କିନ୍ତୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦେଖିଲେ ସରକାରଙ୍କ ସୁରକ୍ଷା ବ୍ୟବସ୍ଥା କେତେ ଦୁର୍ବଳ ତାହା ସାଧାରଣ ଲୋକଙ୍କୁ ବେଶ୍ ବୁଝାପଡୁଛି। ଏଠାରେ ଏହି କରୋନା ଯୋଦ୍ଧାଙ୍କ ପାଇଁ ଜରୁରୀ ଆବଶ୍ୟକତା ଗ୍ଲୋଭ୍ସ ଓ ସାନିଟାଇଜର ମିଳୁନାହିଁ। ଫଳରେ ସଂକ୍ରମିତଙ୍କ ସହ ସିଧାସଳଖ ସଂସ୍ପର୍ଶରେ ଆସୁଥିବା ଏହି ଯୋଦ୍ଧାମାନଙ୍କ କ୍ଷେତ୍ରରେ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ବଢ଼ିଯାଉଛି। ଦେଢ଼ ମାସ ହେଲା ଏପରି ଅବ୍ୟବସ୍ଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ଲାଗି ରହିଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ବାଧହୋଇ ଡାକ୍ତର ଓ କର୍ମଚାରୀମାନେ ବ୍ୟବହୃତ ଗ୍ଲୋଭ୍ସକୁ ଧୋଇ ଶୁଖାଇ ପୁନଃ ବ୍ୟବହାର କରୁଥିବା ସୂଚନା ମିଳିଛି।

ଅନୁଗୋଳ ପାଇଁ ଅର୍ଥର ଅଭାବ ନ ଥିବା କୁହାଯାଉଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟର କୋଭିଡ୍ ଯୋଦ୍ଧା ଡାକ୍ତର ଓ କର୍ମଚାରୀଙ୍କ ପାଇଁ ଜରୁରୀ ଗ୍ଲୋଭ୍ସ ଓ ସାନିଟାଇଜର ଅଭାବକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ସହରବାସୀ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମାସକୁ ୫୦ ହଜାର ଗ୍ଲୋଭ୍ସ ଆବଶ୍ୟକ। କରୋନା କାରଣରୁ ବର୍ତ୍ତମାନ ଆଉ ଅଧିକ ୨୦ ହଜାର ଗ୍ଲୋଭ୍ସ ଜରୁରୀ ହୋଇପଡ଼ିଛି। ଏହାକୁ ଯୋଗାଇବା ପାଇଁ ଟେଣ୍ଡର ସରିଛି। କିନ୍ତୁ ସଂକ୍ରମଣକୁ ଦୃଷ୍ଟିରେ ରଖି ହଠାତ୍ ଦର ବଢ଼ିଯିବାରୁ ଟେଣ୍ଡର ନେଇଥିବା ସଂସ୍ଥା ପୁରୁଣା ଦରରେ ଏହା ଯୋଗାଇବାକୁ ଅକ୍ଷମତା ପ୍ରକାଶ କରୁଛି। ଏ ନେଇ ବାରମ୍ବାର ଡାକ୍ତର ଓ କର୍ମଚାରୀମାନେ ସିଡିଏମ୍ଓଙ୍କ ନିକଟରେ ଫେରାଦ ହେଉଥିଲେ ମଧ୍ୟ ସୁଫଳ ମିଳିପାରୁ ନାହିଁ। ଫଳରେ ନିରାଶ ହୋଇ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଡାକ୍ତର ଓ କର୍ମଚାରୀ। ଅନ୍ୟପକ୍ଷରେ ଗତ ଦୁଇ ଦିନରେ ଜିଲା ମୁଖ୍ୟ ଚିକିତ୍ସାଳୟର ଦୁଇ ଜଣ କରୋନା ଯୋଦ୍ଧାଙ୍କ ମୃତ୍ୟୁ ଅନ୍ୟ ଡାକ୍ତର ଓ କର୍ମଚାରୀଙ୍କ ମନରେ ନାନା ଆଶଙ୍କା ସୃଷ୍ଟି କରୁଛି। ରକ୍ତ ଭଣ୍ଡାରରେ ମଧ୍ୟ ଏହି ଗ୍ଲୋଭ୍ସ ସମସ୍ୟା ଅଧିକ ରହିଛି। ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିରଠାରୁ ଆରମ୍ଭ କରି ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଉଛି। କିନ୍ତୁ ଗ୍ଲୋଭ୍ସ ଅଭାବ ପଡୁଥିବାରୁ ବ୍ୟବହୃତ ଗ୍ଲୋଭ୍ସକୁ ଧୋଇ ଶୁଖାଇ ବ୍ୟବହାର କରାଯାଉଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି।

**ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି**



ଜିଲା ମୁଖ୍ୟ ଚିକିତ୍ସାଳୟରେ ଗ୍ଲୋଭ୍ସ ନାହିଁ। ଏହି ସମସ୍ୟା ଦୀର୍ଘ ଦିନ ହେବ ଲାଗିରହିଛି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ଅବଗତ କରାଯାଇଛି। ଓଡ଼ିଶା ଔଷଧ ନିଗମକୁ ବାରମ୍ବାର ଅବଗତ କରାଯିବା ପରେ ବି କୌଣସି ସୁବିଧା କରାଯାଉ ନାହିଁ।

– ଡାକ୍ତର ଅଭୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

**ସର୍ବଦା ପିପିଇ କିଟ୍ ପିନ୍ଧିବା ସମ୍ଭବ ନୁହେଁ**



ମେଡିକାଲରେ ଗ୍ଲୋଭ୍ସର ଅଭାବ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଛି। କିନ୍ତୁ କେହି ଧ୍ୟାନ ଦେଉନାହାନ୍ତି। କର୍ତ୍ତୃପକ୍ଷ ଦେଉଥିବା ପିପିଇ କିଟ୍‌ରେ କାମ ଚଳାଉଛୁ। ମାତ୍ର ସବୁ ସମୟରେ ପିପିଇ କିଟ୍ ପିନ୍ଧି ରୋଗୀ ସେବା ଯୋଗାଇବା ସମ୍ଭବ ନୁହେଁ।

– ଡାକ୍ତର ଜ୍ଞାନ ରଞ୍ଜନ ବିଶ୍ୱାଳ, ଅସ୍ଥିଶଲ୍ୟ ବିଭାଗ

**ଗୋଟିଏକୁ ବାରମ୍ବାର ବ୍ୟବହାର କରୁଛୁ**



ଗ୍ଲୋଭ୍ସ ଓ ସାନିଟାଇଜର ମିଳୁ ନ ଥିବାରୁ ଜୀବନ ବଞ୍ଚାଇବା ପାଇଁ ବାଧ ହୋଇ ବିକଳ୍ପ ରାସ୍ତା ବାଛିଛୁ। ଏପରି କି ଗୋଟିଏ ଗ୍ଲୋଭ୍ସକୁ ବାରମ୍ବାର ଧୋଇ ଶୁଖାଇ ବ୍ୟବହାର କରୁଛୁ। ଏ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗକୁ ରୋଗୀ ସେବା ବ୍ୟାହତ ହେବା ସୁନିଶ୍ଚିତ।

– ଡାକ୍ତର ବିଶ୍ୱଜିତ୍ ସାମଲ, ଚର୍ମରୋଗ ଓ ରକ୍ତ ଭଣ୍ଡାର ଅଧିକାରୀ

**ପଦକ୍ଷେପ ନିଆ ନ ଗଲେ ସଂକଟ ବଢ଼ିବ**



ଦୁଇଦିନ ମଧ୍ୟରେ ମେଡିକାଲ ଦୁଇଜଣ କରୋନା ଯୋଦ୍ଧାଙ୍କୁ ହରାଇଲାଣି। ତଥାପି ଗ୍ଲୋଭ୍ସ ଓ ସାନିଟାଇଜର ଅଭାବ ପୂରଣ ନେଇ ସିଡିଏମ୍ଓ ପଦକ୍ଷେପ ନେଉନାହାନ୍ତି। ମେଡିକାଲର ବିଭିନ୍ନ ୱାର୍ଡକୁ କରୋନା ସଂକ୍ରମିତ ଆସୁଥିବାରୁ ଆଗକୁ ଆହୁରି ଭୟଙ୍କର ପରିସ୍ଥିତି ଉପୁଜିବା ଆଶଙ୍କା କରାଯାଉଛି।

– ବିଶ୍ୱରଞ୍ଜନ ପଟ୍ଟନାୟକ, ବୁଦ୍ଧିଜୀବୀ

## ପୁଣି ୨ ମୁଣ୍ଡ ନେଲା କରୋନା

**ଢେଙ୍କାନାଳ ଅଫିସ, ୧୧।୧୦**

ଢେଙ୍କାନାଳ ଜିଲାରୁ ପୁଣି ଦୁଇ ମୁଣ୍ଡ ନେଇଛି କରୋନା। ଏହାପରେ ଜିଲାରେ କୋଭିଡ୍ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୧୨ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରୁ ଜଣେ ଢେଙ୍କାନାଳ ପୌରାଞ୍ଚଳ ରାମେଶ୍ୱରପୁର ଅଞ୍ଚଳର। ଅନ୍ୟ ଜଣେ କଙ୍କଡ଼ାହାଡ଼ ବ୍ଲକ ଚାନ୍ଦପୁର ଅଞ୍ଚଳର। ସେହିପରି ରବିବାର ଜିଲାରୁ ୨୫ ପଜିଟିଭ୍ ବାହାରିଥିବାବେଳେ ୭୯ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ପରଜଙ୍ଗ ବ୍ଲକର ୭, କଙ୍କଡ଼ାହାଡ଼ ବ୍ଲକର ୩, ଗଁଦିଆ ବ୍ଲକର ୪, ଓଡ଼ାପଡ଼ା ବ୍ଲକର ୩, ଢେଙ୍କାନାଳ ପୌରାଞ୍ଚଳର ୩, କାମାକ୍ଷାନଗର ବ୍ଲକ ଏବଂ ଏନ୍ଏସିର ୩, ସଦର ବ୍ଲକ ଏବଂ ହିନ୍ଦୋଳ ବ୍ଲକର ଜଣେ ଲେଖାଏ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୩୪୩ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୩୮୭୧ଜଣ ସୁସ୍ଥ ହୋଇ ସାରିଲେଣି।

## ୪ ଦୋକାନ ସିଲ୍

**ଅନୁଗୋଳ ଅଫିସ, ୧୧।୧୦**

ଅନୁଗୋଳ ପୌରପାଳିକା ପକ୍ଷରୁ ଶଙ୍କର ସିନେମା ରୋଡ୍‌ରେ ରବିବାର ଶହେ ବ୍ୟବସାୟୀଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରିପୋର୍ଟ ପଜିଟିଭ୍ ଆସିବା ପରେ ପୌରପାଳିକା ପକ୍ଷରୁ ୪ଟି ଦୋକାନକୁ ସିଲ୍ କରାଯାଇଛି। ଆଖପାଖ ବ୍ୟବସାୟିକ ପ୍ରତିଷ୍ଠାନକୁ ସିଲ୍ କରାଯିବ ବୋଲି ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି।

# ବାଜିଙ୍କ ବୀରତ୍ୱ ଗାଥା ସ୍ମରଣୀୟ ଇତିହାସ

**ଶ୍ରାଦ୍ଧ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି**

ଭୁବନ, ୧୧।୧୦(ଡି.ଏନ.ଏ.)– ଶହୀଦ ବୀର ବାଜି ରାଉତଙ୍କ ଅମର ଗାଥା ସ୍ମରଣୀୟ ଇତିହାସ। ସ୍ୱାଧୀନତା ସଂଗ୍ରାମରେ ତାଙ୍କ ବଳିଦାନକୁ ଦେଶ ସବୁବେଳେ ମନେପକାଇବ। ରକ୍ତତୀର୍ଥ ନୀଳକଣ୍ଠପୁରର ସର୍ବାଙ୍ଗୀନ ଉନ୍ନତି କରାଯାଇପାରିଲେ ଏହା ହିଁ ସର୍ବକନିଷ୍ଠ ଶହୀଦଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବାଜି ରାଉତଙ୍କ ୮୩ତମ ପୁଣ୍ୟତିଥି ଅବସରରେ ଭୁବନ ବ୍ଲକ ନୀଳକଣ୍ଠପୁରରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ ମତବ୍ୟକ୍ତ କରିଛନ୍ତି।

ଏହି ଉପଲକ୍ଷେ ଜିଲା ପୋଲିସ ପକ୍ଷରୁ ଶହୀଦଙ୍କ ଉଦ୍ଦେଶ୍ୟରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ବାଜି ରାଉତ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହୀଦଙ୍କ ଦାୟାଦଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ଉପଜିଲାପାଳ ଇଂ. ବିଷ୍ଣୁ ଚରଣ ଆଚାର୍ଯ୍ୟ, ବିଡିଓ ଆଶୀର୍ବାଦ ପରିଡ଼ାଙ୍କ ସମେତ ସ୍ମୃତି ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ତିଳତର୍ପଣ କରିଥିଲେ।


ଶହୀଦଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୧୮ କନ୍ୟାରତ୍ନ ସମ୍ବର୍ଦ୍ଧିତ

**ଅନୁଗୋଳ ଅଫିସ, ୧୧।୧୦**

ବେଟୀ ବଚାଓ, ବେଟୀ ପଢ଼ାଓ ଯୋଜନାରେ କନ୍ୟା ସନ୍ତାନଙ୍କଠାରେ ଥିବା ସୃଜନଶୀଳ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାକୁ ରବିବାର ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଜୁମ୍ ଆପ୍ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଭିନ୍ନ କ୍ଷେତ୍ରରେ ଶିଶୁ କନ୍ୟାଙ୍କର ପାରଦର୍ଶିତାକୁ ପ୍ରଶଂସା କରିଥିଲେ। ଲିଙ୍ଗଗତ ବୈଷମ୍ୟକୁ ଭୁଲି କନ୍ୟାମାନଙ୍କୁ ସବୁ କ୍ଷେତ୍ରରେ ସମାନ ସୁଯୋଗ ଦେଲେ ସମାଜ ସମୃଦ୍ଧ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଶିଶୁ ସୁରକ୍ଷା ଓ ପାଠପଢ଼ାରେ ଉପସ୍ଥାନ ହାର କିପରି ବୃଦ୍ଧି ପାଇବ ସେ ସମ୍ପର୍କରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବେଟୀ ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷର ଯୋଜନା ପ୍ରସ୍ତୁତ କରିବାକୁ ଜିଲାପାଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗ ଦେଇଥିଲେ। ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୦ ଛାତ୍ରୀଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ୮ଟି ବ୍ଲକରୁ ଜଣେ ଲେଖାଏଁ ଆଶା କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପର୍ଶୁରାମ ପଣ୍ଡା ଧନ୍ୟବାଦ ଦେଇଥିଲେ।


ସମ୍ବର୍ଦ୍ଧିତ ହୋଇଥିବା କନ୍ୟା ରତ୍ନ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ

**ବଇଣ୍ଡାକୁ ଏନ୍ଏସି ଗଠନ ଦାବି**

**ବଇଣ୍ଡା, ୧୧।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳକୁ ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍ଏସି) ଘୋଷଣା କରିବା ପାଇଁ ରବିବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟମନ୍ତ୍ରୀଙ୍କୁ ଚିଠି(ନଂ. ୭୬୯, ତା ୧୧।୧୦।୨୦) ଲେଖିଛନ୍ତି। ଏହାର ନକଲ ପ୍ରମୁଖ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ପୌର ନିର୍ଦ୍ଦେଶକ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସମ୍ବଲପୁର, ଅନୁଗୋଳ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଗତ ୫ ତାରିଖରେ 'ଏନ୍ଏସି ହେଲେ ଜଳନ୍ତା ବିକାଶ ବତି' ଶୀର୍ଷକ ଏକ ରିପୋର୍ଟ 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ବିଧାୟକ ଏଥିରେ ହସ୍ତକ୍ଷେପ କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି, ୫୫ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏହି ବ୍ୟବସାୟିକ ପେଣ୍ଠସ୍ଥଳୀ ବଇଣ୍ଡା ରହିଛି। ଏଠାରୁ ଆଠମଲ୍ଲିକ ମୁଖ୍ୟ ରାସ୍ତା ସଂଯୋଗ ହୋଇଥିବାବେଳେ ରେଳ ଷ୍ଟେଶନ ମଧ୍ୟ ରହିଛି। କଲେଜ, ଶିଳ୍ପ ତାଲିମ ପ୍ରତିଷ୍ଠାନ, ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଥିବାରୁ ବହୁ ସଂଖ୍ୟାରେ ଲୋକେ ଏଠାରେ ସପରିବାର ବସବାସ କରିବାକୁ ଆସୁଛନ୍ତି। ଫଳରେ ଏଠାରେ ଲୋକସଂଖ୍ୟା ୧୨ ହଜାରରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ବାଣିଜ୍ୟିକ ଭିତ୍ତିଭୂମି ମଧ୍ୟ ଏଠାରେ ଉନ୍ନତ ରହିଛି। ଏ ସବୁକୁ ଦୃଷ୍ଟିରେ ରଖି ନୁନୁକାପଶି, ଲୁହାମୁଣ୍ଡା, ଗାଁବଇଣ୍ଡା ପଞ୍ଚାୟତକୁ ମିଶାଇ ଏନ୍ଏସି ଗଠନ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି।

# କୋଭିଡ୍ ହସ୍ପିଟାଲ ସୁପରିଚାଳନାକୁ ଗୁରୁତ୍ୱ

**ଅନୁଗୋଳ ଅଫିସ, ୧୧।୧୦**

ଜିଲାରେ କରୋନା ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଜିଲାପାଳ ସମୀକ୍ଷା କାର୍ଯ୍ୟ ଜାରି ରଖିଛନ୍ତି। ସୋମବାରଠାରୁ ରେଡ୍ ଜୋନ୍‌ରେ ବିଶୋଧନ କାର୍ଯ୍ୟ ବ୍ୟାପକ କରାଯିବା ସହ ହାଟ ଓ ବଜାର ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ଯାଞ୍ଚ କଡାକଡି କରାଯିବାକୁ ରବିବାର ଅପରାହ୍ଣରେ ଅନୁଷ୍ଠିତ ଜୁମ୍ ବୈଠକରେ ପରାମର୍ଶ ଦେଇଛନ୍ତି। ଠେଲା ଦୋକାନୀଙ୍କୁ ସହାୟତା ପ୍ୟାକେଜ୍ ଦେଇ ସେମାନଙ୍କ ଚଳ ପ୍ରଚଳ ବନ୍ଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାପିଡ୍ ରେସପନ୍ସ ଟିମ୍ ଠିକ୍ ସମୟରେ ସବୁ ସ୍ଥାନରେ ପହଞ୍ଚୁଛି କି ନାହିଁ ଏବଂ ଆକ୍ରାନ୍ତମାନେ ମେଡିସିନ୍ କିଟ୍ ପାଉଛନ୍ତି କି ନା ସେ ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଛନ୍ତି। ତାଳଚେର କୋଭିଡ୍ ହସ୍ପିଟାଲର ଠିକ୍ ପରିଚାଳନା ନେଇ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଆକ୍ରାନ୍ତ ଓ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ସମ୍ପର୍କୀୟଙ୍କୁ ବିଭିନ୍ନ ସୂଚନା ପ୍ରଦାନ କରିବା ପାଇଁ ହେଲ୍ପ ଡେସ୍କ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲାପାଳ ବୈଠକରେ କହିଛନ୍ତି।

# ପୂଜାକୁ ନେଇ କମିଛି ଉତ୍ସାହ, ଉଦ୍ଦୀପନା

**ବଅଁରପାଳ, ୧୧।୧୦(ଡି.ଏନ.ଏ.)**

- କେବଳ ପରମ୍ପରା ରକ୍ଷା ପାଇଁ ପାଳନ
- ସରକାରୀ କଟକଣା ମାନିବେ କମିଟି
- ଶ୍ରଦ୍ଧାଳୁଙ୍କୁ ଛଡ଼ାଯିବନି ମଣ୍ଡପକୁ

କରୋନା ସମୟ ହୋଇ ନ ଥିଲେ ଏତେବେଳକୁ ଦୁର୍ଗାପୂଜା ପାଇଁ ମଣ୍ଡପ ସାଜସଜ୍ଜା ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଥାନ୍ତା। ମିନାବଜାର, ଦୋଳି ଲାଗିବା ସ୍ଥାନ ମଧ୍ୟ ପ୍ରସ୍ତୁତ ହେଉଥାନ୍ତା। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କେଉଁଠୁ କଳାକାର ଆସିବେ ଓ କେତେଦିନ ଧରି ଏହା ଚାଲିବ ତାହା ମଧ୍ୟ ସ୍ଥିରହୋଇ ସାରିଥାନ୍ତା। ଅନ୍ୟ ମଣ୍ଡପକୁ ଟକ୍କର ଦେବା ଭଳି ବଜେଟ୍ କରାଯାଇ ଭସାଣି ପାଇଁ ବଡ଼ ଆୟୋଜନ କରାଯାଇଥାନ୍ତା। କିନ୍ତୁ ଚଳିତବର୍ଷ ପୂଜା ଯେତେ ପାଖେଇ ଆସୁଛି ଆୟୋଜକଙ୍କଠାରୁ ଅଞ୍ଚଳବାସୀଙ୍କ ଯାଏ ସମସ୍ତଙ୍କ ମନରେ ନିରାଶା ଭରିଯାଉଛି। ପୂର୍ବର ଉତ୍ସାହ ଉଦ୍ଦୀପନା ଆଉ ଦେଖାଯାଉ ନାହିଁ ବୋଲି ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳର କେତେକ ପୂଜା କମିଟି କର୍ମକର୍ତ୍ତା ମତପ୍ରକାଶ କରିଛନ୍ତି।

କର୍ମକର୍ତ୍ତାମାନଙ୍କ କହିବା ଅନୁଯାୟୀ, ଦେଶରେ କରୋନା ସଂକ୍ରମଣ ଆରମ୍ଭ ପରଠାରୁ ଏପରି ସ୍ଥିତିରେ ଯେ ପୂଜା ପାଳନ ହେବ ସେ ନେଇ କେହି ଭାବିପାରି ନ ଥିଲେ। ବିଶେଷକରି ପୂଜା ପୂର୍ବରୁ ଏହି ମହାମାରୀ ଉପରେ ବିଜୟ ପାଇହେବ ବୋଲି ଆଶା କରାଯାଉଥିଲା। ତେଣୁ ପ୍ରତିବର୍ଷ ପରି ଧୁମ୍‌ଧାମରେ ମା' ଦୁର୍ଗାଙ୍କ ସହ ଅନ୍ୟାନ୍ୟ ପୂଜା ପାଇଁ ଅନୁମତି ମିଳିବ ବୋଲି ବିଶ୍ୱାସ ଥିଲା। କିନ୍ତୁ ସଂକ୍ରମଣର ଦ୍ରୁତଗତି ଦେଖି ସରକାର କଟକଣାକୁ ଅଧିକ କୋହଳ କରିନାହାନ୍ତି। ବିନା ଶ୍ରଦ୍ଧାଳୁରେ ଓ ନିରାଡ଼ମ୍ବରରେ ଆୟୋଜନକୁ ଅନୁମତି ଦେଇଛନ୍ତି। ତେଣୁ କେବଳ ପରମ୍ପରା ବା ବିଧି ରକ୍ଷା ପାଇଁ ଯାହା କିଛି କରାଯିବ। କରୋନା ପାଇଁ ଏଥର ପୂଜାରସ୍ତୁ ମାଡ଼ ଖାଇଯିବା ବଅଁରପାଳ ଅଞ୍ଚଳର ସବୁ ବର୍ଗର ଲୋକଙ୍କୁ ବେଶ୍ ବାଧିବ। କାରଣ ଏହି ସମୟକୁ ସାଧାରଣ ଲୋକଙ୍କଠାରୁ ବ୍ୟବସାୟୀଙ୍କ ଯାଏ ସମସ୍ତେ ଅପେକ୍ଷା କରିଥାନ୍ତି। ବଅଁରପାଳର ପୂଜା କମିଟିଗୁଡ଼ିକ ଲକ୍ଷ ଲକ୍ଷ ଟଙ୍କାର ବଜେଟ୍ କରି ନାନା ଆୟୋଜନ କରିଥାନ୍ତି। ଗୋଟିଏ ଗୋଟିଏ କମିଟି ୪ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିଥାନ୍ତି। ଏଥିରେ ଆକର୍ଷଣୀୟ ମଣ୍ଡପ ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ମିନାବଜାର, ଦୋଳି, ମେଳା ଆଦିର ବ୍ୟବସ୍ଥା କରାଯାଇଥାଏ। ପୂଜା ପରି ଭସାଣି ପାଇଁ ମଧ୍ୟ ସ୍ୱତନ୍ତ୍ର ବଜେଟ୍ ଥାଏ। ଏଥିରେ ରାଜ୍ୟର ବଛା ବଛା ବାଦ୍ୟ ଦଳ ସହ ଘୋଡ଼ାନାଚ, ଦଣ୍ଡନୃତ୍ୟକୁ ସାମିଲ କରାଯାଇଥାଏ। ମୋଟ୍ ଉପରେ ପୂଜା ଆରମ୍ଭରୁ ଶେଷ ଯାଏ ଏହାକୁ ଯେପରି ଆକର୍ଷଣୀୟ ବା ମନଲୋଭା କରାଯାଇପାରିବ ତାହା ଉପରେ ଆୟୋଜକମାନଙ୍କ ପକ୍ଷରୁ ଜୋର୍ ଦିଆଯାଇଥାଏ। ହେଲେ ଚଳିତବର୍ଷ କରୋନା କଟକଣା ଉଭୟ ଆୟୋଜକ ଓ ଜନସାଧାରଣଙ୍କୁ ଏଥିରୁ ବଞ୍ଚିତ କରିଛି।


ନୂଆହତା ମଣ୍ଡପ ପାଇଁ ୪ ଫୁଟିଆ ମୂର୍ତ୍ତି ନିର୍ମାଣ ହେଉଛି।

**ସରକାରୀ କଟକଣା ମାନିବୁ**



ଚଳିତବର୍ଷ ଆଡ଼ମ୍ବର ସହକାରେ ପୂଜା ପାଳନ ହେବନାହିଁ। ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରାଯିବ। ଦୀର୍ଘ ୧୫ ବର୍ଷ ହେଲା ଏହି ମଣ୍ଡପରେ ପୂଜା କରାଯାଇ ଆସୁଥିବାରୁ ଏଥର କେବଳ ପରମ୍ପରା ରକ୍ଷା କରାଯିବ।

– ସଂଗ୍ରାମ ମିଶ୍ର, ସଭାପତି, ହୁଲୁରୁସିଂହା ଦୁର୍ଗାପୂଜା କମିଟି

**୭ ଜଣଙ୍କ ମଧ୍ୟରେ ପୂଜା ସୀମିତ**



ନାଲ୍‌କୋ ଅଞ୍ଚଳରେ ଗୋଟିଏ ମଣ୍ଡପ ହୁଏ। ତଥାପି ଜାକଜମକ କିଛି କମ୍ ନ ଥାଏ। କିନ୍ତୁ ଏବର୍ଷ କଟକଣା ମାନି ମାତ୍ର ୭ ଜଣଙ୍କ ଉପସ୍ଥିତିରେ ପୂଜା କରାଯିବ। ୪ ଫୁଟର ମୂର୍ତ୍ତି ମଧ୍ୟ ନିର୍ମାଣ ଚାଲିଛି।

– ମଣିରଞ୍ଜନ ପଟ୍ଟନାୟକ, ସଭାପତି, ନାଲ୍‌କୋ ସାର୍ବଜନୀନ ପୂଜା କମିଟି

**ଭସାଣି ହେବନାହିଁ**



୨୦ରୁ ଅଧିକ ସଭ୍ୟଙ୍କୁ ନେଇ କମିଟି ପକ୍ଷରୁ ଏଠାରେ ଦୁର୍ଗାପୂଜା କରାଯାଇ ଆସୁଛି। ସାଜସଜ୍ଜା ଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଯାଏ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥାଏ। କିନ୍ତୁ ଏଥର କରୋନା ଯୋଗୁ ଭସାଣି ହେବନାହିଁ।

– ଅଭୟ କୁମାର ସିଂହ, କୁଲାଡ଼ ଆଦର୍ଶ ବିହାର ପୂଜା କମିଟି

**ଆୟୋଜନ ସମ୍ପୂର୍ଣ୍ଣ ନିରାଡ଼ମ୍ବର**



କମିଟିରେ ସଭ୍ୟ ସଂଖ୍ୟା ୩୦। ପ୍ରତ୍ୟେକ ବର୍ଷ ପୂଜାରେ ୪ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଏ। ମାତ୍ର ଚଳିତବର୍ଷ ସମ୍ପୂର୍ଣ୍ଣ ନିରାଡ଼ମ୍ବରରେ ପୂଜା ପାଳନ କରାଯିବ।

– ଟିକି ସାମଲ, ସଭାପତି, ନୂଆହତା ସିଂହ ବାହିନୀ ପୂଜା କମିଟି

## ଗାଡ଼ି ଧକ୍କାରେ ଅଜଗର ମୃତ

କେନ୍ଦୁଝର,(ସ୍ୱ.ପ୍ର.)-କେନ୍ଦୁଝର ସଦର ବ୍ଲକ କେନ୍ଦୁଝର-ପାଟଣା ରାସ୍ତାର କାନକୁଳି ଘାଟିରେ ରାସ୍ତା ପାର ହେଉଥିବା ଏକ ଅଜଗର ଉପରେ ଗାଡ଼ି ଚଢ଼ିଯିବାରୁ ସାପର ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ସାପକୁ ଉଦ୍ଧର କରିଥିଲେ ହେଁ ସେତେବେଳକୁ ତାର ମୃତ୍ୟୁ ହୋଇସାରିଥିଲା। ଉକ୍ତ ଜଙ୍ଗଲରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଓ ସରୀସୃପ ରହୁଥିବା ବେଳେ ରାସ୍ତା ପାର ହେବା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରେମୀ ବେଣୁଧର ମହାନ୍ତ ଦାବି କରିଛନ୍ତି।

### ସଂକ୍ଷେପରେ

## ଯୁବତୀଙ୍କ ଆତ୍ମହତ୍ୟା ଘଟଣା ମୃତ୍ୟୁ ପାଇଁ ଦାୟୀ ଅଭିଯୁକ୍ତଙ୍କୁ ଗିରଫ ଦାବି

ବାହାନଗା, ୧୧।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ଜଣେ ଯୁବତୀ ୨ବର୍ଷ ପୂର୍ବେ ଆତ୍ମହତ୍ୟା କରିଥିଲେ। ଝିଅର ମୃତ୍ୟୁ ପାଇଁ ଦାୟୀ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ତାଙ୍କ ପରିବାର ଲୋକେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଡାକି ଦାବି କରିଛନ୍ତି। ୨୦୧୮ ଅଗଷ୍ଟ ୮ତାରିଖରେ ଉକ୍ତ ଯୁବତୀ ଆତ୍ମହତ୍ୟା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପରେ ଯୁବତୀଙ୍କ ଖାତାରୁ ବାହାରିଥିବା ଏକ ସୁଇସାଇଡ ନୋଟ୍ ଓ ମୋବାଇଲ ମେସେଜ ଅନୁସାରେ ତାଙ୍କ ଭାଇ ସୋର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଭଉଣୀଙ୍କୁ ଆତ୍ମହତ୍ୟା କରିବା ପାଇଁ ଯେଉଁ ୨ଜଣ ପ୍ରବର୍ତ୍ତାଇଥିଲେ ଓ ମାନସିକ ଯନ୍ତ୍ରଣା ଦେଇଥିଲେ ସେମାନଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଥିଲେ। ପୋଲିସ ସୁଇସାଇଡ ନୋଟ୍ ଓ ମୋବାଇଲ ମେସେଜକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ମୃତ୍ୟୁର ୨ବର୍ଷ ପରେ ସୋର ପୋଲିସ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ସୁବ୍ରତ ମହାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି।

## ବାଜି ରାଉତଙ୍କ ସ୍ମୃତିରେ ସିଡି ଉନ୍ମୋଚିତ

**ଢେଙ୍କାନାଳ ଅଫିସ, ୧୧।୧୦:** ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଢେଙ୍କାନାଳ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ସିଡି ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ସିଡିର ପ୍ରଯୋଜକ ରାଜନାରାୟଣ ତ୍ରିପାଠୀ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ନାୟକ ଗୀତ ରଚନା କରିଥିବା ବେଳେ କଣ୍ଠ ଶିଳ୍ପୀ ଶକ୍ତି ମିଶ୍ର କଣ୍ଠଦାନ ଏବଂ ବିଭୁକିଶୋର ଏହାର ସଂଯୋଜନା କରିଛନ୍ତି। ଏଥିପୂର୍ବରୁ ସକାଳେ ବାଜିଚୌକ୍‌ସ୍ଥିତ ଶହୀଦଙ୍କ ପ୍ରତିମୂର୍ତ୍ତିରେ ଏମ୍‌ପି ମହେଶ ସାହୁ, ଜିଲାପାଳ, ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ସମେତ ଅନ୍ୟ ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ। ସେହିପରି ଶହୀଦ ମିନାରରେ ବିଜେଡି ନେତୃବୃନ୍ଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ସୋନୁରାମ ସିଂଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହାପରେ ଅନାଥ ଆଶ୍ରମରେ ଫଳ, ଶୁଖିଲା ଖାଦ୍ୟ ଓ ମାସ୍କ ବଣ୍ଟନ କରାଯାଇଥିଲା।

# କଟକଣା ନାହିଁ, ବଳି ପଡୁଛି ଜୀବନ

### ଅସୁରକ୍ଷିତ ଶାରୀଶୂଆ ଜଳପ୍ରପାତ



**ଖଇରା, ୧୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୂଆ ପାହାଡରେ ଥିବା ଜଳପ୍ରପାତ ଏବେ ଅସୁରକ୍ଷିତ ଅବସ୍ଥାରେ ଅଛି। ଦୈନିକ ଆସୁଥିବା ଶହ ଶହ ସଂଖ୍ୟାର ଯୁବଗୋଷ୍ଠୀଙ୍କ ଉପରେ ପୋଲିସର କଟକଣା ଅଭାବରୁ ଜୀବନହାନି ହେଉଥିବା ଅଭିଯୋଗ ହୋଇଛି । ପୁନଶ୍ଚ ରବିବାର ଖଇରା ବ୍ଲକ ଅନ୍ତରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଶୁକ୍ଳ ନାମ୍ନୀ ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା ଖଇରା ଜନସାଧାରଣଙ୍କ ଆଖିରୁ ନିଦ ହଜାଇ ଦେଇଛି । ପୂର୍ଣ୍ଣଚନ୍ଦ୍ର ଅନ୍ୟ ଭଉଣୀଭାଇଙ୍କ ସହ ଜଳପ୍ରପାତ ଦେଖିବାକୁ ଗୋଳିହା ଗ୍ରାମର ନିଜ ପିଉସା ସଞ୍ଜୟ ପାତ୍ରଙ୍କ ସହ ଶାରୀଶୁଆ ପାହାଡକୁ ଯାଇଥିଲେ। ସେଠାରୁ ଓହ୍ଲାଉଥିବା ବେଳେ ଏକ ପଥରଖଣ୍ଡ ତାଙ୍କ ଉପରେ ଖସିପଡିବାରୁ ପ୍ରାଣ ହରାଇବା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ତୁରନ୍ତ ଉକ୍ତ ପ୍ରକଳ୍ପର ଉନ୍ନତୀକରଣ ନ ହେବା ପର୍ଯ୍ୟନ୍ତ ଜନସାଧାରଣଙ୍କ ଯାତାୟାତ ବନ୍ଦ ରଖିବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଉକ୍ତ ଜଳପ୍ରପାତର ଉନ୍ନତୀକରଣ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ନକ୍ସା ପ୍ରସ୍ତୁତି କରାଯିବା ସହ କିଛି ମାସ ତଳେ ଇଞ୍ଜିନିୟରିଂ ଟିମ୍ ପକ୍ଷରୁ ସର୍ଭେ କରାଯାଇଥିଲା । ଅସୁରକ୍ଷିତ ଥିବା ଏହି ପ୍ରକଳ୍ପ କିଭଳି ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷିତ କରାଯାଇପାରିବ ସେ ସମ୍ପର୍କରେ ଏହି ଟିମ୍ ବୁଲି ଦେଖିଥିଲେ । ହେଲେ ଏଠାରେ ଏକ ପ୍ରପାତ ଥିବା ନେଇ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେବା ମାତ୍ରେ ଗତ ୩ମାସ ହେବ ଦୂରଦୂରାନ୍ତରୁ ସଂଖ୍ୟାଧିକ ଯୁବଗୋଷ୍ଠୀ ବିଶୃଙ୍ଖଳିତ ଭାବେ ପ୍ରପାତରେ ଗାଧୋଇବା ସହ ପାହାଡ ଉପରେ ବୁଲାବୁଲି କରୁଥିବା ଅଭିଯୋଗ ହୋଇଥିଲା। ଏଭଳି ଅସୁରକ୍ଷିତ ଯାତ୍ରା ମଧ୍ୟରେ ଛୋଟମୋଟ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଆସୁଥିଲା । ଆସନ୍ନ ବିପଦ ଏଡାଇବା ପାଇଁ ପର୍ଯ୍ୟଟକଙ୍କ ଏଭଳି ଗହଳି ରୋକିବାକୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ସୋସିଆଲ ମିଡିଆରେ ବହୁ ଭିଡିଓ ଭାଇରାଲ ହୋଇଥିଲା। ପ୍ରଶାସନର ଅପାରଗତ କାରଣରୁ ଏଭଳି ଜୀବନହାନି ହେଉଥିବା ପ୍ରାଣ ହରାଇଥିବା ପୂର୍ଣ୍ଣଚନ୍ଦ୍ରଙ୍କ ସମ୍ପର୍କୀୟଙ୍କ ତରଫରୁ ଅଭିଯୋଗ କରାଯାଇଛି ।

## ଜୁଆ ଆଡ୍ଡାରେ ଚଢ଼ାଉ, ୯ ବାଇକ୍ ଜବତ



ଜବତ ହୋଇଥିବା ବାଇକ୍।

**କୁଆମରା,୧୧।୧୦(ଡି.ଏନ୍.ଏ.)**

ସରକାର କୁକୁଡ଼ା ଲଢ଼େଇକୁ ନିଷିଦ୍ଧ ଘୋଷଣା କରିଥିବା ବେଳେ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ତଥା ଖୁଣ୍ଟା ଥାନା ଅଞ୍ଚଳରେ ଗତ ଏପ୍ରିଲ ମାସ ଲକ୍‌ଡାଉନଠାରୁ ବେଆଇନ କୁକୁଡ଼ା ଲଢ଼େଇ ଚାଲି ଆସୁଛି। କେଉଁଠି ବିଲ ମଝିରେ ତ କେଉଁଠି ଜଙ୍ଗଲରେ ଅସାମାଜିକ ଲୋକଙ୍କୁ ନେଇ ଏହି ଖେଳ ଚାଲୁଛି। ରବିବାର ଆରପଟା ଜଙ୍ଗଲରେ କୁକୁଡ଼ା ଲଢେଇ ଓ ଜୁଆ ଖେଳ ଚାଲିଥିବା ଖବର ପାଇ ଖୁଣ୍ଟା ଥାନା ପୋଲିସ ଚଢାଉ କରିଥିଲା। ସେଠାରୁ ୯ଟିବାଇକ୍ ଓ ୩ଟିସାଇକେଲ ପୋଲିସ ଜବତ କରିଛି। ଗିରଫ ଭୟରେ ଜୁଆଡ଼ିମାନେ ଫେରାର ହୋଇଯାଇଥିବା ପୋଲିସ କହିଛି।

# ଭାଜପା ପକ୍ଷରୁ ଦାବିପତ୍ର



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭାଜପା କର୍ମକର୍ତ୍ତା।

**ଚନ୍ଦୁଆ,୧୧।୧୦(ଡି.ଏନ.ଏ.)**

### ଖବରଦାତାଙ୍କୁ କୋର୍ଟ ପଠାଇବା ମାମଲା

ଜଣେ ଖବରଦାତାଙ୍କୁ ସର୍ବ ସମ୍ମୁଖରେ ଅପମାନ କରିବା ଓ ମିଥ୍ୟା ମାମଲାରେ କୋର୍ଟ ପଠାଇବାକୁ ବିରୋଧ କରି ଚନ୍ଦୁଆ ଭାଜପାର କର୍ମକର୍ତ୍ତାମାନେ ଚନ୍ଦୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜଣେ ଖବରଦାତା ଖବର ସଂଗ୍ରହ କରିବାକୁ ବ୍ଲକ ଯାଇଥିବା ବେଳେ ବ୍ଲକ କର୍ମଚାରୀଙ୍କ ଦ୍ୱାରା ଅପମାନିତ ହେବା ଏବଂ ମିଥ୍ୟା ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା ବୋଲି ଖବରଦାତା ଜଣଙ୍କ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଦୃଢ ନିନ୍ଦା କରାଯାଇଛି। ଚନ୍ଦୁଆ ଭାଜପା ପକ୍ଷରୁ ଏନ୍‌ଏସି ସଭାପତି ରାଜେଶ କୁମାର ଆଚାର୍ଯ୍ୟ, ସଂଖ୍ୟାଲଘୁ ସଭାପତି ମହତାବ ଆଲାମ, ବରିଷ୍ଠ କର୍ମକର୍ତ୍ତା ରମେଶ ଚନ୍ଦ୍ର ପ୍ରଧାନ, ଅଗ୍ନୁ ଚରଣ ମହାନ୍ତ, ସିଦ୍ଧାର୍ଥ କୁମାର ସିଂ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପଜିଲାପାଳଙ୍କ ବାସଭବନ କାର୍ଯ୍ୟାଳୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

## ୩୦ଦିନରେ ଅନଶନ

**ଖଇରା, ୧୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଣିତ୍ରୀ ସେବା ସମବାୟ ସମିତିରେ ସମ୍ପାଦକ ପଦବୀ ପାଇଁ ଯୋଗ୍ୟ ବିବେଚିତ ହୃଷିକେଶ ସାହୁଙ୍କୁ ନିଯୁକ୍ତି ନ ମିଳିବା ପ୍ରତିବାଦରେ ସେ ଅଗଷ୍ଟ ୧୧ତାରିଖରୁ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଅନଶନରେ ବସି ରହିଛନ୍ତି । ତେବେ ୩୦ଦିନ ବିତିଯାଇଥିଲେ ମଧ୍ୟ ବ୍ଲକ କିମ୍ବା ଜିଲାରୁ କୌଣସି ଅଧିକାରୀ ତାଙ୍କ ପାଖରେ ପହଞ୍ଚିନାହାନ୍ତି। ସାହୁ ୨୦୧୮ ଫେବୃୟାରୀ ୨୨ତାରିଖ ବିଜ୍ଞାପନ ଅନୁଯାୟୀ ସମ୍ପାଦକ ପଦବୀ ପାଇଁ ମନୋନୟନ କମିଟି ନିକଟରେ ଆବେଦନ କରିଥିଲେ । ଅନ୍ୟ ଜଣେ ଆବେଦନକାରୀ ଆବଶ୍ୟକ ସାର୍ଟିଫିକେଟ ଦେଇ ନ ଥିବାରୁ ତାଙ୍କୁ ମେଧା ତାଲିକାରୁ ବାଦ୍ ଦିଆଯାଇଥିଲା। ବର୍ତ୍ତମାନ ନିଯୁକ୍ତି ଦାୟିତ୍ୱରେ ଥିବା ଅଧିକାରୀମାନେ ମନୋନୟନ କମିଟିର ନିଷ୍ପତ୍ତି ତଥା କୋର୍ଟ ନିଷ୍ପତ୍ତିକୁ ଭୃକ୍ଷେପ ନ କରି ସାହୁଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ଅନ୍ୟ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ନେଇ ସାହୁ ଜିଲାପାଳ ଓ ସମବାୟ ସଚିବ ତଥା ମୁଖ୍ୟ ନିବନ୍ଧକଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ନ୍ୟାୟ ମିଳିବା ପରେ ସେ ଧାରଣା ଆରମ୍ଭ କରିଥିଲେ।

## ଢାବାରେ ଚାଲିଛି ଅବାଧ ମଦ କାରବାର

**ରୂପସା, ୧୧।୧୦(ଡି.ଏନ.ଏ.)**

### ପୋଲିସ ଚଢ଼ାଉ: ୨ ମାଲିକ ଗିରଫ

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଢାବାଗୁଡିକରେ ଅବାଧ ମଦ କାରବାର ବୃଦ୍ଧି ପାଉଛି। ପଶ୍ଚିମବଙ୍ଗ ମାର୍କା ମଦ ଓ ନକଲି ବିଦେଶୀ ମଦ କାରବାର କରି ଢାବା ମାଲିକମାନେ ମାଲାମାଲ ହେଉଛନ୍ତି। ବସ୍ତା ଥାନାରେ ନୂତନ ଭାବେ ଯୋଗଦେଇଥିବା ଆଇଆଇସି ଅଶୋକ କୁମାର ନାୟକ ଶନିବାର ରାତିରେ ଅଚାନକ ରାଜପଥ ପାର୍ଶ୍ୱ ୨ଟି ଢାବାରେ ଚଢ଼ାଉ କରି ୧୫୦ରୁ ଊର୍ଦ୍ଧ୍ୱ ବିଦେଶୀ ମଦ ବୋତଲ ଜବତ କରିବାରେ ସମର୍ଥ ହୋଇଥିଲେ। ଏହି ଥାନା ଅଧୀନ କୁଣ୍ଡପୁରସ୍ଥିତ ବଜରଙ୍ଗ ଢାବା ମାଲିକ ସାନଖୁଡ଼ି ଗ୍ରାମର ରବୀନ୍ଦ୍ର କୁମାର ଗିରି ଓ ମହାନ୍ତି ଢାବାର ମାଲିକ ନାବରା ଗ୍ରାମର ସୁଶାନ୍ତ ମହାନ୍ତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ୨ଟି ପୃଥକ୍ ମାମଲା (ନଂ. ୨୨୭ ଓ ୨୨୮/୨୦) ରୁଜୁ ହୋଇଛି। ଗିରଫ ୨ ଢାବା ମାଲିକଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ତେବେ ଜଳେଶ୍ୱରଠାରୁ ନହରପାଟଣା ପର୍ଯ୍ୟନ୍ତ ଥିବା ସମସ୍ତ ଢାବାରେ ଚାଲିଥିବା ବେଆଇନ ମଦ କାରବାରକୁ ରୋକିବା ପାଇଁ ବୁଦ୍ଧିଜୀବୀମାନେ ଏସ୍‌ପିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି।

## ଜାଗା ମିଶନ ଆନୁକୂଲ୍ୟରେ ଭୂମି ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ

ବାରିପଦା ପୌର ପରିଷଦ ତରଫରୁ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଜାଗା ମିଶନ ଯୋଜନାରେ ବାରିପଦା ସହରର ୨୮ ଗୋଟି ୱାର୍ଡରେ ୪୬ ଗୋଟି ବସ୍ତିରେ ଅଯୋଗ୍ୟ ଜମିରେ ବାସକରୁଥିବା ୪୮୧୭ ଜଣ ହିତାଧିକାରୀଙ୍କୁ ତା୧୨।୧୦।୨୦୨୦ରିଖ ଭୂମି ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ ପ୍ରକ୍ରିୟା କାର୍ଯ୍ୟର ଶୁଭାରମ୍ଭ।

ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି**
ମାନ୍ୟବର ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା

ସମ୍ମାନିତ ଅତିଥି
**ଶ୍ରୀଯୁକ୍ତ ପ୍ରକାଶ ସୋରେନ**
ମାନ୍ୟବର ବିଧାୟକ, ବାରିପଦା

ସଦୟ ଉପସ୍ଥିତିରେ
**ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜ, ଭା.ପ୍ର.ସେ.**
ଜିଲ୍ଲାପାଳ, ମୟୂରଭଞ୍ଜ ତଥା ପ୍ରଶାସକ, ବାରିପଦା ପୌରପାଳିକା
**ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ.**
ଉପଜିଲ୍ଲାପାଳ, ବାରିପଦା ତଥା ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା

ସୌଜନ୍ୟ : ବାରିପଦା ପୌର ପରିଷଦ

## ବର୍ଷେ ବିତିଲା: ମିଳିଲାନି ସହାୟତା

**ଭଣ୍ଡାରିପୋଖରୀ, ୧୧।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଖଡ଼ିସିଙ୍ଗା ଗ୍ରାମର ଚାଷୀ ଉଦ୍ଧବ ଜେନା ଗତବର୍ଷ ନଭେମ୍ବର ୮ତାରିଖରେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ। ଦୈବୀ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରକୁ ସରକାରୀ ଅନୁକମ୍ପା ରାଶି ଯୋଗାଇ ଦେବାକୁ ବ୍ୟବସ୍ଥା ଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁ ଉଦ୍ଧବଙ୍କ ପରିବାର ସହାୟତା ପାଇ ପାରୁନାହାନ୍ତି। ସେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ପରେ ୫ ପ୍ରାଣୀ କୁଟୁମ୍ବ ଚଳିବା କଷ୍ଟ ହୋଇପଡ଼ିଛି। ମୃତ୍ୟୁକୁ ବର୍ଷେ ବିତିଯାଇଥିଲେ ମଧ୍ୟ ଅନୁକମ୍ପା ଅର୍ଥରାଶି ମିଳିନାହିଁ। ଏନେଇ ଆବଶ୍ୟକ କାଗଜପତ୍ର ତହସିଲରେ ଦିଆଯାଇଥିଲେ ସୁଦ୍ଧା ଅନୁକମ୍ପା ରାଶି ମିଳିପାରି ନାହିଁ। ଏ ସମ୍ପର୍କରେ ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ ପାଇଁ ବ୍ୟବସ୍ଥା ଚାଲିଛି ବୋଲି କହିଥିଲେ।

## ଚେଲ୍ଲାକୁମାରଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ,୧୧।୧୦**

କଂଗ୍ରେସର ଓଡ଼ିଶା ପ୍ରଭାରୀ ଡ.ଏ.ଚେଲ୍ଲାକୁମାରଙ୍କୁ ଭଦ୍ରକ କଂଗ୍ରେସ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସେ ଚାଷୀ ସମାବେଶକୁ ଯାଉଥିବା ବେଳେ ଜାତୀୟ ରାଜପଥ-୧୬ ଭଦ୍ରକ ନୂଆ ବସଷ୍ଟାଣ୍ଡ ନିକଟରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ‘ଅସୁସ୍ଥ ଅବସ୍ଥାରେ ସ୍ୱାସ୍ଥ୍ୟ ବିଭାଗ’




## ସରକାରଙ୍କୁ କଂଗ୍ରେସ, ଭାଜପାର ଟାର୍ଗେଟ

**ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)**

ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର କବିର ଭୋଇ ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା କରାଇବା ପାଇଁ ଟ୍ରଲିରେ କଟକ ବଡ଼ ମେଡ଼ିକାଲ ପର୍ଯ୍ୟନ୍ତ ବୋହିନେବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ବର୍ତ୍ତମାନ ସମୟରେ ସରକାରଙ୍କ ମାଳମାଳ ଗରିବ କଲ୍ୟାଣ ଯୋଜନା ଥିବା ସତ୍ତ୍ୱେ ନିଜ ସ୍ତ୍ରୀଙ୍କୁ ୯୦କିମି ଟ୍ରଲିରେ ଆଣିବା ଦ୍ୱାରା ସବୁଆଡୁ ପ୍ରଶ୍ନ ଉଠିଛି। ଅନ୍ୟପଟେ ଚିକିତ୍ସା ପାଇଁ ଯିବାର ଦିନକ ପରେ କବିରଙ୍କ ସ୍ତ୍ରୀ ପ୍ରାଣ ହରାଇଛନ୍ତି, ଯାହାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ସୋମବାର ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ଆମ୍ବୁଲାନ୍ସ ଅଭାବରୁ ଟ୍ରଲିରେ ବସାଇ ୯୦କିମି ଦୂର ଅତିକ୍ରମ କରି ପୁରୀରୁ କଟକ ବଡ ମେଡିକାଲ ଆଣି କବିର ନିଜ ସ୍ତ୍ରୀଙ୍କୁ ବଞ୍ଚାଇ ପାରିନାହାନ୍ତି। ଓଡିଶାର ସ୍ୱାସ୍ଥ୍ୟ ବିଭାଗ ଅସୁସ୍ଥ ଅବସ୍ଥାରେ ଅଛି। ମୁଖ୍ୟମନ୍ତ୍ରୀ ନିକଟରେ ଏନେଇ ଖବର ଅଛି ନା ନାହିଁ ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଛନ୍ତି। ସେହିପରି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ସରକାରଙ୍କ ଦାୟିତ୍ୱହୀନତା ଯୋଗୁ ଆଜି ଉକ୍ତ ମହିଳାଙ୍କ ଜୀବନ ଯାଇଛି। ଏଥିରୁ ସରକାରଙ୍କ ଅପାରଗତା ଜଳଜଳ ହୋଇ ଦିଶୁଛି। ଆମ୍ବୁଲାନ୍ସ ତାଙ୍କୁ ଯୋଗାଯାଇ ପାରିଲା ନାହିଁ। ଲୋକମାନେ ନାହିଁ ନ ଥିବା ହଇରାଣ ହେଉଥିଲା ବେଳେ କେବଳ ଗାଦି ଜାବୁଡ଼ି ବସିବାର ପ୍ରୟାସ ଚାଲିଛି। ଯଦି ସରକାର କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଥାଆନ୍ତେ ତେବେ ଏହି ଅବସ୍ଥା ଦେଖିବାକୁ ପଡ଼ି ନ ଥାଆନ୍ତା ବୋଲି ଲେଖାଶ୍ରୀ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଏଭଳି ଘଟଣା ଦୁର୍ଭାଗ୍ୟଜନକ। ସରକାର ସାଧାରଣ ଗରିବ ଲୋକଙ୍କୁ ଆମ୍ବୁଲାନ୍ସଟିଏ ଦେବାରେ ବିଫଳ ହେଉଛନ୍ତି। ବାରମ୍ବାର ଏଭଳି ଚିତ୍ର ଦେଖିବାକୁ ମିଳୁଛି। ଆଗାମୀ ଦିନରେ ସରକାର ଏ ଦିଗରେ ଅଧିକ ଯତ୍ନବାନ ହୁଅନ୍ତୁ ନଚେତ୍ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସୁରେଶ କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।। ୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nursing : 2 Years (GNM Pass)
DMLT 2 Year, OT.Tech 2 Year, Dialysis 2 Year, I.C.U 1 Year, E.C.G 1 Year — 10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

Hindustan Tower Group (ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ। 90 ଲକ୍ଷ ଆଡଭାନ୍ସ, 60,000 ଭଡ଼ା + ବାଇକ୍ + ଅନ୍ୟାନ୍ୟ ସୁବିଧା।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ
9473618663

AMBA Finance
ମାର୍କସିଟ, ବ୍ୟବସାୟ, ବ୍ୟକ୍ତିଗତ, ଆଧାରକାର୍ଡ, ସମ୍ପତି ଋଣ, ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଡିଆଇଜି ଅନୁପ ସାହୁଙ୍କ ନାଁରେ ଫେକ୍ ଫେସ୍‌ବୁକ ଆକାଉଣ୍ଟ

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ):** ଆଇପିଏସ୍ ଅଫିସର ତଥା ଗୋଇନ୍ଦା ବିଭାଗ ଡିଆଇଜି ଅନୁପ ସାହୁଙ୍କ ନାଁରେ ଫେସ୍‌ବୁକରେ ଫେକ୍ ଆକାଉଣ୍ଟ ଖୋଲାଯାଇଛି। ଏନେଇ ଡିଆଇଜି ସାହୁ ନିଜେ ସୂଚନା ଦେଇଛନ୍ତି। କେହି ଦୁର୍ବୃତ୍ତ ଏହି ଆକାଉଣ୍ଟର ପ୍ରୋଫାଇଲରେ ୟୁନିଫର୍ମରେ ଥିବା ଅନୁପଙ୍କ ଫଟୋ ମଧ୍ୟ ଅପ୍‌ଲୋଡ କରିଥିବା ଦେଖିବାକୁ ମିଳିଛି। ଏହି ଆକାଉଣ୍ଟରୁ ଫ୍ରେଣ୍ଡ ରିକ୍ୟୁଏଷ୍ଟ ଆସିଲେ କେହି ଗ୍ରହଣ ନ କରିବାକୁ ଡିଆଇଜି ସାହୁ ଅନୁରୋଧ କରିଛନ୍ତି। ସୂଚନାଥାଉ କି, ପୂର୍ବରୁ ଭୁବନେଶ୍ୱରର ୨ ବରିଷ୍ଠ ପୋଲିସ ଅଧିକାରୀ, ଖବରଦାତା, ସରକାରୀ କର୍ମଚାରୀ ଏବଂ ଓଏଏସ୍ ଅଫିସରଙ୍କ ଆକାଉଣ୍ଟ ହ୍ୟାକ୍ କରିବା ସହ ଦୁର୍ବୃତ୍ତମାନେ ଫେକ୍ ଆକାଉଣ୍ଟ ଖୋଲିଥିବା ଦେଖିବାକୁ ମିଳିଥିଲା।

### ବିଲରେ ଫୁଟିଲା ବୋମା: ବର୍ତ୍ତିଲେ ୩ ବ୍ୟକ୍ତି

**ପାଟଣା,୧୧।୧୦(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଉପାନ୍ତ ଅଞ୍ଚଳ ଡୁମୁରିଆ ପଞ୍ଚାୟତ ଅଟେଇ ସଂରକ୍ଷିତ ଜଙ୍ଗଲ ନିକଟ ମହୁଲଡିହା ପାଠୁସାହି ବିଲ ମଝିରେ ଶନିବାର ସନ୍ଧ୍ୟାରେ ବୋମା ବିସ୍ଫୋରଣ ଘଟିଛି। ଏଥିରେ ଏକ କୁକୁରର ମୃତ୍ୟୁ ଘଟିଥିବାବେଳେ ନିକଟରେ ଯାଉଥିବା ୩ ଜଣ ଗ୍ରାମବାସୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋମା ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦରେ ଗ୍ରାମବାସୀ ଭୟଭୀତ ହୋଇଯାଇଥିଲେ। ସୂଚନାଯୋଗ୍ୟ ଯେ, ଶନିବାର ସନ୍ଧ୍ୟାରେ ଲୋକେ ଗାଈ ନେଇ ଘରକୁ ଫେରୁଥିବାବେଳେ ଏକ କୁକୁର ପଡ଼ିଥିବା ବୋମାକୁ କାମୁଡ଼ି ଦେବାରୁ ବିସ୍ଫୋରଣ ଘଟିଥିଲା। ଖବରପାଇ ପାଟଣା ରେଞ୍ଜର ନାୟକ ଓ ଫରେଷ୍ଟ ଗାର୍ଡ ପ୍ରଯୁକ୍ତା ଜେନା ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। କେହି ଦୁର୍ବୃତ୍ତ ଜଙ୍ଗଲୀ ଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ବୋମା ଖଞ୍ଜିଥିବାରୁ ଏଭଳି ଘଟଣା ଘଟିଥିବା ରେଞ୍ଜର ନାୟକ କହିଛନ୍ତି।

### ୬ ଦିନିଆ ଗସ୍ତ ସାରି ଫେରିଲେ ଚେଲ୍ଲା କୁମାର

**ଭୁବନେଶ୍ୱର, ୧୧।୧୦(ବ୍ୟୁରୋ):** ଓଡ଼ିଶା କଂଗ୍ରେସର ନବ ନିଯୁକ୍ତ ପ୍ରଭାରୀ ଚେଲ୍ଲା କୁମାର ତାଙ୍କ ୬ ଦିନିଆ ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ଶେଷକରି ଫେରିଯାଇଛନ୍ତି। ସେ ଗତ ୬ ତାରିଖରେ ଓଡିଶା ଗସ୍ତରେ ଆସି ଶ୍ରୀମନ୍ଦିର ଦର୍ଶନ କରିଥିଲେ। ଏହାପରେ ଚେଲ୍ଲା କୁମାର ଦଳର ସବୁ ବର୍ଗର ନେତାଙ୍କ ସହ ଏକାଧିକ ବୈଠକ କରି ରାଜ୍ୟରେ ଦଳର ସ୍ଥିତି ନେଇ ଆଲୋଚନା କରିଥିଲେ। ଏହା ମଧ୍ୟରେ ଉପନିର୍ବାଚନ ହେବାକୁ ଥିବା ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀ ତିର୍ତ୍ତୋଲ ଏବଂ ବାଲେଶ୍ୱର ସଦର ମଧ୍ୟ ଗସ୍ତ କରିଥିଲେ। ଶେଷରେ ଏକ ଖବରଦାତା ସମ୍ମିଳନୀ କରି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ଉପନିର୍ବାଚନ ଭିତରେ ଆଉଥରେ ସେ ଓଡିଶା ଗସ୍ତରେ ଆସିବେ ବୋଲି ମଧ୍ୟ ଜଣାପଡିଛି।

### ଅନ୍ୟତ୍ର ବିବାହ କଲେ ମା'ବାପା

#### ୯ବର୍ଷର ପୁଅ ଏକୁଟିଆ

**ମାଲକାନଗିରି, ୧୧।୧୦ (ଡି.ଏନ୍.ଏ.):** ନିଜ ଜନ୍ମକଲା ପୁଅ କଥା ଭାବିଲେନି ମା' ବାପା। ସେମାନେ ପରସ୍ପରଠାରୁ ଅଲଗା ହୋଇ ଅନ୍ୟତ୍ର ବିବାହ କଲେ। ୯ବର୍ଷର ପୁଅ ବାସୁଦେବ ଏବେ ଅସହାୟ। ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତ ତେଲଗାବେଚା ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ, ମା'ବାପାଙ୍କ ସହ ହସଖୁସିରେ ରହୁଥିଲେ ବାସୁଦେବ। ମାତ୍ର ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବାରୁ ଉଭୟେ ଅନ୍ୟତ୍ର ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ୯ ବର୍ଷର ପୁଅ ବାସୁଦେବର ଭବିଷ୍ୟତ ସେମାନେ ଚିନ୍ତା କରି ନ ଥିଲେ। ଉଭୟେ ଆଲୋଚନା କରି ତେଲଗାବେଚା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପୁଅକୁ ଛାଡ଼ିଦେଲେ। ସମ୍ପୃକ୍ତ ବ୍ୟକ୍ତି ବାସୁଦେବଙ୍କୁ ଗାଈ ଚରାଇବା ସହ ବିଭିନ୍ନ କାର୍ଯ୍ୟରେ ଲଗାଇଥିଲେ। ବିଭିନ୍ନ ସମୟରେ ମାଡ଼ ମାରିଥିଲେ। ସେଠାରେ କଷ୍ଟ ଯନ୍ତ୍ରଣା ସହି ନ ପାରି ବାସୁଦେବ ଗତ ୩ଦିନ ତଳେ ସଲପପଦର ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ଥିବା କର୍ମୀ ଜୟନ୍ତୀ ଖରାଙ୍କୁ ନିଜ ଦୁଃଖ ଶୁଣାଇଥିଲେ। ଜୟନ୍ତୀ ତାଙ୍କୁ ଖାଇବାକୁ ଦେଇ ନିଜ ଘରକୁ ନେଇ ରଖିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପାଣି ପାଇଁ ବୋହିଲା ରକ୍ତ

**ପୁରୀ ଅଫିସ/ ବ୍ରହ୍ମଗିରି (ଡି.ଏନ.ଏ.),୧୧।୧୦**

ନିଜ ଜିଦ୍ ପାଇଁ ମଣିଷ କିପରି ହିଂସ୍ର ହୋଇଉଠେ ଏବଂ ହିତାହିତ ଜ୍ଞାନ ଭୁଲି କ୍ରୁର ପାଲଟିଯାଏ ତାହାର ନିଛକ ଚିତ୍ର ଦେଖିବାକୁ ମିଳିଛି ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଡିମିରିଶେଣା ଡିହ ଭୋଇସାହିରେ। ରବିବାର ପାଣି ପାଇଁ ଏଠି ବୋହିଛି ରକ୍ତ। ଘରକୁ ପାନୀୟଜଳ ପାଇପ୍ ସଂଯୋଗ ନେବାକୁ କେନ୍ଦ୍ରକରି ସାହିର ଦୁଇ ପରିବାର ମଧ୍ୟରେ ହୋଇଥିବା ତିକ୍ତତାରୁ ଘଟିଛି ରକ୍ତାକ୍ତ ସଂଘର୍ଷ। ତେଣ୍ଟା ମାଡ଼ ଓ କୁରାଢ଼ି ଚୋଟରେ ଦୁଇ ପରିବାରର ୨ ସଦସ୍ୟ ଟଳିପଡ଼ିଛନ୍ତି। ମୁହାଁମୁହିଁ ସଂଘର୍ଷ, ଆକ୍ରମଣ ଓ ପ୍ରତି ଆକ୍ରମଣରେ ଦୁଇ ପରିବାରର ସମସ୍ତ ସଦସ୍ୟ ହୋଇଛନ୍ତି ଲହୁ ଲୁହାଣ। ଉଭୟ ପକ୍ଷର ୧୪ ଗୁରୁତରଙ୍କୁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ୭ଜଣଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ପୁରୀ ଜିଲା ସଦର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଉଭୟ ପକ୍ଷର ୨୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। କେଉଁ ଉପାନ୍ତ ଅଞ୍ଚଳ ନୁହେଁ, ପୁରୀ ଜିଲାରେ ଏଭଳି ଘଟଣାକୁ ନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଡିମିରିଶେଣା ଗାଁ ଡିହଭୋଇସାହିରେ ଦୁଇ ପଡ଼ୋଶୀ ହେଉଛନ୍ତି ନିରଞ୍ଜନ ଭୋଇ ଓ ସୁରେନ୍ଦ୍ର ଭୋଇ। ଗାଁଠାରୁ କିଛି ଦୂରରେ ରହୁଥିବା ସମୟରେ ନିରଞ୍ଜନ ପ୍ରଥମେ ତାଙ୍କ ଘରକୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ପାଣି ପାଇପ ସଂଯୋଗ ନେଇଥିଲେ। ପରବର୍ତ୍ତୀ ସମୟରେ ସୁରେନ୍ଦ୍ର ଘର କରିବା ପରେ ନିଜ ଘରକୁ ପାନୀୟଜଳ ପାଇପ୍ ସଂଯୋଗ ନେବାକୁ ଚାହିଁଥିଲେ। ସୁରେନ୍ଦ୍ରଙ୍କ ଜାଗା ଦେଇ ନିରଞ୍ଜନ ପାଣି ପାଇପ ନେଇଥିବାରୁ ସୁରେନ୍ଦ୍ର ସେହି ପାଇପରୁ ସଂଯୋଗ ନେବାକୁ କହିଥିଲେ। ଏହାକୁ ନିରଞ୍ଜନ ବିରୋଧ କରିଥିଲେ। ଫଳରେ ଦୁଇ ପରିବାର ମଧ୍ୟରେ ତିକ୍ତତା ଉପୁଜିଥିଲା। ପାଣି ପାଇପ ଯାଇଥିବା ଜାଗା କାହାର ଏହାକୁ ଚିହ୍ନଟ କରିବା ଲାଗି ୧୦ଦିନ ତଳେ ଅମିନ ଡକାଯାଇ ମାପଚୁପ କରାଯାଇଥିଲା। ମାପଚୁପ ବେଳେ ଏହା ସୁରେନ୍ଦ୍ରଙ୍କ ଜାଗା ବୋଲି ଜଣାପଡ଼ିଥିଲା। ଶନିବାର ସନ୍ଧ୍ୟାରେ ଏ ନେଇ ଏକ ବୈଠକ ବସିଥିଲା। ପାଇପ୍ ସଂଯୋଗ ଦେବା ପାଇଁ ନିରଞ୍ଜନ କିଛି ଟଙ୍କା ଦାବି କରିଥିଲେ। ମାତ୍ର ନିଜ ଜାଗା ଦେଇ ପାଇପ୍ ଯାଇଥିବାରୁ ସୁରେନ୍ଦ୍ର ଟଙ୍କା ଦେବାକୁ ମନା କରିଦେଇଥିଲେ। ଫଳରେ ନିରଞ୍ଜନଙ୍କ ପରିବାର ଲୋକେ ଏହି ପାଇପରୁ ସଂଯୋଗ ଦେବା ପାଇଁ ରାଜି ହୋଇ ନ ଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ବଢିଥିଲା। ରବିବାର ସକାଳେ ପାଇପ୍ ସଂଯୋଗ ପାଇଁ ସୁରେନ୍ଦ୍ର ଉକ୍ତ ସ୍ଥାନରେ ଗାତ ଖୋଳୁଥିଲେ। ଏହାକୁ କେନ୍ଦ୍ରକରି ଦୁଇ ପରିବାରର ମହିଳାଙ୍କ ମଧ୍ୟରେ ପ୍ରଥମେ କଳହ ଆରମ୍ଭ ହୋଇଥିଲା। ଏହି କଳହ ଏତେ ଭୟଙ୍କର ରୂପ ନେଲା ଯେ, ଘରର ପୁରୁଷମାନେ ଏଥିରେ ସାମିଲ ହେବା ସହ ମୁହାଁମୁହିଁ ହୋଇଥିଲେ। ଘରେ ଥିବା ବିଭିନ୍ନ ମାରଣାସ୍ତ୍ର ଖଣ୍ଡା, ଭୁଜାଲି, କୁରାଢ଼ି ଓ ତେଣ୍ଟା ଆଦି ଧରି ପରସ୍ପରକୁ ଆକ୍ରମଣ କରିଥିଲେ। ନିରଞ୍ଜନଙ୍କ ପରିବାର ପକ୍ଷରୁ ସୁରେନ୍ଦ୍ର(୪୮)ଙ୍କୁ କୁରାଢ଼ିରେ ଆକ୍ରମଣ କରାଯାଇଥିଲା। ସୁରେନ୍ଦ୍ରଙ୍କ ପେଟ, ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେହିପରି ସୁରେନ୍ଦ୍ରଙ୍କ ପରିବାର ତରଫରୁ କାଳିଆଙ୍କ ଛାତିରେ ତେଣ୍ଟା ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ତେଣ୍ଟା ମାଡ଼ ଓ କୁରାଢ଼ି ଚୋଟରେ ସୁରେନ୍ଦ୍ର ଓ କାଳିଆଙ୍କର ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ଉଭୟ ପକ୍ଷର ବାସନ୍ତୀ, ସୁକାନ୍ତ, ମହେନ୍ଦ୍ର, ଧୋଳିଆ, ଗଜେନ୍ଦ୍ର, ନିରଞ୍ଜନ, ସନତ, କାଲୁ, ରବି ପ୍ରମୁଖ ୧୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏ ସଂକ୍ରାନ୍ତରେ ବ୍ରହ୍ମଗିରି ଥାନାରେ ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ୨ଟି କେସ୍ (ନଂ. ୧୬୭/୨୦ ଏବଂ ୧୬୮/୨୦) ରୁଜୁ ହୋଇଛି। ଉଭୟ ପକ୍ଷର ୨୩ଜଣଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା ଚାଲିଛି। ପୋଲିସ ଭୟରେ ଦୁଇ ପରିବାରର ଅନ୍ୟ ସଦସ୍ୟମାନେ ଘର ଛାଡ଼ି କେଉଁଆଡ଼େ ପଳାଇଛନ୍ତି।

ଅନ୍ୟପକ୍ଷରେ ସଂଘର୍ଷ ଖବର ପାଇବା ପରେ ଏସ୍‌ପି ଅଖିଳେଶ୍ୱର ସିଂଙ୍କ ସମେତ ଜିଲାର ବରିଷ୍ଠ ପୋଲିସ ଅଧିକାରୀ ଡିହଭୋଇସାହିକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି। ବ୍ରହ୍ମଗିରି ପୋଲିସ ସଂଘର୍ଷରେ ବ୍ୟବହୃତ ତେଣ୍ଟା, କୁରାଢ଼ି, ଭୁଜାଲି, ହାମର ପ୍ରଭୃତି ମାରଣାସ୍ତ୍ର ଜବତ କରିଛି। ଏ ସଂକ୍ରାନ୍ତରେ ଏସ୍‌ପି ସିଂ କହିଛନ୍ତି, ଘରକୁ ପାଣି ସଂଯୋଗ ନେବା ପାଇଁ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ପୂର୍ବରୁ ଉଭୟ ପରିବାର ମଧ୍ୟରେ ଆଲୋଚନା ହୋଇଥିଲା। ହେଲେ ହଠାତ୍ ରବିବାର ମହିଳାଙ୍କ ମଧ୍ୟରେ କଳହରୁ ସଂଘର୍ଷ ଘଟିଛି। ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷରୁ ୨୩ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି।




ପୁରୀ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଆହତ ବ୍ୟକ୍ତିମାନେ।

- କୁରାଢ଼ି ଚୋଟ, ତେଣ୍ଟା ମାଡ଼ରେ ୨ ମୃତ: ୧୪ ଆହତ
- ୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ, ୨୩ ଅଟକ
- ପୋଲିସ ଭୟରେ ୨ ପରିବାରର ଅନ୍ୟମାନେ ଫେରାର

### ରହିଲାନି ବନ୍ଧୁତ୍ୱର ମଧୁର ସମ୍ପର୍କ

ପରିବାର ପରେ ଜୀବନର ସାଥୀ କହିଲେ ବନ୍ଧୁକୁ ବୁଝାଏ। ବନ୍ଧୁ ପାଖରେ ଥିଲେ ବିପଦ ଆପଦରେ ଛିଡ଼ା ହୁଏ। କିନ୍ତୁ ସାମାନ୍ୟ ଜିଦ୍ ଯୋଗୁ ଏହି ଦୁଇ ପରିବାର ମଧ୍ୟରେ ଥିବା ଦୀର୍ଘବର୍ଷର ବନ୍ଧୁତ୍ୱରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଦୁଇ ପରିବାର ମଧ୍ୟରେ ରହିଥିଲା ଉତ୍ତମ ସମ୍ପର୍କ। ସୁରେନ୍ଦ୍ରଙ୍କ ପରିବାରରୁ ଜଣେ ଝିଅ ନିରଞ୍ଜନଙ୍କ ଘରେ ବିବାହ କରିଥିଲେ। ତେବେ ପାଣି ପାଇପ ବିବାଦକୁ ନେଇ ୨ ବନ୍ଧୁଙ୍କ ମଧ୍ୟରେ ତିକ୍ତତା ଏତେ ବଢିଯାଇଥିଲା ଯେ ନିରଞ୍ଜନଙ୍କ ପରିବାର ଲୋକେ ତାଙ୍କ ବୋହୂଙ୍କୁ ବାପଘର ସହ ସମ୍ପର୍କ ରଖିବାକୁ ବାରଣ କରିଥିଲେ। ବୋହୂ ନ ମାନିବାରୁ ତାଙ୍କୁ ମାରଧର କରିଥିଲେ। ଫଳରେ ୨ ପରିବାର ମଧ୍ୟରେ ବନ୍ଧୁତ୍ୱର ବିରାଟ ଫାଟ ସୃଷ୍ଟି ହୋଇଥିଲା।

### ଶ୍ରମିକଙ୍କ ପରେ ଆଖି ବୁଜିଲେ ଇଞ୍ଜିନିୟର

**ଷ୍ଟିମ ପାଇପ୍ ଭାଲ୍‌ଭ ଫାଟିବା ଘଟଣା**



ଅଭିଷେକ ପାଳ

**ଗଞ୍ଜାମ,୧୧।୧୦(ଡି.ଏନ.ଏ.)**

ଗଞ୍ଜାମ ସହରରେ ଥିବା ଗ୍ରାସିମ କମ୍ପାନୀରେ ଗତ ମଙ୍ଗଳବାର ଷ୍ଟିମ ପାଇପ୍ ଭାଲବ ଫାଟି ଜଣେ ଇଞ୍ଜିନିୟର ଓ ୩ ଠିକା ଶ୍ରମିକ ଗୁରୁତର ହୋଇଥିଲେ। ଶ୍ରମିକଙ୍କ ମଧ୍ୟରୁ ପୁଇଁତୋଳା ଗ୍ରାମର ଶଙ୍କର ରାଉଳଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା। ରବିବାର ଇଞ୍ଜିନିୟର ତଥା କଟକ କାଜିପାଟଣାର ଅଭିଷେକ ପାଳଙ୍କ ମୃତ୍ୟୁ ଘଟିଛି। ଏହି ୨ଜଣ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଅନ୍ୟ ୨ ଶ୍ରମିକ ଛତ୍ରପୁର ହସ୍ପିଟାଲରେ ଚିକିତ୍ସା ପରେ ସୁସ୍ଥ ହୋଇଛନ୍ତି। ମୃତକଙ୍କ ପରିବାରକୁ କମ୍ପାନୀ ନିୟମ ପ୍ରକାରେ ସହାୟତା ଯୋଗାଇ ଦିଆଯିବ ବୋଲି କମ୍ପାନୀ ଡିଜିଏମ୍ ରବୀନ୍ଦ୍ର କୁମାର ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ଗ୍ରାସିମ କମ୍ପାନୀରେ ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳବାସୀ ଓ ବିଭିନ୍ନ ଶ୍ରମିକ ସଙ୍ଗଠନଗୁଡିକ କ୍ଷତିପୂରଣ ଦାବି ନେଇ ଆନ୍ଦୋଳନ କରିଥିଲେ। ପରେ ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହୋଇଥିଲା। ମୃତକଙ୍କ ପରିବାରକୁ ୧୨ ଲକ୍ଷ ଟଙ୍କା ଓ ସମ୍ପର୍କୀୟଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ନିୟମ ପ୍ରକାରେ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷଙ୍କଠୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ରାଜଗାଙ୍ଗପୁରରେ ନକଲି ସସ୍ କାରଖାନା

**ରାଜଗାଙ୍ଗପୁର/ ସୁନ୍ଦରଗଡ଼,୧୧।୧୦(ଡି.ଏନ.ଏ)**



- ପୋଲିସର ଚଢ଼ାଉ, ଅଭିଯୁକ୍ତ ଗିରଫ
- ବହୁ ପରିମାଣର ସସ୍, ସସ୍ ତିଆରି ସାମଗ୍ରୀ ଜବତ

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହର କୁମ୍ଭାରପଡାଠାରେ ଚାଲିଥିବା ଏକ ନକଲି ସସ୍ ତିଆରି କାରଖାନାରେ ପୋଲିସ ରବିବାର ଚଢ଼ାଉ କରିଛି। ଚଢାଉ ବେଳେ ବହୁ ପରିମାଣର ସସ୍, ସସ୍ ତିଆରି ମେଶିନ, ବିଭିନ୍ନ ସାମଗ୍ରୀ ଏବଂ ଏକ କମ୍ପାନୀର ଲୋଗୋ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଭକଲ ଓରଫ ଅନିଲ ଦାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ରାଜଗାଙ୍ଗପୁର ଥାନାରେ ଦଫା ୨୭୨, ୨୭୩ ଆଇପିସିରେ ଏକ ମାମଲା (ନଂ.୨୮୭/୨୦) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ଦୀର୍ଘ ୫ବର୍ଷ ହେଲା ରାଜଗାଙ୍ଗପୁର କୁମ୍ଭାରପଡାଠାରେ ଅନିଲ ନକଲି ସସ୍ ତିଆରି କରି ସେଠାକାର ଦୋକାନ ବଜାର, ଛୋଟବଡ ହୋଟେଲ, ଢାବା, ଜଳଖିଆ ଦୋକାନ ଓ ଚାଓମିନ୍ ଷ୍ଟଲ ଗୁଡିକରେ ବିକ୍ରି କରୁଥିଲେ। ଏହା ପଚାସଢ଼ା କଖାରୁ ଓ ବିଭିନ୍ନ ରାସାୟନିକ ପଦାର୍ଥରୁ ତିଆରି ହେଉଥିବାରୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ। ଛୋଟ ପିଲାମାନେ ଫାଷ୍ଟଫୁଡ୍ ସହ ଏହି ସସ୍ ଖାଉଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଅଭିଭାବକମାନେ ଚିନ୍ତାରେ ରହୁଥିଲେ। ଏହି କାରଖାନାକୁ ବନ୍ଦ କରିବା ପାଇଁ ସେମାନେ ସୁନ୍ଦରଗଡ଼ ଜିଲା ଚିକିତ୍ସାଧିକାରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ରାଜଗାଙ୍ଗପୁର ଏସ୍‌ଡିପିଓ ଶଶାଙ୍କ ଶେଖର ବେହୁରାଙ୍କ ନେତୃତ୍ୱରେ ରାଜଗାଙ୍ଗପୁର ଆଇଆଇସି ଗୋକୁଳାନନ୍ଦ ସାହୁ, ଏଏସଆଇ ଏ.କେ ପଟେଲ ପ୍ରମୁଖ ସଦଳବଳ ରବିବାର ଉକ୍ତ ସସ୍ କାରଖାନା ଉପରେ ଚଢ଼ାଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ପୂର୍ବରୁ ନକଲି ଶସ୍ ତିଆରି କରି ଗିରଫ ହୋଇଥିବା ବେଳେ କିଛି ବର୍ଷ ବ୍ୟବଧାନ ପରେ ପୁଣି ଏହି କାରବାର ଆରମ୍ଭ କରିଥିଲେ ବୋଲି ପୋଲିସ କହିଛି।

## କରୋନା ଆକ୍ରାନ୍ତ ନର୍ସଙ୍କ ମୃତ୍ୟୁରେ ଉତ୍ତେଜନା

**ରାଉରକେଲା ଅଫିସ, ୧୧।୧୦**

ରାଉରକେଲା ହାଇଟେକ୍ ହସ୍ପିଟାଲର କୋଭିଡ୍ କେୟାର ସେଣ୍ଟରରେ କାର୍ଯ୍ୟରତ ଜଣେ ଠିକା ନର୍ସଙ୍କ କରୋନାରେ ମୃତ୍ୟୁ ଘଟିଛି। ଏହାକୁ ନେଇ ସେଠାରେ ଅସ୍ଥାୟୀ ଭାବେ ନିଯୁକ୍ତି ପାଇଥିବା ଅନ୍ୟ ନର୍ସ ଓ ଆଟେଣ୍ଡାଣ୍ଟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ସେମାନେ ଏକତ୍ର ହୋଇ ହସ୍ପିଟାଲ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ମୃତ ନର୍ସଙ୍କୁ ରାଜ୍ୟ ସରକାର କୋଭିଡ୍ ଯୋଦ୍ଧା ଭାବେ ଗ୍ରହଣ କରି ତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା, ସେମାନଙ୍କୁ ନିଯୁକ୍ତି ପତ୍ର ଦେବା, ଘୋଷଣା ଅନୁସାରେ ପାରିଶ୍ରମିକ ବଢାଇବା ଆଦି ଦାବି ନେଇ ସେମାନେ ଅଡ଼ି ବସିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲି ସୁନୀଲ ନରୱେଣେ ଧାରଣାରତ ନର୍ସ ଓ ଆଟେଣ୍ଡାଣ୍ଟଙ୍କ ସହ ଆଲୋଚନା କରି ଦାବିବିଚାରକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ସୂଚନାଯୋଗ୍ୟ, ସମ୍ପୃକ୍ତ ଠିକା ନର୍ସ କରୋନାରେ ଆକ୍ରାନ୍ତ ହେବା ପରେ ସେଠାରେ ପ୍ରଥମେ ଚିକିତ୍ସିତ ହୋଇଥିଲେ। ହେଲେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଥିଲେ।

## ୧୨ଲକ୍ଷ ଠକେଇ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୧।୧୦ (ବ୍ୟୁରୋ)**

୧୨ଲକ୍ଷ ୫୦ହଜାର ଟଙ୍କା ଠକେଇ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ବେହେରା ସାହି ଅଞ୍ଚଳରେ ରହୁଥିବା ପ୍ରଶାନ୍ତ କୁମାର ସାହୁ। ସୂଚନା ଅନୁଯାୟୀ, ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଦିଲୀପ ସାହୁଙ୍କଠାରୁ ପ୍ରଶାନ୍ତ ୩ବର୍ଷ ପୂର୍ବେ ୧୨ଲକ୍ଷ ୫୦ ହଜାର ଟଙ୍କା ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଧାର ନେଇଥିଲେ। ଗତ ଏପ୍ରିଲ ମାସରେ ଧାର ଟଙ୍କା ଫେରାଇବା ନେଇ ଚୁକ୍ତି କରିବା ସହ ଏକ ଚେକ ପ୍ରଦାନ କରିଥିଲେ। କିନ୍ତୁ ଏପ୍ରିଲ ମାସରେ ପ୍ରଶାନ୍ତ ଟଙ୍କା ନ ଫେରାଇବା ସହ ଦିନ ଗଡ଼ାଇ ଚାଲିଥିଲେ। ଏହା ସହ ଦିଲ୍ଲୀପଙ୍କୁ ଦେଇଥିବା ଚେକ ପରବର୍ତ୍ତୀ ସମୟରେ ବାଉନ୍ସ ହୋଇଯାଇଥିଲା। ପ୍ରଶାନ୍ତ ତାଙ୍କୁ ଠକେଇ କରିଥିବା ନେଇ ଦିଲୀପ ଥାନରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୮୬/୨୦) ରୁଜୁକରି ତଦନ୍ତ ଚଳାଇଥିଲା।

## କାଠ ଉପରେ ଚାଲିବେ ସଂକ୍ରିଡ଼ାବାସୀ

**ବନ୍ତଲା, ୧୧।୧୦ (ଡି.ଏନ୍.ଏ.)**

ଶିଳ୍ପାୟନରେ ଆଗୁଆ ଅନୁଗୋଳ। ରାଜ୍ୟର ସର୍ବାଧିକ ରାଜସ୍ୱ ମଧ୍ୟ ଆଦାୟ ହେଉଛି ଏହି ଜିଲାରୁ। ହେଲେ ଜିଲାରେ ଏମିତି ବି ଗାଁ ଅଛି ଯେଉଁଠି ଯାତାୟାତ ପାଇଁ ଲୋକଙ୍କୁ ଜଙ୍ଗଲରୁ କାଠ କାଟି ପଙ୍କ କାଦୁଅ ରାସ୍ତା ଉପରେ ବିଛାଇବାକୁ ପଡୁଛି। ବର୍ଷ ବର୍ଷ ଧରି ସରକାରୀ ଯୋଜନାରେ ସଡ଼କଟିଏ ପାଇଁ ଦାବି କରି ନିରାଶ ହେବା ପରେ ନିଜ ସମସ୍ୟାର ସମାଧାନ ନିମନ୍ତେ ଲୋକଙ୍କୁ ଏପରି ଭିନ୍ନ ପନ୍ଥା ଆପଣାଇବାକୁ ପଡ଼ିଛି। ରବିବାର ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଅନୁଗୋଳ ବ୍ଲକ ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା କୋଠଭୂଇଁ ପଞ୍ଚାୟତର ସଂକ୍ରିଡ଼ା ଗ୍ରାମରେ।

ଜଙ୍ଗଲ ଅଧ୍ୟୁଷିତ ଗ୍ରାମ ସଂକ୍ରିଡ଼ାର ଲୋକ ସଂଖ୍ୟା ପ୍ରାୟ ୩୫୦। ହେଲେ ଯାତାୟାତ ପାଇଁ ଭଲ ରାସ୍ତାଟିଏ ନାହିଁ। ଫଳରେ ବର୍ଷ ବର୍ଷ ହେଲା ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ବିଶେଷକରି ବର୍ଷାଦିନେ ପଞ୍ଚାୟତ ମୁଖ୍ୟାଳୟଠାରୁ ଗ୍ରାମକୁ ଲମ୍ବିଥିବା ୬ କିଲୋମିଟର ରାସ୍ତାର ପଙ୍କୁଆ ମାଟିରେ ଚାଲିକରି ଯିବା ଅତି କଷ୍ଟକର ହୋଇପଡୁଛି। ଅନେକ ସ୍ଥାନରେ ଆଣ୍ଠୁଏ ଲେଖାଏ କାଦୁଅ ରହୁଛି। ଏ ନେଇ ବାରମ୍ବାର ଦାବି ପରେ ପୂର୍ତ୍ତ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଟେଣ୍ଡର ମଧ୍ୟ କରାଯାଇଥିଲା। କିନ୍ତୁ ଦାୟିତ୍ୱ ନେଇଥିବା ଠିକାଦାର ଦେଢ଼ବର୍ଷ ହେବ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁନାହାନ୍ତି। ଏପରିକି ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରାସ୍ତାରେ ମାଟି ପକାଯାଇଥିଲେ ମଧ୍ୟ ତାହା ଗ୍ରାମବାସୀଙ୍କ ସମସ୍ୟାର ସମାଧାନ କରିପାରି ନାହିଁ। ତେଣୁ ଯାତାୟାତରେ ସୁବିଧା ପାଇଁ ସେମାନେ ବାଧ ହୋଇ ଶୁକ୍ରବାରଠାରୁ ଜଙ୍ଗଲରୁ କାଠ କାଟି ରାସ୍ତାର ପଙ୍କ କାଦୁଅ ଉପରେ ବିଛାଉଥିବା ଗ୍ରାମ ସଭାପତି ଜିତେନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରଶାନ୍ତ ସାହୁ, ବଟ କିଶୋର ପ୍ରଧାନ, ନାରାୟଣ ପ୍ରଧାନ, ଭକ୍ତ ବନ୍ଧୁ ବିଶ୍ୱାଳ, ଦୋଳଗୋବିନ୍ଦ ପ୍ରଧାନ, ଭାସ୍କର ସାହୁ, ମୀନକେତନ ପ୍ରଧାନ, ବୈକୁଣ୍ଠ ସାହୁ, ପ୍ରମୋଦ ମଙ୍ଗରାଜ, ରବୀନ୍ଦ୍ର ବିଷ୍ଣୁ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିନୟ କୁମାର ପାଢୀ କହିଛନ୍ତି, ସଂକ୍ରିଡା ଗ୍ରାମକୁ ରାସ୍ତା ଜରୁରୀ। ୧୫ ମାସ ହେଲା ଠିକାଦାର କାମ କରୁନାହାନ୍ତି। ବାରମ୍ବାର ଚିଠି କରାଯିବା ପରେ ସେ ଉତ୍ତର ଦେଉ ନ ଥିବାରୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଟେଣ୍ଡର କ୍ୟାନସେଲ କରାଯିବ। ନୂତନ ଟେଣ୍ଡର ଡାକିବା ପାଇଁ ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଚିଠି କରାଯାଇଛି ବୋଲି ସହକାରୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି।



ସଂକ୍ରିଡ଼ା ଗ୍ରାମବାସୀ ରାସ୍ତାରେ କାଠ ବିଛାଉଛନ୍ତି।

- ପଙ୍କୁଆ ରାସ୍ତାରୁ ରକ୍ଷା ପାଇଁ ଭିନ୍ନ ପନ୍ଥା
- ଟେଣ୍ଡରକୁ ବିତିଗଲାଣି ୧୫ ମାସ
- ତଥାପି ସଡ଼କ କରିପାରିଲେନି ସରକାର

### ୩ ଦିନ ହେଲା କାମରେ ଲାଗିଛୁ



ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ଲୋକ ପ୍ରତିନିଧି, ଜିଲାପାଳଙ୍କୁ ଜଣାଇବା ସତ୍ତ୍ୱେ କେବଳ ପ୍ରତିଶ୍ରୁତି ମିଳିଛି। ବାଧହୋଇ ଗ୍ରାମର ସମସ୍ତେ ଏକାଠି ହୋଇ ୩ ଦିନ ହେଲା ଜଙ୍ଗଲରୁ କାଠ ସଂଗ୍ରହ କରି ରାସ୍ତାକୁ ଯାତାୟାତ ଉପଯୋଗୀ କରିବାକୁ ଚେଷ୍ଟା କରିଛୁ।

**–ଜିତେନ୍ଦ୍ର ପ୍ରଧାନ, ଗ୍ରାମ ସଭାପତି**

### ସରକାରୀ ଯୋଜନାର ସୁଫଳ ପାଉନୁ



ଜଙ୍ଗଲ ମଧ୍ୟରେ ରହୁଥିବାରୁ ଅନେକ ସମସ୍ୟା ଭୋଗୁଛୁ। ପିଇବା ପାଇଁ ବର୍ଷଯାକ ନଳକୂଅ ପାଣି ମଧ୍ୟ ମିଳୁନି। ପ୍ରାଥମିକ ବିଦ୍ୟାଳୟରେ ମାତ୍ର ୨ ଜଣ ଶିକ୍ଷକ ରହିଛନ୍ତି। କେବେ ସରକାରୀ ଯୋଜନାର ସୁଫଳ ଆମକୁ ମିଳିବ ତାହାକୁ ଅପେକ୍ଷା।

**–ଘଟ କିଶୋର ପ୍ରଧାନ, ଗ୍ରାମ ସମ୍ପାଦକ**

### ପରିବା ମୁଣ୍ଡେଇ ବଜାର ଯାଉଛୁ



ଜମିରେ କରୁଥିବା ପରିବା ବିକ୍ରି ପାଇଁ ବଜାରକୁ ନେଇପାରୁନୁ। ଯେତିକି ମୁଣ୍ଡରେ ବୋହିପାରୁଛୁ ସେତିକି ବଡ଼ କଷ୍ଟରେ ଗ୍ରାହକଙ୍କ ନିକଟରେ ପହଞ୍ଚାଉଛୁ। ଭଲ ରାସ୍ତାଟିଏ ଥିଲେ ଗାଡ଼ିରେ ଏସବୁ ସାମଗ୍ରୀ ନେଇ ଅଧିକ ଆୟ କରିପାରିଥାନ୍ତୁ।

**–ଭକ୍ତବନ୍ଧୁ ବିଶ୍ୱାଳ, ଗ୍ରାମବାସୀ**

### ସରକାର ଏଯାଏ ମଜୁରି ଦେଇନାହାନ୍ତି



ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗ୍ରାମବାସୀ ୨ ମାସ ହେଲା ରାସ୍ତାରେ ମାଟି ପକାଇଥିଲେ। କିନ୍ତୁ ଶ୍ରମ ବାବଦ ୬୦ ହଜାର ଟଙ୍କା ଏ ପର୍ଯ୍ୟନ୍ତ ଶ୍ରମିକଙ୍କୁ ମିଳିନାହିଁ। ରାସ୍ତା କାମ ବି ଆଗେଇପାରୁନି। ସରକାର ଦୃଷ୍ଟି ଦେଇ ସମସ୍ୟା ବୁଝନ୍ତୁ।

**–ନାରାୟଣ ପ୍ରଧାନ, ଗ୍ରାମବାସୀ**

## ସଂକ୍ଷେପରେ

### କରୋନା ଆକ୍ରାନ୍ତ ସରପଞ୍ଚଙ୍କ ମୃତ୍ୟୁ

ବାଲିଅନ୍ତା,୧୧।୧୦(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ସାହୁ କରୋନାରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବାବେଳେ ରବିବାର ମୃତ୍ୟୁ ହୋଇଛି। ସେ ୧୫ଦିନ ତଳେ ଜ୍ୱରରେ ପୀଡ଼ିତ ହୋଇଥିଲେ। ପରେ ସ୍ୱାବ ଟେଷ୍ଟ କରିବାରୁ ପଜିଟିଭ ଚିହ୍ନଟ ହୋଇଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ୨ଦିନ ତଳେ ତାଙ୍କୁ ପ୍ଲାଜମା ଦିଆଯାଇଥିଲା। କିନ୍ତୁ ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏହାପୂର୍ବରୁ ମଧ ସେ କିଡ୍‌ନୀ ରୋଗ ଓ ମଧୁମେହ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସେ ଲକଡାଉନ ଓ ଶଟଡାଉନ ସମୟରେ କରୋନା ନିୟନ୍ତ୍ରଣ ଦିଗରେ ସଚେତନ କାର୍ଯ୍ୟ କରିଆସୁଥିଲେ। ଏପରିକି ବାଲିଅନ୍ତା ବ୍ଲକ ସରପଞ୍ଚ ସଂଘର ସଭାପତି ମଧ ଥିଲେ। ଏହାସହ ବିଜେଡିର ଦକ୍ଷ ସଂଗଠକ ଓ ସକ୍ରିୟ କର୍ମୀ ରହି ପଞ୍ଚାୟତର ବିକାଶ ସହ ଲୋକଙ୍କ ସେବା କରୁଥିଲେ।

### ଭୁବନେଶ୍ୱର: ୩ଶହ ତଳକୁ ଖସିଲା ଦୈନିକ ସଂକ୍ରମଣ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ): ଭୁବନେଶ୍ୱରରୁ ରବିବାର ୨୯୦କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୩୫୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିରେ ୭୯ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୨୧୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୫,୪୬୪କୁ ବୃଦ୍ଧି ପାଇଥିବାବେଳେ ଏଥିରୁ ୨୧,୮୯୭ଜଣ ସୁସ୍ଥ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ସୂଚନା ଦିଆଯାଇଛି। ବଡ଼ କଥା ହେଲା ପ୍ରାୟ ୪୬ଦିନ ପରେ ଭୁବନେଶ୍ୱରରୁ ଦୈନିକ ସଂକ୍ରମଣ ସଂଖ୍ୟା ୩୦୦ରୁ କମ୍ ଚିହ୍ନଟ ହୋଇଥିବା ନଜରକୁ ଆସିଛି। ସୂଚନା ଅନୁସାରେ, ଭୁବନେଶ୍ୱରରୁ ଏଯାବତ୍ ୧୧୭ ଜଣଙ୍କର ମୃତ୍ୟୁ ହୋଇଛି। ରବିବାର ଆଉ ୩ଜଣଙ୍କ ମୃତ୍ୟୁ ହୋଇଥିବା ବିଏମ୍‌ସି ସୂଚନା ଦେଇଛି। ତେବେ ରବିବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ସତ୍ୟନଗର, ଚନ୍ଦ୍ରଶେଖରପୁର ଓ ବରମୁଣ୍ଡାରୁ ୧୧ଜଣ ଲେଖାଏ, ନୟାପଲ୍ଲୀ, ପୁରୁଣା ଭୁବନେଶ୍ୱର ଓ ଲକ୍ଷ୍ମୀସାଗରରୁ ୧୦ଜଣ ଲେଖାଏ, ବରମୁଣ୍ଡାରୁ ୭ଜଣ, ଶୈଳଶ୍ରୀ ବିହାର ଓ ପଟିଆରୁ ୬ଜଣ ଲେଖାଏ, ୟୁନିଟ-୬, ଖଣ୍ଡଗିରି, ଆଇଆରସି ଭିଲେଜ, ପଟିଆ ଓ ସତ୍ୟନଗରରୁ ୫ଜଣଙ୍କ ସମେତ ନୂଆଗାଁ ଓ ଶହୀଦନଗରରୁ ୩ ଜଣ ଲେଖା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧରୁ ଚିହ୍ନଟ ସମସ୍ତ ପଜିଟିଭ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାବ୍ୟତୀତ ଭୁବନେଶ୍ୱର ବହୁ ସ୍ଥାନରୁ ଜଣେ, ଦୁଇ ଜଣ ଓ ୩ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସହରରେ ୩,୪୨୯ ସକ୍ରିୟ ଥିବାବେଳେ ଏହି ଆକ୍ରାନ୍ତମାନେ ହୋମ ଆଇସୋଲେସନ୍, କୋଭିଡ୍ କେୟାର ସେଣ୍ଟର ଏବଂ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବିଏମ୍‌ସି ସୂତ୍ରରୁ ଜଣାପଡ଼ିଛି।

### ୧୩ରେ ସିବିଏସ୍‌ଇ ଅଫିସ ଆଗରେ ଧାରଣା ଦେବ ଅଭିଭାବକ ମହାସଂଘ

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ): କରୋନା ମହାମାରୀ ପାଇଁ ଗତ ୬ମାସ ହେବ ସ୍କୁଲ ବନ୍ଦ ରହିଛି। ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ନ ହେବା ପାଇଁ ଅନ୍‌ଲାଇନ କ୍ଲାସ ଚାଲିଛି। ମୁଖ୍ୟମନ୍ତ୍ରୀ ପ୍ରଥମେ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଫି' ଛାଡ଼ କିମ୍ବା ସ୍ୱାଭାବିକ ପରିସ୍ଥିତି ଆସିଲେ ଆଦାୟ ପାଇଁ ଅପିଲ କଲେ। କିନ୍ତୁ ସ୍କୁଲଗୁଡ଼ିକର ମନମାନି ଯୋଗୁ ଏହି ମାମଲା ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଛି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଣଶିକ୍ଷା ସଚିବଙ୍କ ଅଧକ୍ଷତାରେ ଆପୋସ ବୁଝାମଣା ହୋଇ ତାହା ଉପସ୍ଥାପିତ ହୋଇଛି ଓ ଖୁବ୍‌ଶୀଘ୍ର ଏନେଇ ରାୟ ଆସିବାକୁ ଯାଉଛି। ହେଲେ ବର୍ତ୍ତମାନ ସିବିଏସଇର ନବମ ଓ ଏକାଦଶ ଶ୍ରେଣୀ ପାଇଁ ନାମ ପଞ୍ଜୀକରଣ ତଥା ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ଫର୍ମ ପୂରଣ ଆଳରେ ଘରୋଇ ସ୍କୁଲଗୁଡ଼ିକ ଅଭିଭାବକଙ୍କୁ ଡାକି ଅଫ୍‌ଲାଇନ ଫର୍ମ ପୂରଣ କରିବା ସହିତ ସବୁ ଫି' ଜୋର ଜବରଦସ୍ତ ଆଦାୟ କରୁଥିବା ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ କରିଛି। ମହାସଂଘର କହିବାନୁଯାୟୀ, ସିବିଏସଇ କର୍ତ୍ତୃପକ୍ଷ ଏଭଳି ସମୟରେ ଏପରି କରିବା ଅତ୍ୟନ୍ତ ନିନ୍ଦନୀୟ। ମହାମାରୀରେ ରୋଜଗାର ନ ଥିବାବେଳେ ଜରିମାନା ସହ ଫର୍ମ ପୂରଣ ନିର୍ଦ୍ଦେଶ ପ୍ରତ୍ୟାହାର ଓ ଅବଧି ବୃଦ୍ଧି ତଥା ଅଭିଭାବକଙ୍କୁ କେବଳ ଅନ୍‌ଲାଇନରେ ଫର୍ମ ପୂରଣ ଅନୁମତି ପ୍ରଦାନ କରାଯାଉ ବୋଲି ସିବିଏସଇ ଅଧକ୍ଷଙ୍କୁ ଦାବି ଜଣାଇ ଦିଆଯାଇଛି। ଯଦି ଆମର ଦାବି ତୁରନ୍ତ କାର୍ଯ୍ୟକାରୀ ନ ହୁଏ ତେବେ ଆସନ୍ତା ୧୩ ତାରିଖରେ ସିବିଏସ୍‌ଇର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ମହାସଂଘ ଘୋଷଣା କରିଛି।

# ଏଟିଏମ୍ ତାଡ଼ି ଲୁଟିନେଲେ ୨୮ ଲକ୍ଷ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

**ରାଜଧାନୀରେ ଆଉ ଏକ ବଡ଼ ଲୁଟ୍**

- ଘଟଣା ସ୍ଥଳରୁ ଗ୍ୟାସ୍ ସିଲିଣ୍ଡର, କଟର, ଶାବଳ ଜବତ
- ଏଟିଏମ୍ ଭିତରେ ଥିବା ସିସିଟିଭି ଅଚଳ
- ସ୍ପେଶାଲ ସ୍କ୍ୱାଡ୍ ସହ ତଦନ୍ତ କରୁଛି ୩ ଥାନା ପୋଲିସ

ରାଜଧାନୀରେ ପୁଣି ଏକ ବଡ଼ ଧରଣର ଲୁଟ୍ ହୋଇଛି। ନିକଟରେ ସହର ଉପକଣ୍ଠରେ ଥିବା ଦୁଇଟି ବ୍ୟାଙ୍କ୍‌ରୁ ଲୁଟ୍ ହୋଇଥିବାବେଳେ ଶନିବାର ରାତିରେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ ମାଗ୍ନେଟିକ ଛକ ନିକଟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ ଏଟିଏମ୍ ତାଡ଼ି ଦୁର୍ବୃତ୍ତମାନେ ୨୭ ଲକ୍ଷ ୮୪ ହଜାର ଟଙ୍କା ଲୁଟି ନେଇଛନ୍ତି। ରବିବାର ସକାଳୁ ଇନ୍‌ଫୋସିଟି ଓ ନନ୍ଦନକାନନ ଥାନା ପୋଲିସ ସହ ଜୋନ୍-୬ ଏସିପି ପ୍ରକାଶ ପାଲ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ଫରେନ୍‌ସିକ୍ ଟିମ୍ ଛାନ୍‌ଭିନ୍ ଚଳାଇଛି। ଘଟଣାସ୍ଥଳରୁ ଗ୍ୟାସ୍ କଟର, ଛୋଟ ଗ୍ୟାସ୍ ଟାଙ୍କି, ଶାବଳ ଆଦି ଜବତ ହୋଇଛି। ଏନେଇ ବ୍ୟାଙ୍କ୍‌ର ସିନିୟର ରିଜିଓନାଲ ଏକ୍‌ଜିକ୍ୟୁଟିଭ୍ ଭାନୁପ୍ରତାପ ମହାରଣା ଅଭିଯୋଗ କରିବା ପରେ ଇନ୍‌ଫୋସିଟି ଥାନାରେ ଏକ ଲୁଟ୍ ମାମଲା (ନଂ.୧୫୧/୨୦) ରୁଜୁ ହୋଇଛି। ଏହି ଲୁଟ୍‌ରେ ବାହାର ରାଜ୍ୟର ଲୁଟେରା ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବାବେଳେ ସ୍ଥାନୀୟ ଅପରାଧୀମାନେ ସହଯୋଗ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଏଟିଏମ୍ ସମ୍ପର୍କରେ ଜାଣିଥିବା କିମ୍ବା କେହି ଇଞ୍ଜିନିୟର ଏହି ଘଟଣାରେ ସମ୍ପୃକ୍ତ ରହିଥିବା ଏସିପି ପ୍ରକାଶ ପାଲ ଆଶଙ୍କା କରୁଛନ୍ତି। ଦୁଇ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଏହି ଘଟଣାର ତଦନ୍ତ କରୁଛି। ଉକ୍ତ ଏଟିଏମ୍‌ରେ ଲାଗିଥିବା ସିସିଟିଭି କାମ କରୁ ନ ଥିବାରୁ ପୋଲିସକୁ ତଦନ୍ତ କରିବାରେ କଷ୍ଟ ହେଉଛି ବୋଲି ସେ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଏଟିଏମ୍‌ରେ ଭଲ କାରବାର ହେଉଥିବାରୁ ସବୁବେଳେ ଅଧିକ ପରିମାଣର ଟଙ୍କା ରହିଥାଏ। ଶୁକ୍ରବାର ସନ୍ଧ୍ୟାରେ ସେଥିରେ ୧୦ ଲକ୍ଷ ଟଙ୍କା ଜମା କରାଯାଇଥିଲା। ପୂର୍ବରୁ ଥିବା ଟଙ୍କାକୁ ମିଶାଇଲେ ସମୁଦାୟ ୨୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରହିଥିଲା। ହେଲେ ଶନିବାର ରାତି ୮ଟା ୯ରୁ ଉକ୍ତ ଏଟିଏମ୍‌ରେ ବିଦ୍ୟୁତ୍ କଟିଯାଇଥିଲା। ଏହା ସଜଡ଼ା ନ ହେବାରୁ ତାହା ସେମିତି ଅନ୍ଧାରରେ ରହିଥିଲା। ଏପରି କି ବ୍ୟାଙ୍କ୍ କିମ୍ବା ମେଣ୍ଟେନାସ୍ ଦାୟିତ୍ୱରେ ଥିବା ସଂସ୍ଥା ଏଟିଏମ୍‌ର ଶଟର ବନ୍ଦ କରି ନ ଥିଲେ। ଏଟିଏମ୍‌ଟି ଖୋଲାଥିବା ଓ ଭିତରେ ଅନ୍ଧାର ରହିଥିବା ସୁଯୋଗ ନେଇ ଲୁଟେରାମାନେ ଲୁଟ୍ ଯୋଜନା କରିଥିଲେ। ବିଳମ୍ବିତ ରାତିରେ ଏହା ଭିତରେ ପଶି ଗ୍ୟାସ୍ କଟର ସାହାଯ୍ୟରେ ଏଟିଏମ୍‌କୁ କାଟିବା ପରେ ଶାବଳରେ ତାଡି ଆଇରନ୍ ଚେଷ୍ଟରେ ଥାକ ହୋଇ ରହିଥିବା ୨୭ ଲକ୍ଷ ୮୪ ହଜାର ଟଙ୍କା ଲୁଟି ନେବାରେ ସଫଳ ହୋଇଥିଲେ। ସକାଳୁ ଦାୟିତ୍ୱରେ ଥିବା କର୍ମଚାରୀ ଏଟିଏମ୍ ଝାଡୁ ମାରିବାକୁ ଯାଇ ଘଟଣା ଦେଖି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ।

ସୂଚନାଯୋଗ୍ୟ,ପୂର୍ବରୁ ଇନ୍‌ଫୋସିଟି ଥାନା ନନ୍ଦନବିହାର ଥିବା ଏକ ବ୍ୟାଙ୍କରୁ ଲୁଟ୍ ହେବା ସହ ନିକଟରେ ମଞ୍ଚେଶ୍ୱର ଥାନା ବରିମୁଣ୍ଡରେ ଥିବା ଏକ ବ୍ୟାଙ୍କ୍‌ରୁ ଲୁଟ୍ ହୋଇଥିଲା। ଏହି ଦୁଇ ଲୁଟ୍ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବାବେଳେ ଏବେ ଏଟିଏମ୍ ଲୁଟ୍ ଘଟଣା କମିଶନରେଟ ପୋଲିସ ପାଇଁ ଆଉଏକ ଚ୍ୟାଲେଞ୍ଜ ହୋଇଛି।



କଢ଼ାଯାଇଥିବା ଏଟିଏମ୍ ମେଶିନ ଓ ଜବତ ସାମଗ୍ରୀ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୧୭ ଅଧ୍ୟାପକ ପଦବୀ ଖାଲି

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରାଜ୍ୟରେ ୧୭ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଏଥିପାଇଁ ମୋଟ ୪୩୦ ଅଧ୍ୟାପକ ପଦବୀ ଥିବାବେଳେ ୩୧୩ଟି ପୂରଣ ହୋଇଛି। ଏବେ ୧୧୭ ଅଧ୍ୟାପକ ପଦବୀ ଖାଲି ରହିଛି। ଏହି ଖାଲି ପଦବୀ ମଧ୍ୟରୁ ସର୍ବାଧିକ ଖୋର୍ଦ୍ଧା ଜିଲାରେ ରହିଛି। ଏହି ଜିଲାରେ ରହିଥିବା ୯୫ଟି ପଦବୀ ମଧ୍ୟରୁ ୬୨ଟି ପୂରଣ ହୋଇଥିବାବେଳେ ୩୩ଟି ଖାଲି ପଡ଼ିଥିବା ଜଣାପଡ଼ିଛି। ସେହିପରି ଏହା ତଳକୁ କଟକ ଓ ପୁରୀ ଜିଲାରେ ୧୫ ଲେଖାଏ ପଦବୀ ଖାଲି ପଡ଼ିଥିବାବେଳେ ସୁନ୍ଦରଗଡ଼ରେ ୧୧, ବାଲେଶ୍ୱର ୧୦, ମୟୂରଭଞ୍ଜ ୯, ଗଞ୍ଜାମ ୮, ସମ୍ବଲପୁର ୬, କେନ୍ଦ୍ରାପଡ଼ା ୫, ଫୁଲବାଣୀ ୨, ବଲାଙ୍ଗୀର, କୋରାପୁଟ ଓ ନୂଆପଡ଼ାରେ ଗୋଟିଏ ଲେଖାଏ ଅଧ୍ୟାପକଙ୍କ ପଦବୀ ଖାଲି ପଡ଼ିଛି। ତେବେ ମାଲକାନଗିରି ଜିଲାରେ ରହିଥିବା ମୋଟ ୭ଟି ପଦବୀ ପୂରଣ ହୋଇଛି।

ଅନ୍ୟପଟେ ରାଜ୍ୟର ୨୦ ଜିଲାର ୩୭ ବ୍ଲକ୍‌ରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ଅଧ୍ୟାପକ ଜଣେ ବି ନାହାନ୍ତି। ସେଥିମଧ୍ୟରୁ କନ୍ଧମାଳ ଜିଲାର ସର୍ବାଧିକ ୫ ବ୍ଲକ୍‌ରେ ବିଜ୍ଞାନ ଅଧ୍ୟାପକ ନ ଥିବାବେଳେ ବଲାଙ୍ଗୀରରେ ୪ ବ୍ଲକ୍, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମ ଜିଲାର ୩ଟି ଲେଖାଏ ବ୍ଲକ, ବୌଦ୍ଧ, କଟକ, କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲାର ୨ଟି ଲେଖାଏ ବ୍ଲକ, ବାଲେଶ୍ୱର, ବରଗଡ଼, ଗଜପତି, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଓ ସୋନପୁର ଜିଲାର ଗୋଟିଏ ଲେଖାଏ ବ୍ଲକରେ ବିଜ୍ଞାନ ଅଧ୍ୟାପକ ନ ଥିବା ଜଣାପଡ଼ିଛି।

# ଯୁବତୀଙ୍କଠାରୁ ୫ହଜାର ଟଙ୍କା ଲୁଟ୍

ଭୁବନେଶ୍ୱର,୧୧।୧୦ (ବ୍ୟୁରୋ)

ଭୁବନେଶ୍ୱର ଏସ୍‌ପ୍ଲାନେଡ ମଲ୍ ସମ୍ମୁଖରୁ ରବିବାର ଦୁଇ ଜଣ ଦୁର୍ବୃତ୍ତ ଜଣେ ଯୁବତୀଙ୍କୁ ଆକ୍ରମଣ କରି ୫ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲାର ଚିନ୍ମୟୀ ସ୍ୱାଇଁ ସାଙ୍ଗଙ୍କ ସହ ସନ୍ଧ୍ୟାରେ ଏସପ୍ଲାନେଡ ମଲ୍‌କୁ ଯାଉଥିଲେ। ଦୁର୍ବୃତ୍ତମାନେ ବାଇକ୍‌ରେ ପିଛା କରି ଏସ୍‌ପ୍ଲାନେଡ ମଲ ସମ୍ମୁଖରେ ତାଙ୍କୁ ଧକ୍କା ମାରି ମୋବାଇଲ ସମେତ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଚିନ୍ମୟୀଙ୍କ ଅଭିଯୋଗକ୍ରମେ ଶହୀଦନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି।




ପୁରୀ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ମାନ୍ୟତା ମିଳିବା ଘୋଷଣାକୁ ସ୍ୱାଗତ ଜଣାଇ ରବିବାର ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# କିଶୋରୀଙ୍କୁ ଚିହ୍ନଟ କରିବେ ରାଜ୍ୟ ସରକାର

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)




- ରାଜ୍ୟବ୍ୟାପୀ ଦିଆଯିବ 'କିଶୋରୀ କାର୍ଡ'
- ସ୍ୱତନ୍ତ୍ର ପ୍ୟାକେଜ 'ଅଦ୍ୱିକା'ର ଲୋକାର୍ପଣ କଲେ ମନ୍ତ୍ରୀ

ରାଜ୍ୟରେ ଥିବା କିଶୋରୀମାନଙ୍କ ବିକାଶ ପାଇଁ ସରକାର ବିଶେଷ ଧ୍ୟାନ ଦେଇଛନ୍ତି। ସେମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ସୂଚନା ପରିଚାଳନା ବ୍ୟବସ୍ଥାର ବିକାଶ କରାଯିବ। ଏହାସହ କିଶୋରୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ, ପୁଷ୍ଟିସାଧନ, ସୁରକ୍ଷା ବ୍ୟବସ୍ଥାକୁ ନିରୀକ୍ଷଣ କରିବା ପାଇଁ 'କିଶୋରୀ କାର୍ଡ' ପ୍ରଦାନ କରାଯିବ। ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଅବସରରେ ଏ ନେଇ ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ ରବିବାର ଆୟୋଜିତ ଏକ ରାଜ୍ୟସ୍ତରୀୟ ୱେବିନାରରେ କିଶୋରୀଙ୍କ ଲାଗି ଉଦ୍ଦିଷ୍ଟ ସ୍ୱତନ୍ତ୍ର ପ୍ୟାକେଜ 'ଅଦ୍ୱିକା'ର ଲୋକାର୍ପଣ କରି ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ଏବଂ ସଚିବ ଗର୍ଗ କିଶୋରୀଙ୍କ ପାଇଁ ଆଗକୁ ହେବାକୁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

'ଅଦ୍ୱିକା' କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ବର୍ଷ ବୟସର କିଶୋରୀଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତୀକରଣ ପାଇଁ ଉଦ୍ଦିଷ୍ଟ। ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ। ଝିଅମାନେ ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ବୋଲି ମନ୍ତ୍ରୀ ସାହୁ କହିଥିଲେ। ବିଦ୍ୟାଳୟ ଛାଡ଼ିଥିବା କିଶୋରୀ, ଯେଉଁମାନେ ସେମାନଙ୍କ ନିୟମିତ ପୁଷ୍ଟିସାଧନ କାର୍ଯ୍ୟକ୍ରମ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିଥାନ୍ତି ଏହି କାର୍ଯ୍ୟକ୍ରମ ସେମାନଙ୍କ ଲାଗି ବିଶେଷ ସହାୟକ ବୋଲି ସଚିବ କହିଥିଲେ। 'ଅଦ୍ୱିକା' ଅଧୀନରେ କିଶୋରୀ ବୟସରେ ବାଳିକାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଯୌନ ଏବଂ ପ୍ରଜନନ ସମ୍ବନ୍ଧିତ ସମସ୍ୟା, ପୁଷ୍ଟିସାଧନ, ବାଳିକାଙ୍କ ସୁରକ୍ଷା ଏବଂ ଉତ୍ତମ ସ୍ୱାସ୍ଥ୍ୟ, ସେମାନଙ୍କ ଅଧିକାର ଏବଂ ବିଭିନ୍ନ ସୁବିଧା ପାଇବା ନିମନ୍ତେ ଯୋଗ୍ୟତା, ଲିଙ୍ଗଭିତ୍ତିକ ହିଂସା, ଆର୍ଥିକ ସାକ୍ଷରତା, ବିବାହ ଆଦି ବିଭିନ୍ନ ପ୍ରସଙ୍ଗକୁ ପର୍ଯ୍ୟବସିତ କରି ବର୍ଷର ୧୨ମାସ ନିମନ୍ତେ ଏକ ସ୍ୱତନ୍ତ୍ର କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। 'ଅଦ୍ୱିକା' ପ୍ୟାକେଜ୍‌ରେ ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ଏକ ପକେଟ୍ ପୁସ୍ତିକା, ଏକ କିଶୋରୀ କ୍ୟାଲେଣ୍ଡର, କିଛି ଭିଡିଓ, ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ ଏବଂ କିଶୋରୀ ଚର୍ଚ୍ଚା ରହିଛି। ପ୍ରତ୍ୟେକ ଶନିବାର ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା କିଶୋରୀମାନେ 'ଅଦ୍ୱିକା' ଅଧୀନରେ ବିଭିନ୍ନ ସୃଜନଶୀଳ କାର୍ଯ୍ୟକ୍ରମ ଜରିଆରେ ଉପରୋକ୍ତ ପ୍ରସଙ୍ଗ ସମ୍ପର୍କରେ ଜାଣିବେ ବୋଲି ସେ କହିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ କିଶୋରୀଙ୍କ ପୂର୍ଣ୍ଣାଙ୍ଗ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ମିଶନ ଶକ୍ତିର ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ୍ କହିଥିଲେ। କିଶୋରୀଙ୍କୁ ପରାମର୍ଶ ଦେବା, ସ୍କୁଲ ଛାଡ଼ିଥିବା ଝିଅମାନଙ୍କ ଆର୍ଥିକ ସଶକ୍ତୀକରଣକୁ ସୁନିଶ୍ଚିତ କରିବା, ବାଲ୍ୟବିବାହ ରୋକିବା, ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ରକ୍ଷା ଏବଂ ସୁରକ୍ଷା ପ୍ରଦାନ ଦିଗରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅର୍ଥପୂର୍ଣ୍ଣ ଭାବେ ନିୟୋଜିତ କରାଯାଇପାରିବ। 'ଅଦ୍ୱିକା'ର ସଫଳତା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ୟୁଏନ୍‌ଏଫ୍‌ପିଏର ଭାରତ ପ୍ରତିନିଧି ଆର୍ଜେଣ୍ଟିନା ମାଟାଭେଲ୍ ପିସିନ୍ ଏବଂ ୟୁନିସେଫ୍‌ର ପ୍ରତିନିଧି ଡ. ୟାସ୍ମିନ୍ ଅଲ୍ଲି ହକ୍ ୟୁନିସେଫ୍ ଏବଂ ୟୁଏନ୍‌ଏଫ୍‌ପିଏ ତରଫରୁ ବିଭାଗକୁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ଆଇସିଡିଏସ୍ ଏବଂ ସମାଜ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ୍ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏକ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଏବଂ ଅଧିକାରୀ ଏହି ୱେବିନାରରେ ଅଂଶଗ୍ରହଣ କରିଥିଲେ।

# ଅଢ଼େଇ ଲକ୍ଷ ଟପିଲା କରୋନା ପଜିଟିଭ୍

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

- ଆଉ ୧୬ ମୃତ, ଖୋର୍ଦ୍ଧାରୁ ସର୍ବାଧିକ ୫
- ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

କରୋନା ମହାମାରୀ ପାଇଁ ରାଜ୍ୟରେ ଏବେ ବି ସଙ୍ଗିନ ସ୍ଥିତି ଲାଗି ରହିଛି। ଦୈନିକ ଆକ୍ରାନ୍ତ ସଂଖ୍ୟା କମୁଥିଲେ ମଧ ସଂକ୍ରମଣ ବଢ଼ି ଚାଲିଛି। ଶେଷ ୨୪ ଘଣ୍ଟାରେ ୪୫,୦୭୯ ନମୁନା ପରୀକ୍ଷା ହୋଇଥିବାବେଳେ ୨,୫୪୬ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧,୫୦୪ଜଣ କ୍ୱାରେଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୧,୦୪୨ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୧୦ଜଣ ରହିଛନ୍ତି। ଅନୁଗୋଳରୁ ୨୦୮, ସୁନ୍ଦରଗଡ଼ ୧୬୧, କଟକ ୧୩୪, ମୟୂରଭଞ୍ଜ ୧୨୦ ଓ ବାଲେଶ୍ୱରରୁ ଆଉ ୧୦୩ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ଅନ୍ୟ ସବୁ ଜିଲାରୁ ଏହାଠାରୁ କମ୍ ସଂଖ୍ୟକ ସଂକ୍ରମିତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୭,୫୫,୬୭୧ ନମୁନା ପରୀକ୍ଷା ହୋଇଥିବାବେଳେ ୬.୭୨% ପଜିଟିଭ ରହିଛି।

ଅନ୍ୟପଟେ ରାଜ୍ୟରେ ଆଉ ୧୬ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଖୋର୍ଦ୍ଧାରୁ ସର୍ବାଧିକ ୫ଜଣ ଥିବାବେଳେ ବାଲେଶ୍ୱରରୁ ୪, ଢେଙ୍କାନାଳରୁ ୨, ଗଜପତି, କେନ୍ଦ୍ରାପଡ଼ା, କଳାହାଣ୍ଡି, କୋରାପୁଟ ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୧,୦୨୨କୁ ଛୁଇଁଛି। ସେପଟେ ରବିବାର କରୋନାରୁ ସୁସ୍ଥ ହୋଇଛନ୍ତି ଆଉ ୩,୩୪୨ ଆକ୍ରାନ୍ତ। ଏହାକୁ ମିଶାଇ ମୋଟ ୨,୨୭,୬୧୫ଜଣ ଆକ୍ରାନ୍ତ କରୋନାରୁ ମୁକ୍ତ ହୋଇଥିବାବେଳେ ବର୍ତ୍ତମାନ ୨୩,୫୪୯ଜଣ ସକ୍ରିୟ ରୋଗୀ ରହିଛନ୍ତି।

ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ଚିକିତ୍ସା କରୁଥିବା କେତେଜଣ ଡାକ୍ତରଙ୍କ ସହ କଥାବାର୍ତ୍ତା ହୋଇଛନ୍ତି। ସେମାନଙ୍କ ଉତ୍ସର୍ଗୀକୃତ ସେବାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ସେମାନଙ୍କ ପାଇଁ ଆରୋଗ୍ୟ ହାର ଅଧିକ ରହିଛି ବୋଲି କହିଛନ୍ତି।

# ରାସ୍ତାରେ ହାତୀ, ଲୋକେ ଆତଙ୍କିତ

ନିରାକାରପୁର,୧୧।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଶରଣକୂଳରୁ-ପୁରୀ ଯାଇଥିବା ନୂଆଜଗନ୍ନାଥ ସଡ଼କରେ ରବିବାର ଅପରାହ୍ନ ୫ଟାରେ ଏକ ହାତୀ ରାସ୍ତା ପାର ହେଉଥିବା ଦେଖିବାକୁ ମିଳିଛି। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ହାତୀକୁ ଦେଖି ଲୋକେ ଭୟରେ ଦୌଡିବାକୁ ଲାଗିଥିଲେ। ଖବରପାଇ ଭୁଷଣ୍ଡପୁର ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଏହି ହାତୀ ରେମେଶ୍ୱର ପାହାଡ଼ ଅଭିମୁଖେ ପଳାଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଥାଉ କି, କିଛିମାସ ହେବ କାଇପଦର ଏବଂ ଗୋଡ଼ା ଜଙ୍ଗଲରେ ୨୮ଟିକିଆ ହାତୀ ପଲ ରହିଛନ୍ତି। ସନ୍ଧ୍ୟା ହେଲେ ଏମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁହେଉଛନ୍ତି।



ନୂଆଜଗନ୍ନାଥ ସଡ଼କ ଉପରେ ଯାଉଥିବା ହାତୀ।

# ଗାଁରେ ବଢୁଛି, ସହରରେ ଖସୁଛି

ପୁରୀ ଅଫିସ,୧୧।୧୦

**ପୁରୀ ଜିଲାରେ କରୋନା**

ପୁରୀ ଜିଲାରେ କରୋନା ସଂକ୍ରମଣର ବିପଦ ଟଳିନାହିଁ। ଏବେ ବି ପ୍ରତ୍ୟହ ବହୁ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। କିନ୍ତୁ ଆଶ୍ୱସ୍ତିର କଥା ହେଉଛି ଗତ ମାସରେ ଯେଉଁ ପଜିଟିଭ ଚିହ୍ନଟର ଧାରା ଥିଲା ସେଥିରେ ବ୍ୟତିକ୍ରମ ଘଟିଛି। ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଛି। ଅନ୍ୟପକ୍ଷେ ଏକ ଉଦ୍‌ବେଗର ଚିତ୍ର ପଦାକୁ ଆସିଛି। ଅଗଷ୍ଟ ଓ ସେପ୍ଟେମ୍ବରରେ ପୁରୀ ସହର ଅର୍ଥାତ୍ ପୌରାଞ୍ଚଳରୁ ଅଧିକ ସଂଖ୍ୟକ ପଜିଟିଭ ଚିହ୍ନଟ ହେଉଥିଲେ। ହେଲେ ଅକ୍ଟୋବରରେ ସ୍ଥିତି ବଦଳିଛି। ଗ୍ରାମାଞ୍ଚଳ (ଜିଲାର ସମସ୍ତ ବ୍ଲକ)ରେ ସଂକ୍ରମଣ ବଢୁଥିବା ବେଳେ ସହରରେ ଖସୁଛି। ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଜିଲାରୁ ମୋଟ ୧,୨୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସହରାଞ୍ଚଳର ୨୬୧ ଏବଂ ଗ୍ରାମାଞ୍ଚଳର ୯୬୬ ଜଣ ରହିଛନ୍ତି। ଏଥିରୁ ସ୍ପଷ୍ଟ ଏହି ମହାମାରୀକୁ ନେଇ ଗ୍ରାମାଞ୍ଚଳର ଲୋକେ ବିଶେଷ ସଚେତନ ହେଉନାହାନ୍ତି। ଫଳରେ ସଂକ୍ରମଣ ବଢୁଥିବା କୁହାଯାଉଛି।

ଏପ୍ରିଲ ୩ରେ ଜିଲାରୁ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ପରେ ମେ ୧୦ରେ ପୁରୀ ସହରରୁ ୨ଜଣ ପଜିଟିଭ ଚିହ୍ନଟ ହେଲେ। ଏହାପରେ ଧୀରେ ଧୀରେ ଜିଲାରେ ସ୍ଥିତି ଜାହିର କରିଥିଲା କରୋନା। ସେପ୍ଟେମ୍ବର ସୁଦ୍ଧା ଜିଲାର ମୋଟ ପଜିଟିଭ ସଂଖ୍ୟା ଥିଲା ୧୦,୦୧୪। ଏହାର ଏକ ତୃତୀୟାଂଶ କେବଳ ପୁରୀ ପୌରାଞ୍ଚଳରୁ ରହିଥିଲେ। ହେଲେ ଅକ୍ଟୋବରରେ ସ୍ଥିତି ବଦଳୁଥିବା ଦେଖିବାକୁ ମିଳୁଛି। ଦୈନିକ ଚିହ୍ନଟ ହେଉଥିବା ପଜିଟିଭ ସଂଖ୍ୟାକୁ ଦେଖିଲେ ପୌରାଞ୍ଚଳରୁ ସଂକ୍ରମିତଙ୍କ ସଂଖ୍ୟା କମୁଥିବା ବେଳେ ଗ୍ରାମାଞ୍ଚଳରେ ବୃଦ୍ଧି ପାଉଛି। ଗ୍ରାମାଞ୍ଚଳରେ ବୃଦ୍ଧି ପାଇବାର ପ୍ରମୁଖ କାରଣ ହେଉଛି ଲୋକେ ସଚେତନ ହେଉନାହାନ୍ତି। କୋଭିଡ୍ ଗାଇଡ଼ଲାଇନକୁ ଉଲ୍ଲଂଘନ କରାଯାଉଛି। ଅନେକ ଲୋକ ସାମାଜିକ ଦୂରତା ମାନୁ ନ ଥିବାବେଳେ ବିନା ମାସ୍କରେ ବାହାରେ ବୁଲୁଛନ୍ତି। ଚେକିଂ କଡ଼ାକଡ଼ି ହେଉ ନ ଥିବାରୁ ଲୋକେ ବେପରୁଆ ହୋଇ ଏହି ମହାମାରୀ କବଳରେ ପଡୁଛନ୍ତି ବୋଲି କାକଟପୁରର ପ୍ରତାପ ନାୟକ କହିଛନ୍ତି। ସକ୍ରିୟ ସଂକ୍ରମିତଙ୍କ ତାଲିକା ଦେଖିଲେ ଗ୍ରାମାଞ୍ଚଳର ସ୍ଥିତି ଦିନକୁ ଦିନ ବିଗୁଡ଼ି ଥିବା ସ୍ପଷ୍ଟ ହେଉଛି। ଶନିବାର ସୁଦ୍ଧା ଜିଲାର ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧,୦୫୭ ରହିଛି। ଏହା ମଧ୍ୟରେ ସହରର ୧୨୧ ଜଣ ଥିବାବେଳେ ଅସ୍ତରଙ୍ଗ ବ୍ଲକରୁ ସର୍ବାଧିକ ୨୫୧ ଜଣ ରହିଛନ୍ତି। ସେହିପରି ପୁରୀ ସଦର ୧୩୯, ପିପିଲି ୧୨୨ ଓ ଗୋପ ବ୍ଲକର ୧୦୯ ଜଣ ରହିଛନ୍ତି। ଗ୍ରାମାଞ୍ଚଳରେ ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି ହେବା ଦରକାର ବୋଲି ମତ ପ୍ରକାଶ ପାଇଛି।

**ଅଗଷ୍ଟ ପ୍ରଥମ ୧୦ ଦିନର ଜିଲା ତଥ୍ୟ**

| ତାରିଖ | ମୋଟ | ସହରାଞ୍ଚଳ | ଗ୍ରାମାଞ୍ଚଳ |
|---|---|---|---|
| ୧ | ୧୯୭ | ୭୦ | ୧୨୭ |
| ୨ | ୧୧୫ | ୨୨ | ୯୩ |
| ୩ | ୧୨୭ | ୨୭ | ୧୦୦ |
| ୪ | ୧୪୦ | ୩୩ | ୧୦୭ |
| ୫ | ୭୯ | ୧୭ | ୬୨ |
| ୬ | ୧୨୪ | ୧୫ | ୧୦୯ |
| ୭ | ୧୪୫ | ୧୭ | ୧୨୮ |
| ୮ | ୧୨୨ | ୨୪ | ୯୮ |
| ୯ | ୬୪ | ୧୨ | ୫୨ |
| ୧୦ | ୧୧୪ | ୨୪ | ୯୦ |
| ମୋଟ | ୧୨୨୭ | ୨୬୧ | ୯୬୬ |



ଟିଆର୍‌ପି ଦୁର୍ନୀତିକୁ ନେଇ ରିପବ୍ଲିକ୍ ଟିଭି ସିଇଓ ବିକାଶ ଖଞ୍ଚନଦାନିଙ୍କୁ ରବିବାର ୯ ଘଣ୍ଟାକାଳ ଜେରା କରାଯାଇଛି। ତାଙ୍କ ବ୍ୟତୀତ ଅନ୍ୟ ୨ ସିଓଓଙ୍କୁ ମୁମ୍ବାଇ ପୋଲିସ ଜେରା ଲାଗି ଡାକିଥିବାବେଳେ ସିଓଓ ହର୍ଷ ଭଣ୍ଡାରି ହାଜର ହୋଇଥିଲେ। ତାଙ୍କୁ ଦୀର୍ଘ ୫ ଘଣ୍ଟା ଧରି ଜେରା କରାଯାଇଥିବା ଜଣାପଡ଼ିଛି। ପୋଲିସ ଏହି ମାମଲାରେ ପୂର୍ବରୁ ୪ ଜଣଙ୍କୁ ଗିରଫ କରିଛି।

# ପୁଣି ମୁହାଁମୁହିଁ ୨ ଓକିଲ

## ନିର୍ଭୟା ପରେ ହାଥ୍‌ରସ ଗଣବଳାତ୍କାର ଓ ହତ୍ୟା

ନୂଆଦିଲ୍ଲୀ,୧୧।୧୦(ଆଇଏଏନ୍‌ଏସ୍)

କେହି କେହି ଏହାକୁ ସଂଯୋଗ ବୋଲି କହୁଥିବାବେଳେ ଆଉ କେତେକଙ୍କ ମତରେ ଏହା ହେଉଛି ଭାଗ୍ୟ। କିନ୍ତୁ ଦୁହେଁ କହୁଛନ୍ତି ଏହା ସେମାନଙ୍କ ପାଇଁ ପେସା। ଦିଲ୍ଲୀର ନିର୍ଭୟା ମାମଲା ଲଢ଼ିଥିବା ଦୁଇ ଆଇନଜୀବୀ ଏବେ ଉତ୍ତରପ୍ରଦେଶର ହାଥ୍‌ରସ ମାମଲାରେ ପରସ୍ପର ସହ ମୁହାଁମୁହିଁ ହୋଇଛନ୍ତି।

ନିର୍ଭୟା ମାମଲାରେ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଲଢ଼ିଥିବା ଓକିଲ ସୀମା କୁଶୱାହ ହାଥ୍‌ରସ ଗଣବଳାତ୍କାର ଓ ହତ୍ୟା ମାମଲାରେ ମଧ୍ୟ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଦାଲତରେ ପ୍ରତିନିଧିତ୍ୱ କରୁଛନ୍ତି। ଏନେଇ ସୀମା କହିଛନ୍ତି, ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରିବା ସହ ସେ ସମାଜସେବା ମଧ୍ୟ କରିଥାନ୍ତି। ଏହି ଘଟଣା ସମ୍ପର୍କରେ ସେ ସେପ୍ଟେମ୍ବର ୨୬ରେ ଜାଣିବାକୁ ପାଇଥିଲେ। ସେବେଠୁ ସେ ହାଥ୍‌ରସ ପୀଡ଼ିତାଙ୍କ ପରିବାର ସହ ଯୋଗାଯୋଗରେ ଅଛନ୍ତି। ସେପ୍ଟେମ୍ବର ୨୯ରେ ସୀମା ପୀଡ଼ିତାଙ୍କ ଘରକୁ ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ସେ ପହଞ୍ଚିବା ପୂର୍ବରୁ ପୀଡ଼ିତା ଆଖି ବୁଜିଦେଇଥିଲେ। ଫଳରେ ଜୀବିତାବସ୍ଥାରେ ପୀଡ଼ିତାଙ୍କୁ ସେ ଭେଟିପାରି ନ ଥିଲେ। ହାଥ୍‌ରସ ମାମଲାର ଶୁଣାଣି ଦିଲ୍ଲୀରେ ହେଉ ବୋଲି ପୀଡ଼ିତାଙ୍କ ପରିବାର ଚାହୁଁଥିବାରୁ ସେ



ଏ.ପି. ସିଂ



ସୀମା କୁଶୱାହ

ଏନେଇ ଅଦାଲତଙ୍କୁ ଅନୁରୋଧ କରିବେ ବୋଲି ସୀମା କହିଛନ୍ତି। ସଂଯୋଗ ସମ୍ପର୍କରେ ପଚରାଯିବାରୁ ସୀମା କହିଥିଲେ, ନିର୍ଭୟା ମାମଲାରେ ସେ ସେହି ଆଇନଜୀବୀଙ୍କ ବିରୋଧରେ ଲଢ଼ିବାକୁ ଯାଉଛନ୍ତି, ଯିଏ କି ଦୋଷୀମାନଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ କରୁଥିଲେ। ମୁଁ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ମାମଲା ହାତକୁ ନେଉଥିବାବେଳେ ଏ.ପି. ସିଂ ଅଭିଯୁକ୍ତ ପୁରୁଷଙ୍କ ପକ୍ଷ ରଖୁଛନ୍ତି। ଏହା ହେଉଛି ଏକ ଲିଙ୍ଗଗତ ପ୍ରସଙ୍ଗ।

ଅପରପକ୍ଷେ ନିର୍ଭୟାଙ୍କ ଦୋଷୀ ଓ ବାବା ରାମ ରହିମଙ୍କ ଭଳି ଅଭିଯୁକ୍ତଙ୍କ ଲାଗି କୋର୍ଟରେ ପକ୍ଷ ରଖିଥିବା ଏ.ପି. ସିଂ ଏବେ ବହୁଚର୍ଚ୍ଚିତ ହାଥ୍‌ରସ ମାମଲାରେ ପୀଡ଼ିତାଙ୍କ ପରିବାର ବିପକ୍ଷରେ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ୪ ଅଭିଯୁକ୍ତ ଠାକୁର ସମ୍ପ୍ରଦାୟର ହୋଇଥିବାରୁ ସେମାନଙ୍କ ପାଇଁ ମାମଲା ପରିଚାଳନା କରିବା ଲାଗି ଅଖିଳ ଭାରତୀୟ କ୍ଷତ୍ରୀୟ ମହାସଭା ଏ.ପି. ସିଂଙ୍କୁ ଅନୁରୋଧ କରିଛି। ଏ ସମ୍ପର୍କରେ ଖବରଦାତାମାନଙ୍କୁ ଏ.ପି. ସିଂ କହିଛନ୍ତି, ନିଜ ମହକିଲଙ୍କ ପାଇଁ ଲଢ଼େଇ କରିବା ଏବଂ ନିରୀହମାନେ ଯେପରି ଦଣ୍ଡ ନ ପାଇବେ ତାହା ସୁନିଶ୍ଚିତ କରିବା ହେଉଛି ତାଙ୍କ କର୍ତ୍ତବ୍ୟ। ତେବେ ପବ୍ଲିସିଟି ପାଇଁ ବିବାଦୀୟ ମାମଲା ହାତକୁ ନେଉଥିବା ବିଷୟକୁ ସେ ଖଣ୍ଡନ କରିଛନ୍ତି। କହିଛନ୍ତି, କୋର୍ଟରେ ଦୋଷୀ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ କେହି ଅଭିଯୁକ୍ତ ନୁହନ୍ତି। ଠିକ୍ ଭୁଲ୍‌ର ନିଷ୍ପତ୍ତି ନେବା ପାଇଁ ମୁଁ କେହି ନୁହେଁ। ମୁଁ ମୋ କାମ କରିବି ଏବଂ ନିଷ୍ପତ୍ତି ଅଦାଲତ ନେବେ। ସେହିପରି ହାଥ୍‌ରସ ମାମଲାର ରାଜନୀତିକରଣ କରାଯାଇଥିବାରୁ ଏ.ପି. ସିଂ ସମାଲୋଚନା କରିଛନ୍ତି। ସୀମା କୁଶ୍‌ୱାହଙ୍କ ସମ୍ପର୍କରେ କହିଛନ୍ତି, ସେ ମୋ ସାନଭଉଣୀ ଭଳି। ଆମେ କୋର୍ଟରେ ପୁଣିଥରେ ଦୁହେଁ ନିଜ ନିଜ ପକ୍ଷ ରଖିବାକୁ ଯାଉଛୁ, ଏହା ଭଲ କଥା।

## ହାଥ୍‌ରସ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କଲା ସିବିଆଇ

ଲକ୍ଷ୍ନୌ,୧୧।୧୦



ଉତ୍ତରପ୍ରଦେଶର ହାଥ୍‌ରସ ଗଣବଳାତ୍କାର, ହତ୍ୟା ମାମଲାର ତଦନ୍ତ ସିବିଆଇ ପକ୍ଷରୁ ଆରମ୍ଭ ହୋଇଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ରବିବାର ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ଉତ୍ତରପ୍ରଦେଶ ସରକାରଙ୍କ ସୁପାରିସ୍ ପରେ ଶନିବାର କେନ୍ଦ୍ର ସରକାର ସିବିଆଇକୁ ଏହାର ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସିବିଆଇ ମୁଖପାତ୍ର ଆର୍.କେ. ଗୌର କହିଛନ୍ତି, ଅଭିଯୁକ୍ତମାନେ ବାଜରା ବିଲରେ ମହିଳାଙ୍କୁ ମାରିଦେବା ଲାଗି ଉଦ୍ୟମ କରିଥିବା ଅଭିଯୋଗ କରାଯାଇଛି। ଏନେଇ ପୂର୍ବରୁ ପୀଡ଼ିତାଙ୍କ ଭାଇ ହାଥ୍‌ରସ ଜିଲାର ଚଣ୍ଡପା ଥାନାରେ ମାମଲା ରୁଜୁ କରିଛନ୍ତି। ଏହା ବ୍ୟତୀତ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ କରାଯିବା ଲାଗି ସର୍ବୋଚ୍ଚ ଅଦାଲତ ସତ୍ୟପାଠ ଜରିଆରେ ଅନୁରୋଧ କରାଯାଇଛି। ସେପ୍ଟେମ୍ବର ୧୪ରେ ବଳାତ୍କାରର ଶିକାର ହେବା ପରେ ୨୮ରେ ପୀଡ଼ିତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ୩୦ରେ ପରିବାର ଲୋକଙ୍କ ଅନୁପସ୍ଥିତିରେ ପୋଲିସ ରାତି ଅଧରେ ତାଙ୍କୁ ପୋଡ଼ିଦେଇଥିଲା। ଏହି ଘଟଣା ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠାଇବା ପରେ ଦେଶବ୍ୟାପୀ ପ୍ରତିବାଦର ନିଆଁ ଜଳିଥିଲା।

## ବସ୍‌କୁ ଧକ୍କାଦେଲା ଟ୍ରେନ୍: ୧୮ ମୃତ



ଚାଚୋଏଙ୍ଗ୍‌ସାଓ, ୧୧।୧୦

ଥାଇଲାଣ୍ଡର ଚାଚୋଏଙ୍ଗ୍‌ସାଓଠାରେ ରବିବାର ସକାଳେ ଏକ ଯାତ୍ରୀବାହୀ ବସ୍‌କୁ ଏକ ମାଲ୍‌ବାହୀ ଟ୍ରେନ ଧକ୍କାଦେବାରୁ ୧୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବା ପ୍ରାଦେଶିକ ହସ୍ପିଟାଲ ନିର୍ଦ୍ଦେଶକ ସୋମ୍ପାଟ ଚୁଟିମାନୁକୁଲ ପ୍ରକାଶ କରିଛନ୍ତି। ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି ଯେ, ବସ୍‌ଟି ରେଳଧାରଣା ଆଡ଼କୁ ଆସୁଥିବାବେଳେ ମାଲ୍‌ବାହୀ ଟ୍ରେନ୍ ତାକୁ ଧକ୍କା ଦେଇଥିଲା। କ୍ରେନ୍ ମାଧ୍ୟମରେ ରେଳଧାରଣାରେ ପଡ଼ିଥିବା ଶବ ଓ ଭଙ୍ଗାଗାଡ଼ିକୁ କଢ଼ାଯାଇଥିଲା। ବସ୍‌ଟିରେ ୬୦ ଯାତ୍ରୀ ସମୁତ୍ ପ୍ରକାନ୍‌ରୁ ଚାଚୋଏଙ୍ଗ୍‌ସାଓକୁ ଏକ ଧାର୍ମିକ କାର୍ଯ୍ୟରେ ଯାଉଥିଲେ ବୋଲି ଜଣାପଡ଼ିଛି।

## ପାକ୍‌ରେ ହିନ୍ଦୁ ମନ୍ଦିର ଭାଙ୍ଗିଲେ



ନୂଆଦିଲ୍ଲୀ, ୧୧।୧୦

ପାକିସ୍ତାନର ଦକ୍ଷିଣ ପୂର୍ବ ସିନ୍ଧ୍ ପ୍ରଦେଶର ବାଡିନ୍ ଜିଲା କାରିଓ ଘନ୍‌ୱାରରେ ଥିବା ଏକ ହିନ୍ଦୁ ମନ୍ଦିରକୁ ଦୁର୍ବୃତ୍ତମାନେ ଭାଙ୍ଗିଦେଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ପୋଲିସ ମାମଲା ରୁଜୁକରିବା ସହ ଜଣକୁ ଗିରଫ କରିଥିବା ଜଣାପଡ଼ିଛି। ଶ୍ରୀ ରାମଦେବ ମନ୍ଦିର ଭଙ୍ଗାଯିବା ନେଇ ଅଶୋକ କୁମାରଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ମହମ୍ମଦ ଇସ୍‌ମାଇଲ ଶିଦିଙ୍କୁ ଗିରଫ କରାଯାଇଥିବା ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି। ୨୪ ଘଣ୍ଟାରେ ଏହାର ତଦନ୍ତ ଶେଷକରି ରିପୋର୍ଟ ଦେବାକୁ କୁହାଯାଇଛି। ସଂଖ୍ୟାଲଘୁ ହିନ୍ଦୁଙ୍କୁ ଟାର୍ଗେଟ କରି ଏଭଳି କରାଯାଉଥିବାବେଳେ ଭାରତ ପକ୍ଷରୁ ଏଭଳି ହୀନ କାର୍ଯ୍ୟକୁ ନିନ୍ଦା କରାଯାଇଛି।

## ଜମି ବିବାଦରୁ ପୂଜକଙ୍କୁ ଗୁଳି: ୨ ଗିରଫ

ଗୋଣ୍ଡା,୧୧।୧୦

ରାଜସ୍ଥାନର କଲୌରୀରେ ଜଣେ ପୂଜକଙ୍କୁ କିଛିଲୋକ ଜିଅନ୍ତା ଜାଳିଦେବା ଘଟଣା ମନରୁ ନ ଲିଭୁଣୁ ଉତ୍ତରପ୍ରଦେଶର ଗୋଣ୍ଡା ଜିଲାରେ ଜମି ବିବାଦକୁ ନେଇ ଆଉ ଜଣେ ପୂଜକଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରି ଫେରାର୍ ହୋଇଯାଇଛନ୍ତି। ଏହି ଘଟଣାରେ ୪ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

ପୂଜକ ସମ୍ରାଟ ଦାସ ଗୋଣ୍ଡାସ୍ଥିତ ରାମ୍ ଜାନକୀ ମନ୍ଦିରରେ ପୂଜା କରିଥାନ୍ତି। ଗୁଳିମାଡ଼ର ଶିକାର ହେବା ପରେ ତାଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ଲକ୍ଷ୍ନୌ ହସ୍ପିଟାଲକୁ ଚିକିତ୍ସା ଲାଗି ନିଆଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଡାକ୍ତର କହିଛନ୍ତି। ଗତବର୍ଷ ଅନ୍ୟ ଜଣେ ପୂଜକଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଥିବାବେଳେ ଘଟଣାର ତଦନ୍ତ ଜାରି ରହିଥିବା ପ୍ରକାଶ।

## ବାବା କା ଢାବା



ନୂଆଦିଲ୍ଲୀର ମାଲବ୍ୟ ନଗରସ୍ଥିତ 'ବାବା କା ଢାବା'ର ମାଲିକ ୮୦ ବର୍ଷୀୟ କାନ୍ତା ପ୍ରସାଦ ଗ୍ରାହକଙ୍କୁ ଜଳଖିଆ ଦେଉଛନ୍ତି। କରୋନା ଯୋଗୁ ଏହି ଦମ୍ପତିଙ୍କ ବେପାର ବନ୍ଦ ହୋଇଯିବାରୁ ଦୁର୍ଦ୍ଦଶା ବଢ଼ିଚାଲିଥିବାବେଳେ ସୋସିଆଲ ମିଡିଆରେ ଏମାନଙ୍କ ଭିଡିଓ ଭାଇରାଲ ହୋଇଥିଲା। ଫଳରେ ସେମାନଙ୍କ ପାଖକୁ ବିଭିନ୍ନ ଆଡ଼ୁ ସହାୟତାର ସୁଅ ଛୁଟିବାରେ ଲାଗିଛି। ଏପରି କି କାନାଡା ଓ ଦୁବାଇରୁ ମଧ୍ୟ ଲୋକେ ଆର୍ଥିକ ସହଯୋଗ କରିଛନ୍ତି। ପୂର୍ବରୁ କାନ୍ତା ପ୍ରସାଦ ଦିନକୁ ୩୦୦ରୁ ୫୦୦ ଟଙ୍କା ରୋଜଗାର କରୁଥିବାବେଳେ ଏବେ ଦୈନିକ ୫୦୦୦ରୁ ୬୦୦୦ ଟଙ୍କା ଆୟ କରୁଛନ୍ତି।

## ୯୦ ବର୍ଷ ପରେ ମୈନ ଦ୍ୱୀପରେ ଶିଶୁ ଜନ୍ମ

ମୈନେ,୧୧।୧୦



ଦୀର୍ଘ ୯୦ ବର୍ଷ ପରେ ମୈନ ଦ୍ୱୀପରେ ଜଣେ ଶିଶୁ ଜନ୍ମ ନେଇଛି। ଦୁଇ ସପ୍ତାହ ପୂର୍ବରୁ ଜନ୍ମ ହୋଇଥିବା ଏହି ଶିଶୁର ନାମ ଆଜାଲିଏ ବେଲି ଗ୍ରେ ରଖାଯାଇଛି। ଆରୋନ୍ ଗ୍ରେ ଓ ଏରିନ୍ ଫର୍‌ନାଲ୍ଡ ଗ୍ରେଙ୍କର ଏହା ଷଷ୍ଠ ସନ୍ତାନ। ଶିଶୁଟିକୁ ଜନ୍ମଦେବା ଲାଗି ମାଉଣ୍ଟ ଡିଜାର୍ଟ ଦ୍ୱୀପକୁ ଯିବାର ଯୋଜନା ସେମାନେ ରଖିଥିଲେ। କିନ୍ତୁ ସେପ୍ଟେମ୍ବର ୨୬ରେ ସେଠାରେ ଶିଶୁଟି କୌଣସି ସମସ୍ୟାର ସମ୍ମୁଖୀନ ନ ହୋଇ ଜନ୍ମ ହୋଇଥିଲା। ଶେଷଥର ଲାଗି ୧୯୨୭ରେ ମୈନ ଦ୍ୱୀପରେ ଶିଶୁ ଜନ୍ମ ନେଇଥିଲା ବୋଲି କହିଛନ୍ତି ଆରୋନ୍‌ଙ୍କ ଜେଜେ ୱାରେନ୍ ଫର୍‌ନାଲ୍ଡ।

## ସ୍ୱାମିତ୍ୱ ଯୋଜନାର ଶୁଭାରମ୍ଭ



■ଗ୍ରାମୀଣ ଗରିବ ଏବେ ଜମିର ମାଲିକ

■ପଟ୍ଟା ଦେଖାଇ ଋଣ ଉଠାଇ ପାରିବେ

ନୂଆଦିଲ୍ଲୀ, ୧୧।୧୦

ଗ୍ରାମୀଣ ଗରିବଙ୍କ ହାତମୁଠା ଟାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ସ୍ୱାମିତ୍ୱ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ଗରିବ ଲୋକମାନେ ଏବେ ଜମିର ମାଲିକ ପାଲଟିଛନ୍ତି। ସେମାନଙ୍କୁ ଡିଜିଟାଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ଏଣିକି ଜମି ପଟ୍ଟା ଦେଖାଇ ଗରିବ ଲୋକେ ଋଣ କରିପାରିବେ। ଏହି ଯୋଜନା ମାଧ୍ୟମରେ ଏକ ଲକ୍ଷ ଲୋକ ସେମାନଙ୍କର ଜମି ପଟ୍ଟା ମୋବାଇଲ ଫୋନ୍‌କୁ ପଠାଯାଇଥିବା ଏସ୍‌ଏମ୍‌ଏସ୍ ଲିଙ୍କ୍ ଦ୍ୱାରା ଡାଉନଲୋଡ୍ କରିପାରିଛନ୍ତି। ଏହା ଦ୍ୱାରା ୬ଟି ରାଜ୍ୟର ୭୬୩ ଗ୍ରାମର ଗରିବ ହିତାଧିକାରୀ ଉପକୃତ ହେବେ ବୋଲି କୁହାଯାଉଛି। ଏହି ଯୋଜନାରେ ଉତ୍ତରପ୍ରଦେଶର ୩୪୬ ଗ୍ରାମକୁ ସାମିଲ କରାଯାଇଛି। ସେହିପରି ହରିୟାଣାର ୨୨୧, ମହାରାଷ୍ଟ୍ରର ୧୦୦, ମଧ୍ୟପ୍ରଦେଶର ୪୪, ଉତ୍ତରାଖଣ୍ଡର ୫୦ ଏବଂ କର୍ଣ୍ଣାଟକର ୨ଟି ଗ୍ରାମ ମଧ୍ୟ ଏହି ଯୋଜନାରେ ସାମିଲ ହୋଇଛନ୍ତି। ମହାରାଷ୍ଟ୍ର ବ୍ୟତୀତ ଅନ୍ୟ ରାଜ୍ୟର ଗ୍ରାମୀଣ ଗରିବ ଗୋଟିଏ ଦିନରେ ଜମି ପଟ୍ଟା ପାଇପାରିବେ ବୋଲି କୁହାଯାଉଛି। ତେବେ ଏକମାସ ପରେ ମହାରାଷ୍ଟ୍ରର ଗ୍ରାମୀଣ ଲୋକେ ମଧ୍ୟ ଏହି ସୁବିଧା ପାଇପାରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏବଂ କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କେତେକ ହିତାଧିକାରୀଙ୍କ ସହିତ ଆଲୋଚନା ମଧ୍ୟ କରିଛନ୍ତି।

## ଟିଆର୍‌ଏସ୍ କର୍ମୀଙ୍କୁ ହତ୍ୟାକଲେ ମାଓବାଦୀ

ହାଇଦ୍ରାବାଦ, ୧୧।୧୦

ତେଲଙ୍ଗାନାର ମୁଲୁଗୁ ଜିଲା ଅନ୍ତର୍ଗତ ଆଲୁବାକା ଗ୍ରାମରେ ମାଓବାଦୀମାନେ ଜଣେ ଟିଆର୍‌ଏସ୍ କର୍ମୀଙ୍କୁ ଛୁରି ଭୁଷି ହତ୍ୟା କରିଛନ୍ତି। ମାଓବାଦୀଙ୍କୁ ଟଙ୍କା ଦେବାକୁ ମନା କରିବାରୁ ସେମାନେ ଏଭଳି ବର୍ବରକାଣ୍ଡ ଭିଆଇଛନ୍ତି। ପୋଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛି। ୬ ସଶସ୍ତ୍ର ମାଓବାଦୀ ଶନିବାର ରାତିରେ ଟିଆର୍‌ଏସ୍ କର୍ମୀ ମଦୁରି ଭିମେଶ୍ୱର ରାଓଙ୍କୁ ରାତି ଅଧରୁ ଉଠାଇ ଆଣିଥିଲେ। ସ୍ତ୍ରୀଙ୍କ ଅନୁରୋଧ ସତ୍ତ୍ୱେ ସେମାନେ ତାଙ୍କୁ ଛୁରାମାଡ଼ କରିଥିଲେ। ଘଟଣାସ୍ଥଳରେ ସେ ପ୍ରାଣ ହରାଇଥିଲେ। ଗ୍ରାମରେ ସାର ଦୋକାନ କରି ରାଓ ଚଳୁଥିଲେ ବୋଲି ପୋଲିସ କହିଛି।

## ମୋଦି କ୍ୟାବିନେଟରେ ଏନ୍‌ଡିଏର ଜଣେ

ନୂଆଦିଲ୍ଲୀ,୧୧।୧୦

ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ପ୍ରତିଷ୍ଠାତା ରାମବିଲାସ ପାଶ୍ୱାନଙ୍କ ପରଲୋକ ପରେ କେନ୍ଦ୍ର ସରକାରରେ ଏବେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ମାତ୍ର ଗୋଟିଏ ସହଯୋଗୀ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟରେ ଶାସକ ମେଣ୍ଟର ଅଂଶୀଦାର ଦଳଗୁଡ଼ିକ ମଧ୍ୟରୁ କେବଳ ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ଅଧ୍ୟକ୍ଷ ରାମଦାସ ଅଠାୱଲେ ମନ୍ତ୍ରୀ ଭାବେ ରହିଛନ୍ତି। ମୋଦି ୨.୦ ସରକାରରେ ଅଠାୱଲେଙ୍କୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ କରାଯାଇଛି।



ରାମଦାସ ଅଠାୱଲେ

ଭାଜପାର ଅନ୍ୟ କୌଣସି ସହଯୋଗୀ ଦଳର କେହି ନେତା ବର୍ତ୍ତମାନ ଏନ୍‌ଡିଏ ସରକାରରେ ମନ୍ତ୍ରୀପଦରେ ନାହାନ୍ତି।

ପୂର୍ବରୁ ଏନ୍‌ଡିଏ ସରକାରରେ ମନ୍ତ୍ରୀ ଥିବା ଶିବସେନାର ଅରବିନ୍ଦ ସାୱନ୍ତ ଓ ଶିରୋମଣୀ ଅକାଳୀ ଦଳ (ଏସ୍‌ଏଡି)ର ହରସିମରତ କୌର ବାଦଲ ଇସ୍ତଫା ଦେଇଥିଲେ। ଗତବର୍ଷ ଶେଷ ଆଡ଼କୁ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ଉପୁଜିବା ପରେ ଶିବସେନା ଏନ୍‌ଡିଏ ଛାଡ଼ିଥିବାବେଳେ ନିକଟରେ ବିବାଦୀୟ କୃଷି ବିଲ୍‌କୁ ବିରୋଧ କରି ଅକାଳୀ ଦଳ ଶାସକ ମେଣ୍ଟରୁ ଓହରିଯାଇଥିଲା। ଏନ୍‌ଡିଏର ଅନ୍ୟତମ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମୂଳରୁ ସରକାର ବାହାରେ ରହିଛି। କେବଳ ବିହାରରେ କ୍ଷମତାରେ ରହିବା ପାଇଁ ନୀତୀଶ କୁମାରଙ୍କ ଦଳ ଏହି ମେଣ୍ଟରେ ସାମିଲ ହୋଇଥିବା କୁହାଯାଉଛି।

ପ୍ରଧାନମନ୍ତ୍ରୀଙ୍କୁ ବାଦ୍‌ଦେଲେ ତାଙ୍କ କ୍ୟାବିନେଟରେ ମୋଟ ୫୭ ଜଣ ସଦସ୍ୟ ଅଛନ୍ତି। ୨୦୧୯ ମେ ୩୦ରେ କେନ୍ଦ୍ର ମନ୍ତ୍ରୀ ପରିଷଦର ସଦସ୍ୟମାନେ ଶପଥ ନେଇଥିଲେ। ୨୪ କ୍ୟାବିନେଟ ମନ୍ତ୍ରୀ, ୯ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ପାହ୍ୟା) ଓ ୨୪ ରାଷ୍ଟ୍ରମନ୍ତ୍ରୀ ଥିଲେ। ସାୱନ୍ତ ଓ ହରସିମରତଙ୍କ ଇସ୍ତଫା ଏବଂ ପାଶ୍ୱାନଙ୍କ ପରଲୋକ ପରେ କ୍ୟାବିନେଟ ମନ୍ତ୍ରୀଙ୍କ ସଂଖ୍ୟା ୨୧କୁ ଖସିଛି। ସେହିପରି ନିକଟରେ କରୋନା ସଂକ୍ରମିତ ହୋଇ ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗଡିଙ୍କ ଦେହାନ୍ତ ହେବା ପରେ ରାଷ୍ଟ୍ରମନ୍ତ୍ରୀଙ୍କ ସଂଖ୍ୟା ୨୩କୁ ହ୍ରାସ ପାଇଛି। ସମ୍ବିଧାନ ଅନୁସାରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପ୍ରଧାନମନ୍ତ୍ରୀ ୮୦ ସଦସ୍ୟଙ୍କୁ ସାମିଲ କରିପାରିବେ।

## କଂଗ୍ରେସ ନେତ୍ରୀଙ୍କୁ ସହଯୋଗୀଙ୍କ ମାଡ଼

ଦେଓରିଆ,୧୧।୧୦

ଉତ୍ତରପ୍ରଦେଶରେ ଜଣେ ମହିଳା ନେତ୍ରୀଙ୍କୁ ରବିବାର କଂଗ୍ରେସ କର୍ମୀମାନେ ମାଡ଼ ମାରିଛନ୍ତି। ଉପନିର୍ବାଚନ ଲାଗି ବଳାତ୍କାର ଅଭିଯୁକ୍ତଙ୍କୁ ଟିକେଟ ଦିଆଯିବାକୁ ସେ ବିରୋଧ କରିଥିଲେ। ଏହାକୁ ନେଇ କିଛି କଂଗ୍ରେସ କର୍ମୀ ବିରୋଧକରିବା ସହ ନେତ୍ରୀଙ୍କୁ ମାଡ଼ ମାରିଥିବା ଜଣାପଡ଼ିଛି।

ରିପୋର୍ଟ ମୁତାବକ କଂଗ୍ରେସ ପକ୍ଷରୁ ନେତ୍ରୀ ତାରା ଯାଦବଙ୍କ ପରିବର୍ତ୍ତେ ମୁକୁନ୍ଦ ଭାସ୍କରମଣି ତ୍ରିପାଠୀଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଏହାକୁ ତାରା ବିରୋଧ କରିବା ସହ ତ୍ରିପାଠୀଙ୍କୁ ଜଣେ ବଳାତ୍କାରୀ ବୋଲି କହିବା ସହ ଦଳୀୟ ନେତୃତ୍ୱକୁ ସମାଲୋଚନା କରିଥିଲେ। ଜଣେ ଭୁଲ୍



ତାରା ଯାଦବ

ଲୋକଙ୍କୁ ପ୍ରାର୍ଥୀ କରାଯାଇଥିବା ତାରା ଦଳୀୟ ସମ୍ପାଦକ ସଚିନ ନାୟକଙ୍କୁ କହିଥିଲେ। ଏହାଦ୍ୱାରା ସମାଜରେ ଦଳୀୟ ଭାବମୂର୍ତ୍ତି କ୍ଷୁଣ୍ଣ ହେବ ବୋଲି ସେ ଚେତାଇ ଦେଇଥିଲେ। ଭଲ ଚରିତ୍ରଯୁକ୍ତ

### ବଳାତ୍କାରୀଙ୍କୁ ଟିକେଟ ନ ଦେବାକୁ କହିଥିଲେ

ଲୋକଙ୍କୁ ଏଥିଲାଗି ବଛାଯିବା ଉଚିତ୍ ଥିଲା ବୋଲି କହିଥିଲେ। ଏହା ପରେ ଦଳୀୟ କର୍ମୀମାନେ ରାଗିଯାଇ ତାରାଙ୍କୁ ଆକ୍ରମଣ କରିବା ଆରମ୍ଭ କରିଥିଲେ। ଜଣେ ମହିଳା ନେତ୍ରୀଙ୍କୁ ଆକ୍ରମଣ କରାଯିବା ଘଟଣାକୁ ନେଇ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ରେଖା ଶର୍ମା ସମାଲୋଚନା କରିଛନ୍ତି। ଏଭଳି ମାନସିକତା ଥିବା ବ୍ୟକ୍ତିମାନେ ରାଜନୀତିକୁ ନ ଆସିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି।

## କୋଭିଡ୍ ହସ୍ପିଟାଲରେ ଡାକ୍ତର ଆନ୍ଦୋଳନ

ନୂଆଦିଲ୍ଲୀ, ୧୧।୧୦

ମହାମାରୀ କରୋନା କାଳରେ ଜୀବନକୁ ବାଜି ଲଗାଇ କାମ କରୁଥିବା ଡାକ୍ତର ଓ ନର୍ସ (କୋଭିଡ୍ ଯୋଦ୍ଧା)ଙ୍କୁ ଦିଲ୍ଲୀ ସରକାରଙ୍କ ହତାଦର ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ୁଛି। ୪ ମାସ ହେଲା ଦରମା ନ ପାଇ ଏମାନେ କାମ କରିଆସୁଥିଲେ। ଦିଲ୍ଲୀର ହିନ୍ଦୁ ରାଓ ହସ୍ପିଟାଲରେ ରବିବାର ଏହା ଆନ୍ଦୋଳନର ରୂପ ନେଇଛି। ତୁରନ୍ତ ଦରମା ପ୍ରଦାନ କରିବାକୁ ଆନ୍ଦୋଳନକାରୀମାନେ ହସ୍ପିଟାଲ ବାହାରେ ଦାବି କରିଛନ୍ତି। ଗତ କିଛି ସପ୍ତାହ ହେବ ୨୨୦ ରେସିଡେଣ୍ଟ ଡାକ୍ତର ଓ

### ୪ ମାସ ହେଲା ଦରମା ନ ପାଇ କାମ କରୁଥିଲେ

୩୦୦ ନର୍ସିଂ ଷ୍ଟାଫ୍ କାମ ବନ୍ଦ କରିଥିଲେ। ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଦ୍ୱାରା ପରିଚାଳିତ ଏହି ହସ୍ପିଟାଲ ଗତ ଜୁନ୍ ମାସରୁ କରୋନା ରୋଗୀଙ୍କ ଲାଗି କାମ କରିଆସୁଛି। ଆନ୍ଦୋଳନ ଡାକରା ପରେ ଦିଲ୍ଲୀ ସରକାର କେତେକ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଏଭଳି ବିକଳ ସ୍ଥିତିକୁ ନେଇ ଜନସାଧାରଣ ଦିଲ୍ଲୀର ଆମ୍ ଆଦ୍‌ମୀ ସରକାରଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିଛନ୍ତି।



# ଭେଲୋସିଟି ଦଳରେ ଓଡ଼ିଶାର ସୁଶ୍ରୀ


କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ ଦିବ୍ୟଦର୍ଶିନୀ।

**ଭୁବନେଶ୍ୱର, ୧୧।୧୦(କ୍ରୀଡ଼ା ପ୍ରତିନିଧି)**

କରୋନା ମହାମାରୀ ଯୋଗୁ ଓଡ଼ିଶାରେ କ୍ରିକେଟ ଆରମ୍ଭର ପରିକଳ୍ପନା ହୋଇପାରି ନ ଥିବାବେଳେ ମହିଳା କ୍ରିକେଟ ପାଇଁ ଆସିଛି ଏକ ଭଲ ଖବର। ମହିଳା ଆଇପିଏଲ ଭାବେ ବିବେଚିତ ହେଉଥିବା ଟି୨୦ ଚ୍ୟାଲେଞ୍ଜ ପାଇଁ ରବିବାର ୩ ଦଳର ଖେଳାଳି ତାଲିକା ଘୋଷଣା କରାଯାଇଛି। ରାଜ୍ୟର ପ୍ରତିଭା ସମ୍ପନ୍ନ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଭେଲୋସିଟି ଦଳରେ ସ୍ଥାନ ପାଇଛନ୍ତି। କରୋନା କଟକଣା ଯୋଗୁ ଏଥର

## ମହିଳା ଟି୨୦ ଚ୍ୟାଲେଞ୍ଜ ପାଇଁ ଦଳ ଘୋଷଣା

ପ୍ରତିଯୋଗିତା ୟୁନାଇଟେଡ ଆରବ ଏମିରେଟ୍ସରେ ନଭେମ୍ବର ୪ରୁ ୯ ପର୍ଯ୍ୟନ୍ତ ଆୟୋଜିତ ହେବ। ସୁପରନୋଭାସ ଓ ଭେଲୋସିଟି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଏଥିରେ ତୃତୀୟ ଦଳଭାବେ ଟ୍ରେଲ୍‌ବ୍ଲେଜର୍ସ ଭାଗନେବ।

ଢେଙ୍କାନାଳର ସୁଶ୍ରୀ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ)ରେ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ସେ ଓଡ଼ିଶା ପକ୍ଷରୁ ୧୯ ଓ ୨୩ ବର୍ଷରୁ କମ୍ ଏବଂ ସିନିୟର ଦଳରେ ପ୍ରତିନିଧିତ୍ୱ କରିଛନ୍ତି। ଏହା ବ୍ୟତୀତ ଇଷ୍ଟଜୋନ୍, ଇଣ୍ଡିଆ 'ଏ', ଚ୍ୟାଲେଞ୍ଜର୍ସ ଟ୍ରଫିରେ ଇଣ୍ଡିଆ ବ୍ଲୁ, ଚତୁଃରାଷ୍ଟ୍ରୀୟ ସିରିଜରେ ଇମର୍ଜିଂ ଇଣ୍ଡିଆ ଟିମ୍‌ରେ ଖେଳିବାର ଅଭିଜ୍ଞତା ସେ ରଖିଛନ୍ତି। ମହିଳା ଟି୨୦ ଚ୍ୟାଲେଞ୍ଜ ଟ୍ରଫିରେ ସେ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଭେଲୋସିଟି ପକ୍ଷରୁ ଖେଳିବାକୁ ଯାଉଛନ୍ତି। କରୋନା ଜନିତ ବ୍ରେକ୍ ପରେ ସେ କୋଚ୍ କ୍ଷୀରୋଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇନ୍ଦିରା ମଇଦାନରେ ୨ ମାସରୁ ଊର୍ଦ୍ଧ୍ୱ ଟ୍ରେନିଂ ଜାରି ରଖିଛନ୍ତି। ତେଣୁ ଆଗାମୀ ଟୁର୍ନାମେଣ୍ଟରେ ଖେଳିବାକୁ ବ୍ୟଗ୍ର ଥିବା ପ୍ରକାଶ କରିଛନ୍ତି। ''ଦୀର୍ଘଦିନଧରି ଖେଳ ବନ୍ଦ ରହିଛି। ତେଣୁ ଆଗାମୀ ଟୁର୍ନାମେଣ୍ଟରେ ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ବ୍ୟଗ୍ର। ଟ୍ରେନିଂ ଭଲ ଚାଲିଥିବାରୁ ପ୍ରତିଯୋଗିତାରେ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିବା ନେଇ ଆଶା ରହିଛି'' ବୋଲି ସୁଶ୍ରୀ ପ୍ରକାଶ କରିଛନ୍ତି। ସେ ବାମହାତୀ ଅଫ୍ ସ୍ପିନର ଏବଂ ଡାହାଣହାତୀ ବ୍ୟାଟ୍ସ‌ଓମ୍ୟାନଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହିଳା ଟି୨୦ ଚ୍ୟାଲେଞ୍ଜର୍ସ ଖେଳିବାକୁ ଯାଉଥିବାରୁ ସୁଶ୍ରୀଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟବେହେରା ଅଭିନନ୍ଦନ ଜଣାଇଛନ୍ତି।

ଭାରତୀୟ ମହିଳା କ୍ରିକେଟ ଦଳର ୩ ସିନିୟର ଖେଳାଳି ହରମନପ୍ରୀତ କୌର, ମିଥାଲି ରାଜ ଓ ସ୍ମୃତି ମନ୍ଧାନା ଯଥାକ୍ରମେ ସୁପରନୋଭାସ, ଟ୍ରେଲ୍‌ବ୍ଲେଜର୍ସ ଓ ଭେଲୋସିଟି ଦଳର ନେତୃତ୍ୱ ନେବେ।

### କାର୍ଯ୍ୟସୂଚୀ

**ନଭେମ୍ବର ୪:** ସୁପରନୋଭାସ ବନାମ ଭେଲୋସିଟି
**ନଭେମ୍ବର ୫:** ଭେଲୋସିଟି ବନାମ ଟ୍ରେଲବ୍ଲେଜର୍ସ
**ନଭେମ୍ବର ୭:** ଟ୍ରେଲ୍‌ବ୍ଲେଜର୍ସ ବନାମ ସୁପରନୋଭାସ
**ନଭେମ୍ବର ୯:** ଫାଇନାଲ

ଏଥର ପ୍ରତିଯୋଗିତାରେ ପ୍ରଥମଥର ପାଇଁ ଥାଇଲାଣ୍ଡର ନଟକନ୍ ଚାନ୍‌ଥାମ୍ ଅଂଶଗ୍ରହଣ କରିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆରେ ଦେଶର ପ୍ରଥମ ଖେଳାଳିଭାବେ ସେ ମହିଳା ଟି୨୦ ବିଶ୍ୱକପ ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରତିଯୋଗିତାରେ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ଖେଳାଳି ମଧ୍ୟ ଅଂଶଗ୍ରହଣ କରୁଛନ୍ତି। ପ୍ରତି ଦଳରେ ୪ ଜଣ ଲେଖାଏ ବିଦେଶୀ ଖେଳାଳି ସ୍ଥାନ ପାଇଛନ୍ତି। ୩ ଦଳରେ ସ୍ଥାନ ପାଇଥିବା ପାଖାପାଖି ୩୦ ଭାରତୀୟ ଖେଳାଳିଙ୍କୁ ଚଳିତ ମାସ ୧୩ ତାରିଖରେ ମୁମ୍ବାଇରେ ଏକତ୍ରିତ ହେବାକୁ କୁହାଯାଇଛି।

### ୩ ଦଳ ଖେଳାଳି ତାଲିକା

**ସୁପରନୋଭାସ:** ହରମନପ୍ରୀତ କୌର (ଅଧିନାୟିକା), ଜେମିମା ରୋଡ୍ରିଗ୍ସେଜ (ଉପ ଅଧିନାୟିକା), ଚାମରି ଅଟାପାଟ୍ଟୁ (ଶ୍ରୀଲଙ୍କା), ପ୍ରିୟା ପୁନିୟା, ଅନୁଜା ପାଟିଲ, ରାଧା ଯାଦବ, ତାନିୟା ଭାଟିଆ (ଉଇକେଟ କିପର), ଶଶିକଳା ଶିରିବର୍ଦ୍ଧନେ (ଶ୍ରୀଲଙ୍କା), ପୁନମ ଯାଦବ, ଶାକିରା ସଲମନ (ୱେଷ୍ଟଇଣ୍ଡିଜ), ଅରୁନ୍ଧତୀ ରେଡ୍ଡୀ, ପୂଜା ବସ୍ତ୍ରକାର, ଆୟୁଷୀ ସୋନୀ, ଆୟାବୋଙ୍ଗା ଖାକା (ଦକ୍ଷିଣ ଆଫ୍ରିକା), ମୁସ୍କାନ ମଲିକ।

**ଟ୍ରେଲ୍‌ବ୍ଲେଜର୍ସ:** ସ୍ମୃତି ମନ୍ଧାନା (ଅଧିନାୟିକା), ଦୀପ୍ତି ଶର୍ମା (ଉପ ଅଧିନାୟିକା), ପୁନମ ରାଉତ, ରିଚା ଘୋଷ, ଡି. ହେମଲତା, ନୁଝତ୍ ପରବିନ (ଉଇକେଟ କିପର), ରାଜେଶ୍ୱରୀ ଗାଏକ୍ୱାଡ, ହର୍ଲିନ ଦେଓଲ, ଝୁଲଣ ଗୋସ୍ୱାମୀ, ସିମରନ ଦିଲ ବାହାଦୁର, ସଲମା ଖାତୁନ (ବାଂଲାଦେଶ), ସୋଫି ଇକେଲଷ୍ଟୋନ (ଇଂଲଣ୍ଡ), ନଟକନ୍ ଚାନ୍‌ଥାମ୍ (ଥାଇଲାଣ୍ଡ), ଡିଣ୍ଡ୍ରା ଡୋଟିନ (ୱେଷ୍ଟଇଣ୍ଡିଜ), କେଶବୀ ଗୌତମ।

**ଭେଲୋସିଟି:** ମିଥାଲି ରାଜ (ଅଧିନାୟିକା), ବେଦ କ୍ରିଷ୍ଣମୂର୍ତ୍ତି (ଉପ ଅଧିନାୟିକା), ଶେଫାଳି ବର୍ମା, ସୁଷମା ବର୍ମା (ଉଇକେଟ କିପର), ଏକତା ବିଷ୍ଟ, ମାନସୀ ଜୋଶୀ, ଶିଖା ପାଣ୍ଡେ, ଦେବୀକା ବୈଦ୍ୟ, ସୁଶ୍ରୀ ଦିବ୍ୟଦର୍ଶିନୀ, ମନାଲି ଦକ୍ଷିଣୀ, ଲେଗ୍ କାସ୍ପେରେକ (ନ୍ୟୁଜିଲାଣ୍ଡ), ଡାନିଏଲ ୱାଟ (ଇଂଲଣ୍ଡ), ସୁନେ ଲୁସ(ଦକ୍ଷିଣ ଆଫ୍ରିକା), ଜାହାନାରା ଆଲମ(ବାଂଲାଦେଶ), ଏମ୍ ଅନଘା।


ଫ୍ରେଞ୍ଚ ଓପନ ଟ୍ରଫି ସହ ରାଫାଲ ନାଡାଲ।

# ନାଡାଲ ଚାମ୍ପିୟନ

**ଫ୍ରେଞ୍ଚ୍ ଓପନ୍ ଟେନିସ୍**
- ୨୦ଟି ଗ୍ରାଣ୍ଡସ୍ଲାମ ସହ ଫେଡରରଙ୍କ ସମକକ୍ଷ
- ରୋଲାଣ୍ଡ ଗ୍ୟାରୋସରେ ସେଞ୍ଚୁରି

**ପ୍ୟାରିସ୍,୧୧।୧୦(ଏପି):** କ୍ଲେ କୋର୍ଟର ରାଜା ବିବେଚିତ ହେଉଥିବା ସ୍ପେନ୍ ଅଭିଜ୍ଞ ଟେନିସ ତାରକା ରାଫାଲ ନାଡାଲ ଏଥର ମଧ୍ୟ ଫ୍ରେଞ୍ଚ୍ ଓପନ୍ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ନାଡାଲ ଅତି ସହଜରେ ଟପ୍ ସିଡ୍ ତଥା ବିଶ୍ୱର ୧ ନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କୁ ୬-୦, ୬-୨, ୭-୫ ସେଟ୍‌ରେ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହିତ ନାଡାଲ କୌଣସି ସେଟ୍ ଡ୍ରପ୍ ନ କରି ରେକର୍ଡ ୧୩ଥର ପାଇଁ ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱର ୨ ନମ୍ବର ଖେଳାଳି ନାଡାଲ ମୋଟ ଉପରେ କ୍ୟାରିୟରର ୨୦ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ସୁଇଜରଲାଣ୍ଡ ତାରକା ରୋଜର ଫେଡରରଙ୍କ ସମକକ୍ଷ ହୋଇଛନ୍ତି। ଫେଡରର ପୂର୍ବରୁ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ବିଶ୍ୱର ସଫଳତମ ଖେଳାଳି ବିବେଚିତ ହୋଇଥିଲେ।

ରୋଲାଣ୍ଡ ଗ୍ୟାରୋସ୍‌ର ଫିଲିପ୍ ଚାର୍ଟିଏର କୋର୍ଟରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମ ଦୁଇଟି ସେଟ୍‌ରେ ୩୪ ବର୍ଷୀୟ ନାଡାଲ ସମ୍ପୂର୍ଣ୍ଣ ଭାବେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ଜୋକୋଭିଚ୍ ଲୟ ପାଇବାକୁ ସଂଘର୍ଷ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ତେବେ ତୃତୀୟ ସେଟ୍‌ରେ ନାଡାଲଙ୍କୁ ଜୋକୋଭିଚ୍ ସାମାନ୍ୟ ଟକ୍କର ଦେଇ ଆରମ୍ଭରୁ ଅଗ୍ରଣୀ ହାସଲ କରିଥିଲେ। ତେବେ ୨ ଘଣ୍ଟା ୩୦ ମିନିଟ୍ ମଧ୍ୟରେ ନାଡାଲ ଶେଷରେ ବିଜୟୀ ହୋଇଥିଲେ। ନାଡାଲଙ୍କ ଏହି ପ୍ରଦର୍ଶନ କ୍ଲେ କୋର୍ଟରେ ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ବୋଲି ବିବେଚିତ ହୋଇଛି। ସାରା ମ୍ୟାଚ୍‌ରେ ସେ ଜୋକୋଭିଚ୍‌ଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ଏଥିସହ ନାଡାଲ ଫ୍ରେଞ୍ଚ୍ ଓପନରେ ୧୦୦ତମ ବିଜୟ ହାସଲ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ସେ ମାତ୍ର ୨ଟି ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ୧୯୭୨ରେ ଆନ୍ଦ୍ରେସ ଜିମେନୋଙ୍କ ପରେ ନାଡାଲ ଫ୍ରେଞ୍ଚ୍ ଓପନ୍‌ରେ ବୟୋଜ୍ୟେଷ୍ଠ ଚାମ୍ପିୟନ ବିବେଚିତ ହୋଇଛନ୍ତି। ୨୦୦୫ରେ ନାଡାଲ ପ୍ରଥମ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ। ୧୩ଟି ଫ୍ରେଞ୍ଚ୍ ଓପନ ଟାଇଟଲକୁ ବାଦ୍ ଦେଲେ ନାଡାଲ ଥରେ ଅଷ୍ଟ୍ରେଲିଆନ ଓପନ, ୨ଥର ୱିମ୍ବଲଡନ ଓ ୪ଥର ୟୁଏସ୍ ଓପନ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ନିଜ ପ୍ରଦର୍ଶନରେ ନାଡାଲ ଖୁସି ଜାହିର କରିଛନ୍ତି। ରୋମ୍‌ରେ ଡିଏଗୋ ସ୍ୱାର୍ଜମ୍ୟାନଙ୍କଠାରୁ ପରାସ୍ତ ହୋଇ ସେ ଶିକ୍ଷା ପାଇଥିଲେ ବୋଲି ନାଡାଲ କହିଛନ୍ତି।

# ସୁନୀଲ ନାରିନ୍‌ଙ୍କ ବୋଲିଂ ଆକ୍ସନକୁ ନେଇ ସନ୍ଦେହ

**ଆବୁଧାବି, ୧୧।୧୦ (ପି.ଟି.)**

କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ୱେଷ୍ଟଇଣ୍ଡିଆନ ସ୍ପିନର ସୁନୀଲ ନାରିନ୍‌ଙ୍କ ବୋଲିଂ ଆକ୍ସନକୁ ନେଇ ସନ୍ଦେହ କରାଯାଇଛି। ଏଠାରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ତାଙ୍କ ଦଳର ଆଇପିଏଲ୍ ମୁକାବିଲା ବେଳେ ସେ ନଜରକୁ ଆସିଛନ୍ତି। ଏହାର ପୁନରାବୃତ୍ତି ହେଲେ ଲିଗ୍‌ରେ ତାଙ୍କୁ ବୋଲିଂରୁ ବାରଣ କରାଯାଇପାରେ। ଶନିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ୩୨ ବର୍ଷୀୟ ନାରିନ ତାଙ୍କ ୪ ଓଭର ବୋଲିଂରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। କେକେଆର୍ ଦୁଇ ଉଇକେଟରେ ବିଜୟ ଲାଭ କରିଥିଲା। ଆଇପିଏଲ୍‌ର ସସ୍‌ପେକ୍ଟେଡ୍ ବୋଲିଂ ଆକ୍ସଶନ ପଲିସି ଅନୁସାରେ ନାରିନଙ୍କ ବିରୋଧରେ ଅନ୍-ଫିଲ୍ଡ ଅମ୍ପାୟର ରିପୋର୍ଟ କରିଛନ୍ତି। ୱେଷ୍ଟଇଣ୍ଡିଆନ ବୋଲରଙ୍କ ନାମ ଚେତାବନୀ ତାଲିକାରେ ସ୍ଥାନ ପାଇବ ଏବଂ ଟୁର୍ନାମେଣ୍ଟରେ ବୋଲିଂ ପାଇଁ ଅନୁମତି ମିଳିବ। ନାରିନଙ୍କ ବିରୋଧରେ ଯଦି ଆଉଥରେ ରିପୋର୍ଟ ହୁଏ ତେବେ ବିସିସିଆଇ ସସ୍‌ପେକ୍ଟ ବୋଲିଂ ଆକ୍ସନ କମିଟି ଦ୍ୱାରା କ୍ଲିୟର ନ ହେବା ପର୍ଯ୍ୟନ୍ତ ସେ ଚଳିତ ଡ୍ରିମ୍ ୧୧ ଆଇପିଏଲ୍ ୨୦୨୦ରେ ବୋଲିଂ କରିବାରୁ ବଞ୍ଚିତ ହେବେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ୨୦୧୫ରେ ନାରିନ୍‌ଙ୍କ ବେଆଇନ ବୋଲିଂ ଆକ୍ସନ ପାଇଁ ଆଇସିସି ତାଙ୍କୁ ଅନ୍ତର୍ଜାତୀୟ କ୍ରିକେଟରୁ ସସ୍‌ପେଣ୍ଡ କରିଥିଲା। କିନ୍ତୁ ବୋଲିଂ ଆକ୍ସନରେ ସୁଧାର ଆଣିବା ପରେ ୨୦୧୬ରେ ତାଙ୍କୁ ସମସ୍ତ ଫର୍ମାଟ୍‌ରେ ବୋଲିଂ କରିବା ଲାଗି ଅନୁମତି ମିଳିଥିଲା।

# ସୁମାକରଙ୍କ ରେକର୍ଡ ସମକକ୍ଷ ହେଲେ ହାମିଲଟନ

**ନର୍‌ବର୍ଗ (ଜର୍ମାନୀ),୧୧।୧୦**


ଟ୍ରଫି ସହ ଲୁଇସ୍ ହାମିଲ୍‌ଟନ।

ମର୍ସିଡିଜ୍‌ର ଲୁଇସ ହାମିଲଟନ ଏଠାରେ ରବିବାର ଅନୁଷ୍ଠିତ ଇଫେଲ୍ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏହାଦ୍ୱାରା ଫର୍ମୁଲା ୱାନ୍‌ରେ ସବୁଠାରୁ ଅଧିକ ରେସ୍ ଜିତି ମାଇକେଲ ସୁମାକର କରିଥିବା ରେକର୍ଡର ସେ ସମକକ୍ଷ ହୋଇ ପାରିଛନ୍ତି। ଇଫେଲ୍ ଫର୍ମୁଲା ୱାନ ଗ୍ରାଁ ପ୍ରିରେ ହାମିଲଟନ ତାଙ୍କ କ୍ୟାରିୟରର ୯୧ତମ ବିଜୟ ହାସଲ କରିଛନ୍ତି। ଚାମ୍ପିୟନଶିପ୍ ଟେବୁଲ୍‌ର ପ୍ରଥମ ସ୍ଥାନରେ ସେ ତାଙ୍କ ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛନ୍ତି। ଦ୍ୱିତୀୟ ସ୍ଥାନରେ ରହିଥିବା ଟିମ୍‌ମେଟ୍ ଭାଲଟୋରୀ ବୋଟାସଙ୍କଠାରୁ ପଏଣ୍ଟ ବ୍ୟବଧାନ ୬୯କୁ ବୃଦ୍ଧି କରିପାରିଛନ୍ତି। ରେସ୍ ବେଳେ କାର୍‌ରେ ସମସ୍ୟା ଦେଖାଦେବାରୁ ଫିନ୍‌ଲାଣ୍ଡ ଡ୍ରାଇଭର ବୋଟାସ୍ ରେସ୍ ଅଧାରୁ ଓହରିଯାଇଥିଲେ। ତେବେ ସେ ପର୍ଯ୍ୟନ୍ତ ହାମିଲଟନଙ୍କୁ କଡ଼ା ଟକ୍କର ଦେଇ ଆସୁଥିଲେ। ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ରେନଲ୍ଟର ଡାନିଏଲ ରିକାର୍ଡୋ ତୃତୀୟ ହୋଇଥିଲେ। ୨୦୧୬ରେ ଜଣେ କନଷ୍ଟ୍ରକ୍ଟର ଭାବେ ଫର୍ମୁଲାୱାନକୁ ପ୍ରତ୍ୟାବର୍ତ୍ତନ କରିବା ପରେ ରିକାର୍ଡୋ ରେନଲ୍ଟକୁ ପ୍ରଥମ ପୋଡିୟମ ଫିନିସ୍ କରାଇଛନ୍ତି। ହାମିଲଟନ ଯଦି ଚଳିତ ବର୍ଷର ଅବଶିଷ୍ଟ ୬ଟି ରେସ୍ ମଧ୍ୟରୁ ତିନୋଟିରେ ବିଜୟ ହାସଲ କରନ୍ତି ତେବେ ୭ମ ଥର ବିଶ୍ୱ ଟାଇଟଲ ହାସଲ କରିବେ। ସୁମାକରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଅନ୍ୟ ଏକ ରେକର୍ଡର ସେ ସମକକ୍ଷ ହୋଇ ପାରିବେ। ରବିବାର ରେସ୍‌ରେ ୪ର୍ଥରୁ ୧୦ମ ସ୍ଥାନ ପର୍ଯ୍ୟନ୍ତ ଯଥାକ୍ରମେ ରହିଥିଲେ ସର୍ଗିଓ ପେରେଜ୍ (ରେସିଂ ପଏଣ୍ଟ), କାର୍ଲୋସ ସେଞ୍ଜ ଜୁନିୟର(ମ୍ୟାକ୍‌ଲରେନ), ପିଏରେ ଗାସ୍‌ଲି(ଆଲ୍‌ଫା ଟାଉରି), ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ନିକୋ ହକେନ୍‌ବର୍ଗ (ରେସିଂ ପଏଣ୍ଟ), ରୋମେନ୍ ଗ୍ରୋସ୍‌ଜେଁ (ହାସ୍) ଓ ଆଣ୍ଟୋନିଓ ଗ୍ଲୋଭିଆଜ୍ଜି (ଆଲ୍‌ଫା ରୋମିଓ)।

# କେଭିନ୍-ଅଣ୍ଡ୍ରିଆସ୍‌ଙ୍କୁ କ୍ରମାଗତ ଟାଇଟଲ୍

**ପ୍ୟାରିସ୍,୧୧।୧୦(ଏପି):** ଜର୍ମାନୀ ଯୋଡି କେଭିନ୍ କ୍ରୱିଜ୍ ଓ ଆଣ୍ଡ୍ରିଆସ୍ ମାଇସ୍ ଏଥର ମଧ୍ୟ ଫ୍ରେଞ୍ଚ୍ ଓପନ ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଡବଲ୍ସ ଫାଇନାଲ ମ୍ୟାଚ୍‌ରେ ଅଷ୍ଟମ ସିଡ୍ ଏହି ଯୋଡି ପ୍ରତିପକ୍ଷ ସପ୍ତମ ସିଡ୍ ଯୋଡି କ୍ରୋଏସିଆର ମେଟ୍ ପାଭିକ୍ ଓ ବ୍ରାଜିଲର ବ୍ରୁନୋ ସୋଆରେସ୍‌ଙ୍କୁ ୬-୩, ୭-୫ ସେଟ୍‌ରେ ହରାଇ ଟାଇଟଲ ବଜାୟ ରହିଛନ୍ତି। ବିଜୟୀ ହେବା ପାଇଁ ଏହି ଯୋଡି ୮୯ ମିନିଟ ସମୟ ଆବଶ୍ୟକ କରିଥିଲେ। ଗତବର୍ଷ ଏହି ଯୋଡି ପ୍ରଥମଥର ପାଇଁ ଓପନ୍ ଏରାରେ ପୁରୁଷ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ରନର୍ସ ହୋଇଥିବା ପାଭିକ୍ ଓ ସୋଆରେସ୍ ୟୁଏସ୍ ଓପନ୍ ଡବଲ୍ସ ଟାଇଟଲ ହାସଲ କରିଥିଲେ ମଧ୍ୟ ଏହି ସଫଳତାକୁ ଦୋହରାଇ ପାରି ନ ଥିଲେ।

# ମୁମ୍ବାଇ ଇଣ୍ଡିଆନ୍ସର ପଞ୍ଚମ ବିଜୟ

**ଆବୁଧାବି, ୧୧।୧୦**


ମ୍ୟାନ୍ ଅଫ୍ ଦି ମ୍ୟାଚ୍ କ୍ୱିଣ୍ଟନ ଡିକକ୍।

କ୍ୱିଣ୍ଟନ ଡିକକ୍ ଓ ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୫ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ୪ ଉଇକେଟ ହରାଇ ୧୬୨ ରନ କରିଥିବାବେଳେ ମୁମ୍ବାଇ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ନେଇଥିଲା। ୭ ମ୍ୟାଚରୁ ପଞ୍ଚମ ବିଜୟ ସହ ମୁମ୍ବାଇ ପଏଣ୍ଟ ଟେବୁଲର ଶୀର୍ଷକୁ ଫେରିଛି।

ଟାର୍ଗେଟ ବଡ଼ ନ ଥିଲେ ହେଁ ଅଧିନାୟକ ରୋହିତ ଶର୍ମାଙ୍କ ଉଇକେଟ ଶୀଘ୍ର ହରାଇ ମୁମ୍ବାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ତେବେ ସୂର୍ଯ୍ୟକୁମାର ଦ୍ୱିତୀୟ ଉଇକେଟରେ ଡିକକ୍‌ଙ୍କ ସହ ୪୬ ଓ ତୃତୀୟ ଉଇକେଟରେ ଇଶାନ କିଶନଙ୍କ ସହ ୫୩ ରନର ଭାଗୀଦାରି ଗଢ଼ି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଡିକକ୍ ୩୬ ବଲ୍‌ରୁ ୫୩(୪ ଚୌକା, ୩ ଛକା) ଓ ସୂର୍ଯ୍ୟକୁମାର ୩୨ ବଲ୍‌ରୁ ୫୩(୬ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଖାତାଖୋଲିପାରି ନ ଥିବାବେଳେ କିଶନ ୨୮(୧୫ ବଲ, ୨ ଚୌକା, ୨ ଛକା) ରନର ଯୋଗଦାନ ଦେଇଥିଲେ। କିରନ ପୋଲାର୍ଡ ୧୧ ଓ କ୍ରୁନାଲ ପାଣ୍ଡ୍ୟା ୧୨ ରନରେ ଅପରାଜିତ ରହି ୨୦ତମ ଓଭରର ୪ର୍ଥ ବଲ୍‌ରେ ଦଳକୁ ଜିତାଇଥିଲେ। ଦିଲ୍ଲୀ ପକ୍ଷରୁ କାଗିଶୋ ରାବାଡ଼ା ୨ଟି ଏବଂ ଅକ୍ଷର ପଟେଲ, ରବିଚନ୍ଦ୍ରନ ଅଶ୍ୱିନ ଓ ମାର୍କୁସ ଷ୍ଟୋଇନିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ତେବେ ପ୍ରଥମ ଓଭରରେ ଇନ୍‌ଫର୍ମ ପୃଥ୍ୱୀ ଶ'(୪)ଙ୍କୁ ଆଉଟ କରି ଦିଲ୍ଲୀକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ ଟ୍ରେଣ୍ଟ ବୋଲ୍ଟ। ଚଳିତ ସିଜନରେ ପ୍ରଥମଥରପାଇଁ ସୁଯୋଗ ପାଇଥିବା ଅଜିଙ୍କ୍ୟ ରାହାନେ ମଧ୍ୟ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ୧୫ ବଲ୍‌ରୁ ୧୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଭିଜ୍ଞ ଶିଖର ଧାୱନ ଓ ଅଧିନାୟକ ଶ୍ରେୟାସ ଆୟାର ତୃତୀୟ ଉଇକେଟ ଯୋଡ଼ିରେ ୬୨ ବଲ୍‌ରୁ ୮୫ ରନର ଭାଗୀଦାରି ଗଢ଼ି ଦଳକୁ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ୧୦ ଓଭର ବେଳକୁ ଦଳ ୮୦ ରନ ସଂଗ୍ରହ କରି ନେଇଥିଲା। ଆୟାରଙ୍କ ଉଇକେଟ ପତନ ସହ ଯୋଡ଼ି ଭାଙ୍ଗିବାପରେ ଦିଲ୍ଲୀର ରନହାରରେ ଅଙ୍କୁଶ ଲାଗିଥିଲା। ଆୟାର ୩୩ ବଲ୍‌ରୁ ୪୨(୫ ଚୌକା) ରନ କରି ଆଉଟ ହୋଇଥିବାବେଳେ ହାର୍ଡ ହିଟର ମାର୍କୁସ ଷ୍ଟୋଇନ୍ସ ୧୩ ରନ କରି ରନଆଉଟ ହୋଇ ଯାଇଥିଲେ। ଡେଥ୍ ଓଭରରେ ଟ୍ରେଣ୍ଟ ବୋଲ୍ଟ ଓ ଯଶପ୍ରୀତ ବୁମ୍‌ରା ଟାଇଟ୍ ବୋଲିଂ କରିଥିଲେ। ଫଳରେ ଧାୱନ ୬୯(୫୨ ବଲ, ୬ ଚୌକା, ୧ ଛକା) ଓ ଆହତ ରିଷଭ ପନ୍ତଙ୍କ ସ୍ଥାନରେ ସୁଯୋଗ ପାଇଥିବା ଆଲେକ୍ସ କାରେ ୧୩(୮ ବଲ, ୨ ଚୌକା) ରନରେ ଅପରାଜିତ ରହିଥିଲେ ହେଁ ଦିଲ୍ଲୀ ସ୍କୋର ୨୦ ଓଭରରେ ୧୬୨/୪ରେ ସୀମିତ ରହିଥିଲା। ମୁମ୍ବାଇ ବୋଲରଙ୍କ ମଧ୍ୟରେ କ୍ରୁନାଲ ପାଣ୍ଡ୍ୟା ୨ଟି ଓ ବୋଲ୍ଟ ଗୋଟିଏ ଉଇକେଟ ନେଇଥିଲେ।

### ଆଇପିଏଲ୍
(ସୋମବାର ମ୍ୟାଚ୍)
**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ କୋଲକାତା ନାଇଟ ରାଇଡର୍ସ**
**ସ୍ଥାନ:** ଶାରଜା, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

### ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୬୨/୪(ଧାୱନ-୬୯*, ଆୟାର-୪୨, କ୍ରୁନାଲ୍-୨/୨୬, ବୋଲ୍ଟ-୧/୩୬)। ମୁମ୍ବାଇ ଇଣ୍ଡିଆନ୍ସ ୧୯.୪ ଓଭରରେ ୧୬୬/୫ (ଡିକକ୍-୫୩, ସୂର୍ଯ୍ୟକୁମାର-୫୩, କିଶନ-୨୮, ରାବାଡ଼ା-୨/୨୮, ଅକ୍ଷର-୧/୨୪, ଅଶ୍ୱିନ-୧/୩୫, ଷ୍ଟୋଇନିସ-୧/୩୧)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୫ | ୨ | ୧୦ | +୧.୩୨୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୧.୦୩୮ |
| ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୦.୦୧୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୪ | ୨ | ୮ | -୦.୮୨୦ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | +୦.୧୫୩ |
| ରାଜସ୍ଥାନ ରୟାଲ୍ସ | ୭ | ୩ | ୪ | ୬ | -୦.୮୭୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୭ | ୨ | ୫ | ୪ | -୦.୫୮୮ |
| କିଙ୍ଗ୍ସ ଇଲେଭେନ | ୭ | ୧ | ୬ | ୨ | -୦.୩୮୧ |

# ଟେୱାଟିଆ, ପରାଗ ରୟାଲ୍ସକୁ ଜିତାଇଲେ

**ଦୁବାଇ,୧୧।୧୦(ପି.ଟି.)**


ରାହୁଲ ଟେୱାଟିଆ ଓ ରିଆନ ପରାଗ।

ରାହୁଲ ଟେୱାଟିଆ ଓ ଯୁବ ବ୍ୟାଟ୍ସମ୍ୟାନ ରିଆନ ପରାଗ ଉପଯୋଗୀ ବ୍ୟାଟିଂ କରି ସନରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷରେ ରାଜସ୍ଥାନ ରୟାଲ୍ସକୁ ୫ ଉଇକେଟରେ ବିଜୟୀ କରାଇଛନ୍ତି। ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୬ତମ ମ୍ୟାଚ୍‌ରେ ଟସ୍ ଜିତି ହାଇଦ୍ରାବାଦ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଜବାବରେ ରାଜସ୍ଥାନ ୧୯.୫ ଓଭରରେ ୫ ଉଇକେଟ ହରାଇ ୧୬୩ ରନକରି ବିଜୟ ହାସଲ କରିଛି। ଏଥିସହ କ୍ରମାଗତ ୪ଟି ପରାଜୟ ପରେ ରାଜସ୍ଥାନ ବିଜୟଧାରାକୁ ଫେରିଛି। ୨୮ ବଲରୁ ୪ ଚୌକା ଓ ୨ ଛକା ସହ ଦ୍ରୁତ ୪୫ରନ କରି ଅପରାଜିତ ରହିଥିବା ଟେୱାଟିଆ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୫୯ ଟାର୍ଗେଟର ପିଛାକରି ରଜସ୍ଥାନ ମାତ୍ର ୨୬ ରନରେ ବେନ୍ ଷ୍ଟୋକ୍ସ, ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଓ ଜୋସ ବଟଲରଙ୍କୁ ହରାଇ ସମସ୍ୟାରେ ପଡିଥିଲା। ଷ୍ଟୋକ୍ସ ୫, ବଟଲର ୧୬, ସ୍ମିଥ୍ ୫ ରନ କରି ଆଉଟ ହୋଇଥିଲେ। ସଞ୍ଜୁ ସାମସନ ୨୬ ଓ ରବିନ ଉଥାପ୍ପା ୧୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଆଉ କୌଣସି କ୍ଷତିନହେବାକୁଦେଇ ଟେୱାଟିଆ ଓ ପରାଗ ଷଷ୍ଠ ଉଇକେଟରେ ୪୭ ବଲରୁ ଅପରାଜିତ ଦ୍ରୁତ ୮୫ ରନକରି ଦଳକୁ ଜିତାଇଥିଲେ। ଟେୱାଟିଆ ୪୫ ଓ ପରାଗ ୨୬ ବଲରୁ ୨ ଚୌକା ଓ ୨ ଛକା ସହ ୪୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଖଲିଲ ଅହମ୍ମଦ ଓ ରସିଦ ଖାନ୍ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ପକ୍ଷରୁ ମନୀଷ ପାଣ୍ଡେ ସର୍ବାଧିକ ୫୪ ରନ (୪୪ ବଲ, ୨ ଚୌକା, ୩ ଛକା), ଅଧିନାୟକ ତଥା ଓପନର ଡେଭିଡ୍ ୱାର୍ନର ୪୮ ରନ (୩୮ ବଲ, ୩ ଚୌକା, ୨ ଛକା), ଜନି ବେୟାରଷ୍ଟୋ ୧୬, ପ୍ରିୟମ ଗର୍ଗ ୧୫ ରନକରି ଆଉଟ ହୋଇଥିବା ବେଳେ ଅଭିଜ୍ଞ କେନ୍ ୱିଲିୟମସନ ୧୨ ବଲରୁ ୨ ଛକା ସହ ୨୨ରନ କରି ଅପରାଜିତ ରହିଥିଲେ। ବୋଲିଂରେ ରାଜସ୍ଥାନ ତରଫରୁ ଜୋଫ୍ରା ଆର୍ଚର, କାର୍ତ୍ତିକ ତ୍ୟାଗୀ ଓ ଜୟଦେବ ଉନାଡକଟ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୫୮/୪, (ୱାର୍ନର- ୪୮, ପାଣ୍ଡେ- ୫୪, ୱିଲିୟମସନ- ୨୨*, ଆର୍ଚର- ୧/୨୫, ତ୍ୟାଗୀ- ୧/୨୯, ଉନାଡକଟ- ୧/୩୧)। ରାଜସ୍ଥାନ ରୟାଲ୍ସ: ୧୯.୫ ଓଭରରେ ୧୬୩/୫, (ଟେୱାଟିଆ- ୪୫*, ପରାଗ- ୪୨*, ଖଲିଲ- ୨/୩୭, ରସିଦ- ୨/୨୫)।

# ଟ୍ରେଣ୍ଡ୍ କରୁଛି 'ୟାମି କଓ୍ୱାଇ'

**ସବୁବେଳେ ପରମ୍ପରାକୁ ଗୁରୁତ୍ୱ ଦେଇ ଆସୁଥିବା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଜାପାନରେ ଏବେ ନୂଆ ଫ୍ୟାଶନ ଟ୍ରେଣ୍ଡ୍ କରୁଛି, ଯାହାର ନାମ 'ୟାମି କଓ୍ୱାଇ'। ଜାପାନୀ ଯୁବତୀମାନେ ରକ୍ତ ଛିଟା ଲାଗିଥିବା ଏକ ଭିନ୍ନ ଧରଣର ପୋଷାକ ପିନ୍ଧୁଛନ୍ତି, ଯେଉଁଥିରୁ ସେମାନଙ୍କ ମାନସିକ ଦୁଶ୍ଚିନ୍ତା ପ୍ରତିଫଳିତ ହେଉଛି।**

**ଜାପାନିଜ୍ ଫ୍ୟାଶନରେ ମାନସିକ ଦୁଶ୍ଚିନ୍ତାର ପ୍ରତିଫଳନ**



ପୋଷାକରେ ରକ୍ତର ଛିଟା। ଆଖି ତଳେ କଳାଦାଗ। ବେକରେ ରକ୍ତ ଭର୍ତ୍ତି ସିରିଞ୍ଜ। ତା' ସହିତ ଟି-ଶାର୍ଟରେ ଟ୍ୟାଗ୍ ମାର୍କ 'ମୁଁ ମରିବାକୁ ଚାହେଁ'। ଏହା କୌଣସି ହରର୍ ଫିଲ୍ମର ଦୃଶ୍ୟ ନୁହେଁ। ଜାପାନର ବ୍ୟସ୍ତବହୁଳ ସଡ଼କରେ ଶତାଧିକ ଯୁବତୀ ଏପରି ଭୟଭୀତ କରିବା ଭଳି ପୋଷାକ, ପରିପାଟିରେ ଘୂରି ବୁଲୁଛନ୍ତି। ଜାପାନିଜ ଭାଷାରେ ଏହି ନୂଆ ଫ୍ୟାଶନ ହେଉଛି 'ୟାମି କଓ୍ୱାଇ', ଯାହା ଡିପ୍ରେସନ ସହିତ ସମ୍ପର୍କିତ। ଏଥିରୁ ଜାପାନରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ଅନୁମାନ କରାଯାଉଛି।

ଦୁଇଟି ଜାପାନିଜ ଶବ୍ଦକୁ ନେଇ 'ୟାମି କଓ୍ୱାଇ'ର ପରିକଳ୍ପନା କରାଯାଇଛି। 'ୟାମି' ଅର୍ଥ ବେମାର ଏବଂ 'କଓ୍ୱାଇ' ଅର୍ଥ କ୍ୟୁଟ୍ ବା ସୁନ୍ଦର। 'ୟାମି କଓ୍ୱାଇ' ଜରିଆରେ ମନ ଭିତରେ ଦବିରହିଥିବା ଡିପ୍ରେସନକୁ କହିବାକୁ ଚେଷ୍ଟା କରାଯାଉଛି ଏବଂ ଏପରି ପୋଷାକ ପରିଧାନ କରି ଯୁବତୀମାନେ ସେମାନଙ୍କୁ ସହାୟତା କରିବାକୁ ନିବେଦନ କରୁଛନ୍ତି।

ସାଧାରଣତଃ ଜାପାନରେ ଆତ୍ମହତ୍ୟା ମାନସିକତାକୁ ପସନ୍ଦ କରାଯାଏନାହିଁ। ତେଣୁ ଯୁବତୀମାନେ ନିଜର ଭାବନାକୁ ପରିପ୍ରକାଶ କରିବାକୁ 'ୟାମି କଓ୍ୱାଇ' ଫ୍ୟାଶନର ସହାୟତା ନେଉଥିବା ଜଣାପଡ଼ିଛି। ଟୋକିଓର ଫ୍ୟାଶନ କ୍ରିଟିକ୍ ମିଶା ଜେନେଟ୍‌ଙ୍କ କହିବା କଥା, 'ୟାମି କଓ୍ୱାଇ' ଫ୍ୟାଶନକୁ ଅନୁସରଣ କରୁଥିବା ଯୁବତୀମାନେ ଭିତରୁ କେତେ ଅସ୍ତବ୍ୟସ୍ତ ତାହା ସହଜରେ ଜଣାପଡୁଛି। କେବଳ ନିଜ ପାଇଁ ନୁହେଁ, ଡିପ୍ରେସନର ଶିକାର ହୋଇ ସେମାନଙ୍କ ଆଖପାଖରେ ରହୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ମଧ୍ୟ ସେମାନେ ଏଭଳି ଫ୍ୟାଶନକୁ ଅନୁକରଣ କରୁଛନ୍ତି। ଲେଖକ ଏଜାକି ବିଶୁକୋ ପ୍ରଥମେ ଏହି ଫ୍ୟାଶନ ସମ୍ପର୍କରେ ଆଲୋଚନା କରିଥିଲେ। ଏଜାକିଙ୍କ ବାଲ୍ୟାବସ୍ଥା ଅତି ଦୁଃଖରେ କଟିଥିଲା। ବିଭିନ୍ନ ହିଂସାର ଶିକାର ହେବାପରେ ତାଙ୍କର ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା। ଏହାପରେ ସେ ସ୍କୁଲର ଛାତ୍ରୀଛାତ୍ରଙ୍କ ଜରିଆରେ ଫ୍ୟାଶନ ମାଧ୍ୟମରେ ନିଜର ଅନ୍ତରର କଥା ପରିପ୍ରକାଶ କରିଥିଲେ।

ସେହିପରି ଅନ୍ୟ ଏକ ସର୍ଭେ ଅନୁଯାୟୀ, ୨୦୦୫ କଟ୍ରିନା ହରିକେନ ପରେ ଜାପାନରେ ଆତ୍ମହତ୍ୟା ମାମଲା ହ୍ରାସ ପାଇଥିଲା। କିଛିଦିନ ପରେ ଏହା ହଠାତ୍ ବଢ଼ିବାରେ ଲାଗିଲା। ସମ୍ଭବତଃ ବାତ୍ୟା ପରେ ସରକାରୀସ୍ତରରେ ଲୋକଙ୍କୁ ବ୍ୟାପକ ସହାୟତା ଯୋଗାଇ ଦିଆଯାଇଥିଲା। ଫଳରେ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ହୋଇଥିଲା। ସମ୍ଭବତଃ ଏହା ବନ୍ଦ କରିଦିଆଯିବା ପରେ ପୁଣି ଆତ୍ମହତ୍ୟା ଘଟଣା ବଢ଼ିଛି।

## ବଢୁଛି ଆତ୍ମହତ୍ୟା ପ୍ରବଣତା

ଜାପାନରେ ଆତ୍ମହତ୍ୟା ପ୍ରବଣତା ବଢୁଛି। ଏକ ତଥ୍ୟ ଅନୁଯାୟୀ ଗତ ଅଗଷ୍ଟରେ ଜାପାନରେ ୧୮୫୪ ଆତ୍ମହତ୍ୟା ମାମଲା ରୁଜୁ ହୋଇଛି। ଏହା ଗତବର୍ଷ ଅଗଷ୍ଟ ତୁଳନାରେ ୧୬% ଅଧିକ। ସେହିପରି ମହିଳା ଆତ୍ମହତ୍ୟା ମାମଲା ୪୦% ବଢ଼ିଛି। ତେବେ କରୋନା ସମୟରେ ଫେବୃୟାରୀରୁ ଜୁନ୍ ମଧ୍ୟରେ ଏହା ୧୩.୫%କୁ ହ୍ରାସ ପାଇଛି। ଏଠାରେ ଜଣେ ଆତ୍ମହତ୍ୟା କରିବା ପରେ ବୀମା କମ୍ପାନୀ ମୃତକଙ୍କ କରଜ ପୈଠ କରିବା ନିୟମ ଲାଗୁ କରାଯାଇଛି। ମୃତ୍ୟୁ ପରେ ବୀମା କମ୍ପାନୀ ବକେୟା ପରିଶୋଧ କରିଦେବ ବୋଲି ବିଚାର କରି ଅନେକେ ଏପରି ଚରମ ପଦକ୍ଷେପ ନେଉଥିବା ଜଣାପଡ଼ିଛି।

## ଚାପ କମାଇବାକୁ ପ୍ରୋତ୍ସାହନ

ପରମାଣୁ ବୋମାର ଭୟାବହତା ହେଉ କି ସୁନାମୀ ଅବା ଭୂକମ୍ପ ଏସବୁ ବିପର୍ଯ୍ୟୟ ସହିତ ଅଭ୍ୟସ୍ତ ଜାପାନବାସୀ। ଯେବେ ଯେବେ ଦୁର୍ବିପାକ ଆସିଛି ଜାପାନ କଳେ ବଳେ କୌଶଳେ ସଫଳତାର ସହ ଏହାର ମୁକାବିଲା କରିଛି। ଏହାର ପଛରେ ଲୋକଙ୍କ କର୍ମକୁଶଳତା ରହିଛି। ଜାପାନରେ ଜଣେ ହାରାହାରି ୧୬ ଘଣ୍ଟା କାମ କରିଥାନ୍ତି। ହେଲେ ଏପରି ଦୀର୍ଘସମୟ କାମ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ତେବେ କରୋନା ସମୟରେ କମ୍ପାନୀ ପକ୍ଷରୁ ଚାପ ହ୍ରାସ କରିବାକୁ ୨୦% ଯାଏ କାମ ସମୟ କାଟ କରାଯାଇଛି। ଏଥିସହ ବୋନସ ଆକାରରେ ଅତିରିକ୍ତ ଅର୍ଥ ଦିଆଯାଇଛି। ପରିବାର ସହ ସମୟ ଅତିବାହିତ କରିବାକୁ ପ୍ରୋତ୍ସାହିତ ମଧ୍ୟ କରାଯାଉଛି। ଦେଶର ବଢୁଥିବା ଆତ୍ମହତ୍ୟାର କାରଣ ଏବଂ ନିରାକରଣ ସମ୍ପର୍କରେ ସେଠାକାର ସରକାର, ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ଅନୁଧ୍ୟାନ ଜାରି ରଖିଛି।

ଜନ୍ମଦିନର ଶୁଭେଚ୍ଛା

ପ୍ରତ୍ୟୁଷ ମିଶ୍ର
ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣା ସଦା ମଥା ପରେ ଝରୁଥାଉ।
ଶୁଭେଚ୍ଛା ସହ : ମା, ବାପା, ବନ୍ଧୁ ଓ ପରିବାର ବର୍ଗ
ଧ-୧୮୫୮୯

## ପେନ୍‌ସିଲ୍ ମୁନରେ ସୋନୁ



**ନୂଆଦିଲ୍ଲୀ:** ଯାହାକୁ ଯେତେବେଳେ ଯେଉଁଠି, ଯେ କୌଣସି ପ୍ରକାରର ସାହାଯ୍ୟ ଆବଶ୍ୟକ ସେସବୁକୁ ଅନାୟାସରେ ପୂରଣ କରି ସାରା ଦେଶରେ ଏବେ ଦେବଦୂତ ପାଲଟି ଯାଇଛନ୍ତି ଅଭିନେତା ସୋନୁ ସୁଦ୍। ସେଥିପାଇଁ ତ ଲୋକଙ୍କ ହୃଦୟରେ ତାଙ୍କ ପାଇଁ ରହିଛି ସ୍ୱତନ୍ତ୍ର ସ୍ଥାନ। କିଏ ତାଙ୍କୁ ସବୁବେଳେ ମନେରଖିବା ପାଇଁ ସିମ୍ କାର୍ଡରେ ତାଙ୍କ ଫଟୋ ପ୍ରିଣ୍ଟ କରିଛି ତ ଆଉ କିଏ ବିଭିନ୍ନ ପ୍ରକାରର କଳା ମାଧ୍ୟମରେ ତାଙ୍କ ପ୍ରତି ଭଲପାଇବା ଦର୍ଶାଉଛନ୍ତି। ଏଭଳି ଏକ ଉଦ୍ଦେଶ୍ୟରେ ଏବେ ସୋନୁଙ୍କର ଜଣେ ପ୍ରଶଂସକ ସୋନୁଙ୍କୁ ରୂପ ଦେଇଛନ୍ତି ଏକ ପେନ୍‌ସିଲ୍ ମୁନରେ।

ପେନ୍‌ସିଲ୍ ମୁନରେ ସୋନୁ ସୁଦ୍‌ଙ୍କ ପ୍ରତିମା। ଏଭଳି ଏକ ଆଶ୍ଚର୍ଯ୍ୟଜନକ କଳାକୁ ରୂପ ଦେଇଛନ୍ତି ଆର୍ଟିଷ୍ଟ ମିଥୁଲ ପ୍ରଜାପତ୍। ସୋନୁଙ୍କର ଏଭଳି ଏକ କଳାକୁ ସୋସିଆଲ୍ ମିଡିଆରେ ଶେୟାର କରି ସେ ତାଙ୍କ ପ୍ରତି ଥିବା ସ୍ୱତନ୍ତ୍ର ଭଲପାଇବାକୁ ଜାହିର କରିଛନ୍ତି। ମିଥୁଲଙ୍କର ଏଭଳି ସ୍ୱତନ୍ତ୍ର ଢଙ୍ଗରେ ଭଲପାଇବାକୁ ସୋନୁ ସୁଦ୍ ସ୍ୱୀକାର କରି ପୁଣିଥରେ ରିଟୁଇଟ୍ କରିଛନ୍ତି। ତେବେ ମିଥୁଲଙ୍କର ଏଭଳି ଏକ କଳାପ୍ରତିଭାକୁ ଦେଖି ସୋସିଆଲ ମିଡିଆରେ ଲୋକେ ବି ଆଶ୍ଚର୍ଯ୍ୟ ହୋଇଛନ୍ତି। ଏତେ ଛୋଟ ସ୍ଥାନରେ ଏତେ ସୂକ୍ଷ୍ମ କାରିଗରିକୁ ନିଖୁଣଭାବେ ସେ ଦର୍ଶାଇଛନ୍ତି। ସୋନୁଙ୍କୁ ରୂପ ଦେବାପାଇଁ ସେ ପେନ୍‌ସିଲ୍ ମୁନରେ ତାଙ୍କର ଆଖି, ନାକ, ପାଟି ଏମିତି କି ହେୟାରଷ୍ଟାଇଲ୍ ବି କରିଛନ୍ତି। ଏଭଳି ଏକ କଷ୍ଟକର କାମକୁ ମିଥୁଲ ବେଶ୍ ସୁନ୍ଦରଭାବେ କରି ନିଜ କଳା ପ୍ରତିଭାର ବି ପ୍ରଦର୍ଶନ କରିପାରିଛନ୍ତି। ତେବେ ସୋସିଆଲ ମିଡିଆରେ ଏହି କଳାକୁ ଦେଖି ଲୋକେ ସୋନୁଙ୍କୁ ପ୍ରଶଂସା କରିବା ସହିତ ମିଥୁଲଙ୍କୁ ବି ପ୍ରଶଂସା କରିଛନ୍ତି। ତାଙ୍କ ହାତର ଜାଦୁକରୀ ସ୍ପର୍ଶରେ ପେନ୍‌ସିଲ୍ କଳା ଏତେ ସୁନ୍ଦର ରୂପ ନେଇଛି ଯେ ଏହାକୁ ବର୍ଣ୍ଣନା କରିବା ସହଜ ନୁହେଁ ବୋଲି ଅନେକେ ମତ ଦେଇଛନ୍ତି।

## 'ନିଜକୁ ସମୟ ଦେବା ଉଚିତ'


ରଶ୍ମୀ ଦେଶାଇ

**ନୂଆଦିଲ୍ଲୀ:** ଟେଲି ଦୁନିଆର ସଫଳ ଅଭିନେତ୍ରୀ ଭାବେ ରଶ୍ମୀ ଦେଶାଇ ବେଶ୍ ପରିଚିତ। 'ଉତ୍ତରନ୍' ଧାରାବାହିକରୁ ସେ ଲୋକଙ୍କ ହୃଦୟରେ ରାଜ୍ କରୁଛନ୍ତି। ତପସ୍ୟା ଭୂମିକାରେ ଜବରଦସ୍ତ ଅଭିନୟ କରି ରଶ୍ମୀ ହିଟ୍ ହୋଇଯାଇଥିଲେ। ଅଭିନୟ କରିବା ସହ ସେ ଭଲ ଡ୍ୟାନ୍ସ ମଧ୍ୟ କରନ୍ତି। ଏବେ ସେ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ତାଙ୍କର ସବୁ ଫଟୋ ଏବଂ ଭିଡିଓ ଭାଇରାଲ ହେଉଛି। ନିକଟରେ ରଶ୍ମୀ କିଛି ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଯେଉଁଥିରେ ସେ ସୂର୍ଯ୍ୟମୁଖୀ ଫୁଲରେ ପ୍ରସ୍ତୁତ ଏକ ଡ୍ରେସ ପିନ୍ଧିଛନ୍ତି। ସେ କ୍ରପ୍ ଟପ୍ ସହ ଏକ ହ୍ୱାଇଟ୍ କଲର୍ ସ୍କର୍ଟ ମ୍ୟାଚିଙ୍ଗ୍ କରି ପିନ୍ଧିଛନ୍ତି। ଏହି ଫଟୋକୁ ଦେଖି ଫ୍ୟାନ୍‌ମାନେ ଲାଇକ୍ କରିବାସହ କମେଣ୍ଟ ମଧ୍ୟ କରିଛନ୍ତି। ସେ ଏହାର କ୍ୟାପସନ୍‌ରେ ଲେଖିଛନ୍ତି 'ଷ୍ଟେ ଓ୍ୱଣ୍ଡରଫୁଲ୍'। ଆଉ ମଧ୍ୟ କହିଛନ୍ତି ନିଜକୁ ସବୁବେଳେ ସମୟ ଦେବା ଦରକାର। ଯେତେ କାମ ଥିଲେ ବି ନିଜକୁ ସୁନ୍ଦର ଭାବେ ଦେଖିଲେ ମନ ରିଫ୍ରେଶ୍ ହୋଇଯାଏ। ସେଥିପାଇଁ ମୁଁ ମୋ ନିଜ ପାଇଁ ସମୟ ବାହାର କରେ। ନୂଆ ନୂଆ ଆଉଟ୍‌ଫିଟ୍ ଟ୍ରାଏ କରେ। ଆଉ ଏହି ସବୁ ମୋମେଣ୍ଟକୁ ମୁଁ ଖୁବ୍ ଏଞ୍ଜୟ କରେ। ସୂଚନା ଥାଉ କି, ନାଗୀନ୍-୪ରେ ରଶ୍ମୀଙ୍କ କାମକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି।

## ପରିବେଶ ସଜାଡୁଛି ବାସନ ବ୍ୟାଙ୍କ



**ଭୋପାଳ:** ପରିବେଶ ସୁରକ୍ଷା ପାଇଁ ଖୋଲିଛି ବାସନ ବ୍ୟାଙ୍କ। କଥାଟା ପ୍ରଥମେ ଶୁଣିଲେ ଅଜବ ମନେହେଉଥିବ। କିନ୍ତୁ ଏଭଳି ଏକ ବାସନ ବ୍ୟାଙ୍କ ଖୋଲି ଲୋକଙ୍କୁ ମାଗଣାରେ ଦେଉଛନ୍ତି ମଧ୍ୟପ୍ରଦେଶ ଭୋପାଳରେ ଥିବା ଚାରିଜଣ ମହିଳା। ବିଭିନ୍ନ ସ୍ଥାନରେ ହେଉଥିବା ପାର୍ଟିରେ ବ୍ୟବହାର ନିମନ୍ତେ ଏମାନେ ଏହି ବାସନ ସବୁ ମାଗଣାରେ ଲୋକଙ୍କୁ ଦେଇଥାନ୍ତି।

ବିଭିନ୍ନ ସ୍ଥାନରେ ଭୋଜିଭାତ ଆୟୋଜନ ହେଲେ ଅନେକଗୁଡ଼ିଏ ପ୍ଲାଷ୍ଟିକ୍ ପ୍ଲେଟ୍ ନଷ୍ଟ ହୋଇଥାଏ। ଅନେକ ସମୟରେ ଏସବୁ ପ୍ଲାଷ୍ଟିକ୍ ପ୍ଲେଟକୁ ଗୋରୁ ଖାଇବା ଫଳରେ ବିଭିନ୍ନ ପ୍ରକାରର ରୋଗରେ ପଡ଼ିଥାନ୍ତି। ତେଣୁ ପ୍ଲାଷ୍ଟିକ୍ ପ୍ଲେଟ୍ ବ୍ୟବହାର କମ୍ କରିବାକୁ ଏଭଳି ଏକ ବାସନ ବ୍ୟାଙ୍କ ଆରମ୍ଭ କରିଥିଲେ ଭୋପାଳର ଚାରିଜଣ ମହିଳା ଇଲା ମିତ୍ତା, ଶ୍ୱେତା ଶର୍ମା, ସ୍ମିତା ପଟେଲ ଏବଂ ମଧୁଲିତା ଦୀକ୍ଷିତ୍। ଏମାନେ ଏବେ ଏକାଠି ହୋଇ ତିଆରି କରିଥିବା ବାସନ ବ୍ୟାଙ୍କରେ ରହିଛି ୫ଶହ ଥାଳି, ଗ୍ଲାସ ଓ ଚାମଚ। ଏଇ ଚାରି ମହିଳା ବନ୍ଧୁ ପ୍ରଥମେ କୌଣସି ଭୋଜି ଆୟୋଜନରେ ଯୋଗଦେବାକୁ ଯିବାବେଳେ ସେଠାରେ ପ୍ଲାଷ୍ଟିକ୍ ଥାଳି ବ୍ୟବହାର ଦେଖିଥିଲେ। ତେଣୁ ପରିବେଶ ସୁରକ୍ଷା ନିମନ୍ତେ ସେମାନେ ଏଭଳି ଏକ ବ୍ୟାଙ୍କ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହାପରେ ସେମାନେ ବିଭିନ୍ନ ସ୍ଥାନରେ ହେଉଥିବା ଭୋଜି ନିମନ୍ତେ ମାଗଣାରେ ବାସନ ଦେବା ଆରମ୍ଭ କରିଥିଲେ। ଏହାପରଠାରୁ ଅନେକ ମଧ୍ୟ ଏହି ବାସନ ବ୍ୟାଙ୍କ ସହିତ ଯୋଗାଯୋଗ କରି ବାସନ ନେବା ଆରମ୍ଭ କରିଥିଲେ। ୪ ମହିଳା ବାନ୍ଧବୀଙ୍କର ଏଭଳି ଏକ ପ୍ରୟାସ ଫଳରେ ଏବେ ସ୍ଥାନୀୟ ଅଞ୍ଚଳରେ ପ୍ଲାଷ୍ଟିକ୍ ପ୍ଲେଟ୍ ବ୍ୟବହାର ଅନେକାଂଶରେ କମ୍ ହୋଇଯାଇଛି। ତେବେ ବାସନ ବ୍ୟାଙ୍କରୁ ମାଗଣାରେ ଦିଆଯାଉଥିବା ବାସନଗୁଡ଼ିକୁ କେବଳ ଭଲଭାବେ ସଫା କରି ଦେବା ପାଇଁ ନିୟମ ରହିଛି।

## କରୋନା ୱାର୍ଡରେ ମିନି ଲାଇବ୍ରେରି



**ବେଙ୍ଗାଲୁରୁ:** କୋଭିଡ୍ ୱାର୍ଡରେ ଖୋଲିଛି ଲାଇବ୍ରେରି। କରୋନା ରୋଗୀମାନେ ବିଭିନ୍ନ ପ୍ରକାର ବହି ପଢ଼ି ମାନସିକ ଅବସାଦରୁ ମୁକ୍ତ ହୋଇପାରିବେ। କରୋନା ରୋଗୀଙ୍କ ପାଇଁ ଏଭଳି ସୁବିଧା କରାଯାଇଛି କର୍ଣ୍ଣାଟକର ମ୍ୟାକ୍‌ଗାନ୍ ଜିଲାର କୋଭିଡ୍ ହସ୍ପିଟାଲରେ।

କରୋନା ରୋଗୀଙ୍କ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ସୁବିଧା ଦିଆଯାଇଛି। ହସ୍ପିଟାଲ ଅଧିକାରୀଙ୍କ କହିବା ଅନୁସାରେ କରୋନା ରୋଗୀମାନେ ଲାଇବ୍ରେରିରେ ଥିବା ବହି ସବୁ ପଢ଼ି ନିଜକୁ ରିଲାକ୍ସ କରିପାରିବେ ଏବଂ ସେମାନଙ୍କ ମନ ଅବସାଦମୁକ୍ତ ରହିବ। ଫଳରେ ସେମାନେ ଶୀଘ୍ର ଆରୋଗ୍ୟଲାଭ କରିପାରିବେ। କରୋନା ସଂକ୍ରମଣ ଲୋକଙ୍କ ମଧ୍ୟରେ ଯେଉଁ ଭୟ ସୃଷ୍ଟି କରୁଛି ତା' ପ୍ରଭାବରେ ରୋଗୀମାନେ ଅବସାଦର ଶିକାର ହେଉଛନ୍ତି। ଫଳରେ ସେମାନଙ୍କ ଅସୁସ୍ଥତା ଆହୁରି ଅଧିକ ହୋଇଯାଉଛି। ସେମାନଙ୍କୁ ପ୍ରଥମେ ମନୋବଳକୁ ଦୃଢ଼ କରିବାକୁ ହେବ। ତେଣୁ କରୋନା ରୋଗୀଙ୍କୁ ଅବସାଦମୁକ୍ତ ରଖିବା ପାଇଁ ବିଭିନ୍ନ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ସ୍ୱାସ୍ଥ୍ୟକର୍ମୀମାନେ ରୋଗୀମାନଙ୍କୁ ସବୁ ପ୍ରକାରର ସାହାଯ୍ୟ ନିମନ୍ତେ ଆଗେଇ ଆସୁଛନ୍ତି। କିନ୍ତୁ କରୋନା ରୋଗୀଙ୍କୁ ଅଧିକାଂଶ ସମୟ ଏକା ରହିବାକୁ ପଡୁଥିବାରୁ ସେମାନେ ଚିନ୍ତାଗ୍ରସ୍ତ ହେଉଛନ୍ତି। ସେମାନଙ୍କର ଏହି ଏକୁଟିଆପଣ ଦୂର କରିବା ନିମନ୍ତେ ଲାଇବ୍ରେରିରେ ଥିବା ବହି ନିଶ୍ଚିତଭାବେ ସହାୟକ ହୋଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେବେ ଏଠାରେ ହୋଇଥିବା ଲାଇବ୍ରେରିରେ ଏବେ ହଜାରେରୁ ଅଧିକ ପୁସ୍ତକ ରହିଛି ଏବଂ ଏସବୁକୁ ସ୍ଥାନୀୟ ଅଞ୍ଚଳର ବହୁ ପ୍ରକାଶକ, ପ୍ରିଣ୍ଟର ଓ ବହିଦୋକାନୀ ଉପହାରରେ ଦେଇଛନ୍ତି।

## ଡାଣ୍ଡିଆ ନାଚକୁ ନା

**ଅହମ୍ମଦାବାଦ:** କରୋନା ପ୍ରଭାବରେ ଏଥର ସବୁଆଡ଼େ ସମସ୍ତ ପ୍ରକାରର ଉତ୍ସବ ପାଳନରେ କଟକଣା ଲାଗିଛି। ଏହି କାରଣରୁ ଏଥର ଗୁଜରାଟରେ ବି ନବରାତ୍ରି ଅବସରରେ ଦାଣ୍ଡିଆ ଉତ୍ସବ ହେବ ନାହିଁ। ନବରାତ୍ରି ସମୟରେ ଦାଣ୍ଡିଆ ପାଳନକୁ ନେଇ ସାରା ଦେଶରେ ରହିଥାଏ ଢେର୍ ଉତ୍ସାହ। କିନ୍ତୁ ଏଥର ଏହି ସମୟରେ ଦାଣ୍ଡିଆ ନାଚ ବା ଗର୍‌ବା ପାଳନ ହେବ ନାହିଁ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି।

ଦଶହରା ପାଳନବେଳେ ମା' ଦୁର୍ଗାଙ୍କୁ ଆବାହନ କରିବା ପାଇଁ ବିଭିନ୍ନ ରାଜ୍ୟରେ ଭିନ୍ନ ପରମ୍ପରା ସବୁ ରହିଛି। କିନ୍ତୁ ପ୍ରାୟତଃ ସବୁ ରାଜ୍ୟରେ କେବଳ ମା' ଦୁର୍ଗାଙ୍କର ମୂର୍ତ୍ତି ପୂଜା ନିମନ୍ତେ ଅନୁମତି ଦିଆଯାଇଛି। କିନ୍ତୁ ଲୋକଙ୍କ ଗହଳି କମ୍ କରିବା ନିମନ୍ତେ ସବୁଆଡ଼େ କଟକଣା ଲଗାଯାଇଛି। ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା, ସାନିଟାଇଜ୍ କରିବା ଆଦି ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ଏଥର ଗୁଜରାଟରେ ଗର୍‌ବା ଖେଳ ଉପରେ କଟକଣା ଲଗାଯାଇଛି। ତେବେ କେତେକ ସ୍ଥାନରେ କମ୍ ଲୋକଙ୍କୁ ନେଇ ସାମାଜିକ ଦୂରତା ରଖି ଗର୍‌ବା ନିମନ୍ତେ ସରକାର ଅନୁମତି ଦେଇଛନ୍ତି। ତେବେ ଅନେକ ସ୍ଥାନରେ ଅନ୍‌ଲାଇନ୍‌ରେ ମୂର୍ତ୍ତି ପୂଜାର ମଧ୍ୟ ସୁବିଧା କରାଯାଇଛି। ଏସବୁ ପରେ ଏଥର ପୂଜାସ୍ଥଳରେ ସାମାଜିକ ଦୂରତା, ମାସ୍କ, ସାନିଟାଇଜ୍ ବ୍ୟତୀତ ଥର୍ମାଲ୍ ସ୍କିନିଂ, ଅକ୍ସି ମିଟର, ପୂରା ଷ୍ଟେଜ୍‌କୁ ସାନିଟାଇଜ୍ କରିବା ଆଦି ନିୟମ ନିଶ୍ଚିତ ପାଳନ କରିବାକୁ ହେବ। ନବରାତ୍ର ସମୟରେ ଗୁଜରାଟରେ ସବୁଠୁ ଅଧିକ ଲୋକପ୍ରିୟ ହୋଇଥାଏ ଗର୍‌ବା ନୃତ୍ୟ। କିନ୍ତୁ ଏଥର ଏହି ନାଚ ଉପରେ କଟକଣା ଲଗାଯାଇଥିଲେ ମଧ୍ୟ ସଂକ୍ରମଣ ରୋକିବା ନିମନ୍ତେ ଏହା ଉଚିତ ପଦକ୍ଷେପ ବୋଲି ଲୋକେ ମତ ଦେଇଛନ୍ତି।



## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ/ପ୍ରଫେସର କାଳୀପଦ ଦାସ
Retrd. Professor, Dept.of Plant Physiology College of Agriculture, OUAT, BBSR
ଆବିର୍ଭାବ - ୦୩.୧୦.୧୯୪୦
ତିରୋଧାନ - ୦୨.୧୦.୨୦୨୦
ଆପଣ ଥିଲେ ଜଣେ ସାହାସୀ, ନିଷ୍ଠାବାନ ଓ ପରୋପକାରୀ ମଣିଷ। ଜଣେ ଶିକ୍ଷକ ହିସାବରେ ଆପଣ ଅନେକଙ୍କ ଭବିଷ୍ୟତ ଗଢ଼ିଛନ୍ତି। ଆପଣଙ୍କ ବିୟୋଗ ଆମମାନଙ୍କ ପାଇଁ ଅପୂରଣୀୟ କ୍ଷତି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ :
ପୁତ୍ର-ସନ୍ଦିପ୍ ଦାସ, ବନ୍ଧୁ ଓ ପରିବାର ବର୍ଗ
ଧ-୬୯୧୮୬

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ସ୍ୱ/ଇଂ.ଏସ୍. ଏସ୍. ଶୁଭଲକ୍ଷ୍ମୀ(ଲକି)
ନଗସପୁର, ଚାରିଗଛିଆ, ନେମାଳ, କଟକ
ଆବିର୍ଭାବ :- ୨୫/୦୮/୧୯୯୪ (କଟକ ବଡ ମେଡିକାଲ)
ତିରୋଧାନ :- ୦୨/୧୦/୨୦୨୦ (କଟକ ବଡ ମେଡିକାଲ)
ମାମାଲି ତୋର ଆତ୍ମା ଜଗନ୍ନାଥ ଓ ସାଇଙ୍କ ପଦାରବିନ୍ଦରେ ଶାନ୍ତିରେ ରହୁ।
-:ଶୋକସନ୍ତପ୍ତ:-
ପାପା-ମାମା, ଶିଉଳି ବାପା-ବୋଉ, ସମସ୍ତ ଦାଦା-ଖୁଡ଼ୀ, ସମସ୍ତ ଅଙ୍କଲ-ଆଣ୍ଟୀ, ଦୀନଶ, ବଡନାନା, ପିଉସା, ମାମିଦିଦି-କରୁଣାଭାଇ, ବିକୁଭାଇ, ପିଙ୍କିଭାଉଜ, ପିୟାଲୀ ଦିଦି, ପ୍ରୀତମଭାଇ, ଅମରେଶଭାଇ, ମାମା, ରଶ୍ମି, ଲିଜା, ରୋଜା, ଫିଜା, ସୁଜା, ରାଜା, କାଲୁ ସୋମୁ, ସୋନୁ, ଗୁଡ୍ଡି, ରୋଜା, ଦେବ୍, ଗୁଡ୍ଡି, ପୀୟୁଷ, ଦାସ ଓ ମାନସିଂହ ପରିବାର, ବାଲୁଗାଁ ଦମକଳ କେନ୍ଦ୍ରର କର୍ମଚାରୀ ବୃନ୍ଦ
ଧ-୧୮୫୭୪

ଶ୍ରଦ୍ଧା ସୁମନ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଡାକ୍ତର ବାବୁଲୁ ସିଂହ
Lt. Col. Indian Army
ଆବିର୍ଭାବ: ୧୮।୦୯।୧୯୭୦
ତିରୋଧାନ: ୧୨।୧୦।୨୦୧୬
"ନନ୍ଦନବନ ପାରିଜାତ ତୁହି ଫୁଟି ବିତରିଛୁ ବାସ ;
ଭାରତ ମାତାର ସେବାକରି ତୁହି ଅରଜିଛୁ କେତେ ଯଶ।
ଯେଉଁଠାରେ ଥାଆ ଭଲରେ ତୁ ଥାଆ ଏତିକି ପ୍ରାର୍ଥନା କରୁ ;
ତୋର ସ୍ମୃତି ସଦା ଆମ ଜୀବନରେ ଅମୃତ ସମ ଝରୁ।"
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ, ବନ୍ଧୁ, ପରିବାରବର୍ଗ।
ଧ-୬୯୧୮୫

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ମଧୁସୂଦନ ମହାନ୍ତି
ମଧୁସୂଦନ ନଗର, ତୁଳସୀପୁର, କଟକ
ଆବିର୍ଭାବ: ୨୨।୦୬।୧୯୩୦
ତିରୋଧାନ: ୦୩।୧୦।୨୦୨୦
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ: ଅଶୋକ ମହାନ୍ତି, ଦୀପକ ମହାନ୍ତି, ଝିଅ: ସୁଜାତା, ଇନ୍ଦିରା, ସୁପ୍ରିୟା, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୮୫୮୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ କୃଷ୍ଣପ୍ରସାଦ ବିଷୋୟୀ
ବ୍ୟାଙ୍କ କଲୋନୀ, ଛତ୍ରପୁର, ଗଞ୍ଜାମ
ଆବିର୍ଭାବ: ୧୩।୦୪।୧୯୫୩
ତିରୋଧାନ: ୦୨।୧୦।୨୦୨୦
ଚାହୁଁ ଚାହୁଁ ଦଶଦିନ ବିତିଗଲା ତୁମେ ଯେଉଁଠି ଥାଅ ବାପା ଭଲରେ ଥାଅ ଓ ଆମକୁ ସବୁବେଳେ ଆଶୀର୍ବାଦ କରୁଥାଅ। ଆଜିର ପବିତ୍ର ଏକାଦଶାହରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ଲିଳିମା, ପୁଅ: ଶିବ ପ୍ରସାଦ, ଝିଅ: ପ୍ରିୟଦର୍ଶନୀ, ଶୁଭଦର୍ଶନୀ, ପ୍ରିୟଙ୍କା, ସୁଶ୍ରୀ ସୁଲଗ୍ନା, ଓ ଖୁସୀ, ଭାଇ: ଅମର ଓ ଭଉଣୀ: ସୁବର୍ଣ୍ଣମାଳା, ଆତ୍ମୀୟସ୍ୱଜନ ଓ ବିଷୋୟୀ ପରିବାର।
ଧ-୬୬୬୪୮

# ହେପାଟାଇଟିସ୍ 'ସି'ର ଇତିବୃତ୍ତ



ଡା. ନିତ୍ୟାନନ୍ଦ ସ୍ୱାଇଁ

**କିଏ ପାଇଛନ୍ତି :** ୨୦୨୦ ମସିହାର ଶରୀର ବିଜ୍ଞାନ, ଭେଷଜ ବିଜ୍ଞାନ କିମ୍ବା ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି ତିନି ଜଣ ଭୂତାଣୁ ବିଜ୍ଞାନୀ। ଏମାନେ ହେଲେ ଯୁକ୍ତରାଷ୍ଟ୍ର ଆମେରିକାର ହାର୍ଭେ ଜେ. ଅଲଟର, ଚାର୍ଲସ ଏମ. ରାଇସ୍ ଏବଂ ବ୍ରିଟେନ୍‌ର ମାଇକେଲ ହଫଟନ୍। ହେପାଟାଇଟିସ୍ 'ସି' ଭାଇରସ ବା ଯକୃତ ପ୍ରଦାହ 'ସି' ଭୂତାଣୁର ଆବିଷ୍କାର ପାଇଁ ଏହି ତିନି ଜଣ ବିଜ୍ଞାନୀଙ୍କୁ ସମ୍ମାନଜନକ ନୋବେଲ ପୁରସ୍କାର ପାଇଁ ଚୟନ କରାଯାଇଛି। ସଂପ୍ରତି ପ୍ରଫେସର ଅଲଟର ଅଛନ୍ତି ଆମେରିକାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲ୍‌ଥର ଡିପାର୍ଟମେଣ୍ଟ ଅଫ ଟ୍ରାନ୍ସଫ୍ୟୁଜନ ମେଡିସିନ୍‌ରେ। ପ୍ରଫେସର ରାଇସ୍ ଗବେଷଣାରତ ରକ୍‌ଫେଲର ୟୁନିଭର୍ସିଟିରେ। ପ୍ରଫେସର ହଫଟନ୍ ରହିଛନ୍ତି କାନାଡାର ଆଲବର୍ଟା ୟୁନିଭର୍ସିଟିରେ ଲି କା ସିଙ୍ଗ ପ୍ରଫେସର ତଥା ଡାଇରେକ୍ଟର। ଏହି ତିନି ବୈଜ୍ଞାନିକଙ୍କୁ ମୋଟ ୧,୧୦୦,୦୦୦ ଡଲାର ପରିମାଣର ଅର୍ଥ ସମେତ ପ୍ରତ୍ୟେକଙ୍କୁ ପ୍ରଦତ୍ତ ହେବ ସ୍ୱର୍ଣ୍ଣ ପଦକ ଓ ପୁରସ୍କାର ପ୍ରାପ୍ତିର ପ୍ରମାଣପତ୍ର। ପ୍ରତିବର୍ଷ ଡିସେମ୍ବର ୧୦ରେ ପାଳିତ ହେଉଥିବା 'ନୋବେଲ ଦିବସ' ଅବସରରେ ଏହି ନୋବେଲ ବିଜେତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମାତ୍ର ଚଳିତବର୍ଷ କରୋନା ମହାମାରୀ ଯୋଗୁ ପୁରସ୍କାର ପ୍ରଦାନ କରାଯିବ ବିଜେତାମାନଙ୍କର ନିଜ ନିଜ ରାଷ୍ଟ୍ରରେ।

**କାହିଁକି ପାଇଛନ୍ତି :** ହେପାଟାଇଟିସ୍ 'ସି' ଭାଇରସ ବା ଯକୃତ ପ୍ରଦାହ 'ସି' ଭୂତାଣୁର ଆବିଷ୍କାର ପାଇଁ ସେମାନଙ୍କୁ ଏହି ପୁରସ୍କାର ମିଳିଛି। ସେମାନଙ୍କର ଏହି ଆବିଷ୍କାର ଫଳରେ ହେପାଟାଇଟିସ୍ 'ସି' ସଂକ୍ରମଣର ନିର୍ଣ୍ଣୟ ପାଇଁ ରକ୍ତ ପରୀକ୍ଷା ସମ୍ଭବ ହୋଇଛି ଓ ନୂତନ ଔଷଧ ଉଦ୍‌ଭାବିତ ହୋଇ ସମ୍ଭବ ହୋଇଛି ଏହି ରୋଗର ଆରୋଗ୍ୟ।

**ଆବିଷ୍କାର ସମ୍ଭବ ହେଲା କିପରି :** ଯକୃତ ବା ଲିଭରରେ ପ୍ରଦାହ ହେଲେ ତାକୁ ହେପାଟାଇଟିସ୍ ବା ଯକୃତ ପ୍ରଦାହ ବୋଲି କୁହାଯାଏ। ହେପାଟାଇଟିସ୍ ହେବାର ରହିଛି ଅନେକ କାରଣ। ମାତ୍ର ଏହା ମୁଖ୍ୟତଃ ହୋଇଥାଏ ଭୂତାଣୁ ବା ଭାଇରସ ସଂକ୍ରମଣ ଯୋଗୁଁ। ସେଥିପାଇଁ ଏହାକୁ 'ଭାଇରାଲ ହେପାଟାଇଟିସ୍' ବୋଲି କହନ୍ତି। ରୋଗ ଜାତ କରୁଥିବା ଭାଇରସ ଭେଦରେ ଏହା ବିଭିନ୍ନ ପ୍ରକାରର, ଯଥା- ହେପାଟାଇଟିସ୍-ଏ, ବି, ସି, ଡି, ଇ ଏବଂ ଜି। ୧୯୪୦ ଦଶକରେ ଜଣାପଡିଥିଲା ଯେ ଭାଇରାଲ ହେପାଟାଇଟିସ୍ ଦୁଇ ପ୍ରକାରର-ହେପାଟାଇଟିସ୍-ଏ ଏବଂ ହେପାଟାଇଟିସ 'ବି'। ହେପାଟାଇଟିସ 'ଏ' ଖାଦ୍ୟ ଓ ଜଳ ମାଧ୍ୟମରେ ସଂଚରିତ ହେଉଥିବା ବେଳେ ହେପାଟାଇଟିସ୍ 'ବି' ଭାଇରସ ସଂଚରିତ ହୋଇଥାଏ ମୁଖ୍ୟତଃ ରକ୍ତ ମାଧ୍ୟମରେ। ହେପାଟାଇଟିସ୍ 'ବି' ସଂକ୍ରମଣ ଅତି ମାରାତ୍ମକ। କାରଣ ଏହା ଦୀର୍ଘକାଳିକ ହୋଇ ଯକୃତର ସିରୋସିସ୍ ଓ କ୍ୟାନ୍‌ସର କରାଇପାରେ। ଏହି ଭାଇରସଟି ସୁସ୍ଥ ବ୍ୟକ୍ତିଙ୍କୁ ନୀରବରେ ସଂକ୍ରମଣ କରି ବହୁବର୍ଷର ବ୍ୟବଧାନ ପରେ ଜାତ କରିଥାଏ ଗୁରୁତର ଜଟିଳତା। ୧୯୬୦ ଦଶକରେ ବାରୁଚ୍ ବ୍ଲୁମ୍‌ବ୍ରଗ ହେପାଟାଇଟିସ୍ 'ବି' ଭାଇରସର ଆବିଷ୍କାର କରି ୧୯୭୬ରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ଲାଭ କରିଥିଲେ। ଏହାର ନିର୍ଣ୍ଣୟ ପଦ୍ଧତି ଜଣା ଏବଂ ଏହାକୁ ନିବାରଣ କରିବାର ପ୍ରତିଷେଧକ ଟିକା ମଧ୍ୟ ଉପଲବ୍ଧ।

ହାର୍ଭେ ଅଲଟର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍‌ରେ ରହି ରକ୍ତ ନେଇସାରି ହେପାଟାଇଟିସ୍‌ରେ ଆକ୍ରାନ୍ତ ହୋଇପଡିଥିବା ରୋଗୀମାନଙ୍କ ଉପରେ ଗବେଷଣା କରିଥିଲେ। ସେ ଓ ତାଙ୍କର ସହ-ଗବେଷକମାନେ ଲକ୍ଷ୍ୟ କଲେ ଯେ ଏହି ରୋଗୀମାନଙ୍କଠାରୁ ରକ୍ତ ନେଇ ସିପାଞ୍ଜିଙ୍କୁ ଇଞ୍ଜେକସନ ଦେଇଦେଲେ ସିପାଞ୍ଜିମାନେ ହେପାଟାଇଟିସ୍‌ରେ ଆକ୍ରାନ୍ତ ହୋଇପଡୁଛନ୍ତି। ସେମାନେ ସନ୍ଦେହ କରୁଥିଲେ, ରୋଗୀଟି ହେପାଟାଇଟିସ୍ 'ଏ' ନୁହେଁ କି 'ବି' ନୁହେଁ। ତେଣୁ ସେମାନେ ଏହାକୁ 'ନନ୍-ଏ' ଏବଂ ନନ୍-ବି' ହେପାଟାଇଟିସ୍ ବୋଲି କହିଲେ।

ମାଇକେଲ ହଫଟନ ସେତେବେଳେ ଗବେଷଣା କରୁଥାଆନ୍ତି ଚିରନ୍ ଫାର୍ମାସିଉଟିକାଲ ଫାର୍ମରେ। ସେ ଓ ତାଙ୍କର ସହକର୍ମୀମାନେ ଗୋଟିଏ ସଂକ୍ରମିତ ସିମ୍ପାଞ୍ଜି ରକ୍ତରୁ ଡିଏନଏ ଖଣ୍ଡମାନ ସଂଗ୍ରହ କରି ଚିନ୍ତା କଲେ ଯେ ଉକ୍ତ ଖଣ୍ଡମାନ ହୁଏତ ସେହି ଅଜଣା ଭାଇରସଠାରୁ ଆସିଥିବ। ବିଭିନ୍ନ ଜଟିଳ ପଦ୍ଧତି ଅବଲମ୍ବନ କରି ହଫଟନ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ସେହି ଅଜଣା ଭାଇରସ୍‌ଟି ହେଉଛି ଏକ ଆରଏନଏ ଭାଇରସ। ସେ ଏହାକୁ ହେପାଟାଇଟିସ୍ 'ସି' ଭାଇରସ ଭାବରେ ନାମକରଣ କଲେ।

ହେପାଟାଇଟିସ୍ 'ସି' ଭାଇରସଟି ସିନା ଆବିଷ୍କୃତ ହୋଇଗଲା, ହେଲେ ପ୍ରଶ୍ନ ଉଠିଲା, ସେହି ଭାଇରସ୍‌ଟି ହିଁ କେବଳ ହେପାଟାଇଟିସ୍ କରିବା ପାଇଁ ଦାୟୀ ? ଚାର୍ଲସ ରାଇସ୍ ସେତେବେଳେ ଗବେଷଣା କରୁଥିଲେ ଆମେରିକାର ସେଣ୍ଟ ଲୁଇସ୍‌ସ୍ଥିତ ୱାଶିଂଟନ୍ ୟୁନିଭର୍ସିଟିରେ। ସେ ଓ ତାଙ୍କର ସହକର୍ମୀମାନେ ଜେନେଟିକ୍ ଇଞ୍ଜିନିୟରିଂ ପଦ୍ଧତିରେ ହେପାଟାଇଟିସ୍ 'ସି' ଭାଇରସର ଏକ ଅବିକଳ ନକଲ ବା କ୍ଲୋନ୍ ସଂଶ୍ଳେଷଣ କଲେ। ସେହି କ୍ଲୋନକୁ ସିମ୍ପାଞ୍ଜିର ଯକୃତରେ ଇଞ୍ଜେକସନ ଦେଇ ଦେବା ପରେ ସିମ୍ପାଞ୍ଜିର ରକ୍ତରେ ଭାଇରସର ସନ୍ଧାନ ମିଳିଗଲା। ହେପାଟାଇଟିସ୍ 'ସି' ଦ୍ୱାରା ସଂକ୍ରମିତ ରୋଗୀଙ୍କଠାରେ ଯେଉଁଭଳି ଲକ୍ଷଣମାନ ପ୍ରକାଶ ପାଇଥାଏ, ଠିକ୍ ସେହିଭଳି ଲକ୍ଷଣମାନ ପ୍ରକାଶ ପାଇଲା ସଂକ୍ରମିତ ସିମ୍ପାଞ୍ଜିଙ୍କଠାରେ। ସୁତରାଂ ଏଥିରୁ ପ୍ରମାଣିତ ହୋଇଗଲା ଯେ ରକ୍ତ ନେଇଥିବା ସେହି ରୋଗୀମାନଙ୍କଠାରେ ନୂତନ ପ୍ରକାର ହେପାଟାଇଟିସ୍ ପ୍ରକାଶ ପାଇବାର କାରଣ ହେଉଛି ହେପାଟାଇଟିସ୍ 'ସି' ଭାଇରସର ସଂକ୍ରମଣ।

ହେପାଟାଇଟିସ୍ 'ସି' ଭାଇରସ୍ ଦ୍ୱାରା ସଂକ୍ରମିତ ରକ୍ତ ମାଧ୍ୟମରେ ହିଁ ଏହି ସଂକ୍ରମଣର ପ୍ରସାର ସବୁଠାରୁ ସାଧାରଣ। ହେପାଟାଇଟିସ୍ 'ସି' ଭାଇରସ ଦ୍ୱାରା ସଂକ୍ରମିତ ରକ୍ତ ଏବଂ ରକ୍ତର ଉପାଦାନ ଗ୍ରହଣ କଲେ, ଭାଇରସ ସଂକ୍ରମିତ ସିରିଞ୍ଜ ଓ ଛୁଞ୍ଚରେ ଇଞ୍ଜେକସନ ନେଲେ, ହେପାଟାଇଟିସ୍ 'ସି ଭାଇରସ ସଂକ୍ରମିତ ମାଆଠାରୁ ଜନ୍ମ ନେଇଥିଲେ ଏବଂ ସଂକ୍ରମିତ ବ୍ୟକ୍ତିଙ୍କ ସହ ଅସୁରକ୍ଷିତ ଯୌନ ସମ୍ପର୍କ ରଖିଲେ ହେପାଟାଇଟିସ୍ 'ସି' ରୋଗ ଭୋଗିବାର ଆଶଙ୍କା ଅଧିକ। ସଂକ୍ରମଣ ପରେ ପରେ ଅନ୍ତତଃ ୮୦ପ୍ରତିଶତ ବ୍ୟକ୍ତିଙ୍କଠାରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ସଂକ୍ରମଣର ପ୍ରାଥମିକ ଅବସ୍ଥାରେ ରୋଗ ସହଜରେ ଧରା ପଡି ନ ଥାଏ।

ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୭କୋଟି ଲୋକ ହେପାଟାଇଟିସ୍ 'ସି' ଭାଇରସ ଦ୍ୱାରା ସଂକ୍ରମିତ ହୋଇଥାନ୍ତି। ଭାରତରେ ଦୀର୍ଘକାଳୀନ ଯକୃତ ରୋଗର ୨୦-୩୦ ଶତାଂଶ ରୋଗୀଙ୍କ କ୍ଷେତ୍ରରେ ହେପାଟାଇଟିସ୍ 'ସି' ଭାଇରସ୍ ସଂକ୍ରମଣ ହିଁ ରୋଗ ସୃଷ୍ଟିର କାରଣ। ଭାରତରେ ହେପାଟାଇଟିସ୍ 'ସି'ଭାଇରସ ରୋଗୀଙ୍କ ସଂଖ୍ୟା ପାଖାପାଖି ୧.୫କୋଟି।

ହେପାଟାଇଟିସ୍ 'ସି' ରୋଗର ଚିକିତ୍ସା ପାଇଁ ମଧ୍ୟ ଉଦ୍ଭାବିତ ହୋଇପାରିଛି ଭାଇରସ ବିରୋଧୀ ଔଷଧ। ତେଣୁ ହେପାଟାଇଟିସ୍ 'ସି' ସଂକ୍ରମିତ ରୋଗୀଙ୍କ ସମ୍ପୂର୍ଣ୍ଣ ଆରୋଗ୍ୟ କରିପାରିବା ସମ୍ଭବ। ସୁତରାଂ ଭବିଷ୍ୟତରେ ହେପାଟାଇଟିସ୍ 'ସି' ଭାଇରସ ସଂକ୍ରମଣକୁ ପୃଥିବୀରୁ ସମ୍ପୂର୍ଣ୍ଣ ଲୋପ କରିଦେବା ଆଉ ଅସମ୍ଭବ ହେବ ନାହିଁ।

*-'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ. ୧୧୩୧,ଅଭିନବ ବିଡାନାସୀ, କଟକ*
*ମୋ : ୮୩୨୮୯୭୫୧୧୮*



"୨୦୨୦ ମସିହାର ଶରୀର ବିଜ୍ଞାନ, ଭେଷଜ ବିଜ୍ଞାନ କିମ୍ବା ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି ତିନି ଜଣ ଭୂତାଣୁ ବିଜ୍ଞାନୀ। ଏମାନେ ହେଲେ ଯୁକ୍ତରାଷ୍ଟ୍ର ଆମେରିକାର ହାର୍ଭେ ଜେ. ଅଲଟର, ଚାର୍ଲସ ଏମ. ରାଇସ୍ ଏବଂ ବ୍ରିଟେନ୍‌ର ମାଇକେଲ ହଫଟନ୍। ହେପାଟାଇଟିସ୍ 'ସି' ଭାଇରସ ବା ଯକୃତ ପ୍ରଦାହ 'ସି' ଭୂତାଣୁର ଆବିଷ୍କାର ପାଇଁ ଏହି ତିନି ଜଣ ବିଜ୍ଞାନୀଙ୍କୁ ସମ୍ମାନଜନକ ନୋବେଲ ପୁରସ୍କାର ପାଇଁ ଚୟନ କରାଯାଇଛି।"

### ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର-୨୦୨୦



(ବାମରୁ) ହାର୍ଭେ ଜେ. ଅଲ୍‌ଟର, ମାଇକେଲ ହଫ୍‌ଟନ୍, ଚାର୍ଲସ ଏମ୍. ରାଇସ୍



## ଦାନ୍ତମୂଳ ବିନ୍ଧୁଥିଲେ..

**ଦା**ନ୍ତମୂଳ ବିନ୍ଧିବାରୁ ଉପଶମ ପାଇବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ଏହାର କେତୋଟି ଘରୋଇ ଉପଚାର ରହିଛି। ପ୍ରଥମ କଥା ହେଲା, ଯଦି ଏହି ସମସ୍ୟା ଜଟିଳ ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ଏବଂ ସେ ଲେଖିଥିବା ଔଷଧ ଖାଆନ୍ତୁ। ହେଲେ କେତେକ ଘରୋଇ ଉପଚାର ମାଧ୍ୟମରେ ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ହେଉଥିବା ଯନ୍ତ୍ରଣାରୁ ଆପଣ କେତେକାଂଶରେ ଉପଶମ ଲାଭ କରିପାରିବେ। ସମାନ ପରିମାଣର ଗୋଲମରିଚ ଓ ଲୁଣ ସହ ସାମାନ୍ୟ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଦାନ୍ତମୂଳ ବିନ୍ଧୁଥିବା ସ୍ଥାନରେ ଏହାକୁ କିଛି ସମୟ ରଖିଲେ ସେଥିରୁ ଉପଚାର ମିଳିଥାଏ। ଦାନ୍ତ ବିନ୍ଧୁଥିଲେ ଏଥିପାଇଁ ରସୁଣ ପେଷ୍ଟ ବ୍ୟବହାର କରିପାରନ୍ତି। ଲବଙ୍ଗରେ ରହିଛି ଆଣ୍ଟିଅକ୍ସିଡାଣ୍ଟ, ଯାହା ଦାନ୍ତମୂଳ ବିନ୍ଧା ଯନ୍ତ୍ରଣାରୁ ଉପଶମ ଦେବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏହାବ୍ୟତୀତ ଗୋଟିଏ ଗ୍ଲାସ ଉଷୁମ ପାଣିରେ ଅଧା ଚାମଚ ଲୁଣ ମିଶାଇ କୁଳୁକୁଞ୍ଚା କରନ୍ତୁ। ଏହାଦ୍ୱାରା ଦାନ୍ତ ବିନ୍ଧାରୁ ଆରାମ ଲାଗିଥାଏ।

## ଗଣ୍ଠିର ହେପାଜତ

**ଆଜି ଅର୍ଥାତ୍ ଅକ୍ଟୋବର ୧୨ ହେଉଛି ୱାର୍ଲ୍ଡ ଆର୍ଥ୍ରାଇଟିସ୍ ଡେ' (ବିଶ୍ୱ ସନ୍ଧିପ୍ରଦାହ ଦିବସ)। ସେ ବିଷୟରେ ଉପସ୍ଥାପନା...**

**ଗ**ଣ୍ଠିରୋଗ ବିଷୟରେ ଡାକ୍ତରମାନେ ବହୁ ସମୟରେ ଦୁଇଟି ଡାକ୍ତରୀ ଶବ୍ଦ-ଆର୍ଥ୍ରାଇଟିସ୍ ଓ ରିଉମାଟିଜ୍‌ମ ଉଚ୍ଚାରଣ କରିଥାଆନ୍ତି।




ଗ୍ରୀକ୍ ଶବ୍ଦ 'ଆର୍ଥ୍ରନ'ର ଅର୍ଥ ସନ୍ଧି ବା ଗଣ୍ଠି। 'ଆଇଟିସ୍'ର ଅର୍ଥ ପ୍ରଦାହ। ତେଣୁ 'ଆର୍ଥ୍ରାଇଟିସ୍'କୁ ଓଡ଼ିଆ ଭାଷାରେ ସନ୍ଧି ପ୍ରଦାହ ବା ଗଣ୍ଠି ପ୍ରଦାହ ବୋଲି କହିଥାଉ। ଆମ ଶରୀରରେ ରହିଛି ୬୮ଟି ଗଣ୍ଠି। ପ୍ରତ୍ୟେକ ଗଣ୍ଠି ଆର୍ଥ୍ରାଇଟିସ୍‌ରେ ଆକ୍ରାନ୍ତ ହୋଇପାରେ। ଏହି ରୋଗର କାରଣ ଏବଂ ନିରାକରଣ ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୧୨କୁ ବିଶ୍ୱ ସନ୍ଧିପ୍ରଦାହ ଦିବସ ବା ୱାର୍ଲ୍ଡ ଆର୍ଥ୍ରାଇଟିସ୍ ଡେ' ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଚଳିତବର୍ଷର ଥିମ୍ ରହିଛି 'ଟାଇମ୍ ଟୁ ୱାର୍କ' ବା କାମ କରିବାକୁ ସମୟ ଆସିଛି।

ଆର୍ଥ୍ରାଇଟିସ୍ ହେଉ ଅବା ରିଉମାଟିଜମ-ଏହି ଉଭୟ ବ୍ୟାଧିର ଲକ୍ଷଣଗୁଡିକ ମୋଟାମୋଟି ସମାନ। ସାଧାରଣ ଲକ୍ଷଣମାନ ହେଲା-ଗଣ୍ଠିରେ ଯନ୍ତ୍ରଣା ହେବା, ଗଣ୍ଠି ଫୁଲିଯିବା ଓ ବେଳେବେଳେ ଲାଲ୍ ଦେଖାଯିବା, ଗଣ୍ଠି ଟାଣ ତଥା ଅନମନୀୟ ହେବା ଯୋଗୁଁ ଗଣ୍ଠିର ଚଳନ ବାଧାପ୍ରାପ୍ତ ହେବା ଇତ୍ୟାଦି। ଏହି ରୋଗ ଏକାଧିକ ଗଣ୍ଠିକୁ ଆକ୍ରାନ୍ତ କରିଥାଏ। ଏହା ଶତାଧିକ ପ୍ରକାରର ଓ ସେଗୁଡ଼ିକର କାରଣ ଏବଂ ଚିକିତ୍ସା ପଦ୍ଧତି ଭିନ୍ନ ଭିନ୍ନ। ମାତ୍ର ସେଗୁଡିକ ମଧ୍ୟରୁ ଅଷ୍ଟିଓଆର୍ଥ୍ରାଇଟିସ୍ ବା ଅସ୍ଥି ସନ୍ଧି ପ୍ରଦାହ ଏବଂ ରିଉମାଟଏଡ୍ ଆର୍ଥ୍ରାଇଟିସ୍ ବା ଆମବାତର ସନ୍ଧିପ୍ରଦାହ ପ୍ରଧାନ। ବୟସ ବଢ଼ିଲେ ଏହି ରୋଗର ପ୍ରାଦୁର୍ଭାବ ବଢ଼ି ବଢ଼ି ଯାଏ। ୭୦ବର୍ଷ ବୟସରେ ପହଞ୍ଚିଲା ବେଳକୁ ନାରୀ ଓ ପୁରୁଷ ଉଭୟ ଗୋଷ୍ଠୀର ୯୦ ପ୍ରତିଶତ ବ୍ୟକ୍ତି ଗଣ୍ଠି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ତେବେ ମହିଳାମାନେ ଏଥିପ୍ରତି ବେଶି ସମ୍ବେଦନଶୀଳ।

ଅଷ୍ଟିଓଆର୍ଥ୍ରାଇଟିସ୍ ଧୀରେ ଧୀରେ ପ୍ରକାଶ ପାଇଥାଏ। ରିଉମାଟଏଡ୍ ଆର୍ଥ୍ରାଇଟିସ୍ ମଧ୍ୟ ଏକ ଦୀର୍ଘକାଳୀନ ଗଣ୍ଠି ରୋଗ। ମାତ୍ର ଏହାଦ୍ୱାରା କେବଳ ଗଣ୍ଠି ଆକ୍ରାନ୍ତ ନ ହୋଇ ଚର୍ମ, ମାଂସପେଶୀ ଏପରି କି ହାର୍ଟ ବା ହୃତପିଣ୍ଡ ମଧ୍ୟ ରୋଗାକ୍ରାନ୍ତ ହୋଇପାରେ। ରୋଗୀଠାରୁ ଲକ୍ଷଣମାନ ଶୁଣି ଓ ଆକ୍ରାନ୍ତ ଗଣ୍ଠିକୁ ପରୀକ୍ଷା କରି ଡାକ୍ତରମାନେ ପ୍ରାଥମିକ ଭାବରେ ରୋଗ ନିର୍ଣ୍ଣୟ କରିଥାଆନ୍ତି। ରୋଗୀର ରକ୍ତ ପରୀକ୍ଷା, ଇ.ଏସ.ଆର୍., ଜି.ପି.ଟି., କ୍ରିଏଟିନିନ୍, ସି.ଆର୍.ପି., ରିଉମାଟଏଡ୍ ଫ୍ୟାକ୍ଟର, ଆଣ୍ଟିନ୍ୟୁକ୍ଲିୟାର ଆଣ୍ଟିବଡି ଇତ୍ୟାଦି ପରୀକ୍ଷା କରାଯିବା ସଙ୍ଗେ ସଙ୍ଗେ ଏକ୍ସ-ରେ, ଏମଆରଆଇ ଏବଂ ସିଟି ସ୍କାନ୍ ମଧ୍ୟ କରିବାକୁ ପଡ଼ିଥାଏ।

ଜୀବାଣୁ ଆକ୍ରମଣ ଯୋଗୁଁ ଆର୍ଥ୍ରାଇଟିସ୍ ହୋଇଥିଲେ କି ଆଘାତପ୍ରାପ୍ତି ଯୋଗୁ ହୋଇଥିଲେ ଆରୋଗ୍ୟ ସମ୍ଭବ। କିନ୍ତୁ ଅଷ୍ଟିଓଆର୍ଥ୍ରାଇଟିସ୍ ଓ ରିଉମାଟଏଡ୍ ଆର୍ଥ୍ରାଇଟିସ୍ ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ ନୁହେଁ। ଚିକିତ୍ସା ବ୍ୟତୀତ ରୋଗୀକୁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ଓଜନକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। ସୁଷମ ଖାଦ୍ୟ ଖାଆନ୍ତୁ।



ବିଶେଷଭାବରେ ତଟକା ଫଳମୂଳ, ଶାଗ, ପନିପରିବା, ଆଲମଣ୍ଡ, କାଜୁ, ଅରଖୋଟ ଓ ମାଛ ଖାଆନ୍ତୁ। ତେଲଜାତୀୟ ଖାଦ୍ୟ, ଫାଷ୍ଟଫୁଡ୍, ଜଙ୍କ୍ ଫୁଡ୍ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ପାଇଁ ଆଦୌ ଅନୁକୂଳ ନୁହେଁ।

ଗୋଟିଏ କଥା ମନେରଖନ୍ତୁ। ବେଳ ହୁଁ ରୋଗ ନିର୍ଣ୍ଣୟ କରି ଅର୍ଥୋପେଡିକ ସର୍ଜନ ଓ ରିଉମାଟୋଲୋଜି ବିଶେଷଜ୍ଞଙ୍କ ଚିକିତ୍ସାରେ ରହିଲେ ରୋଗର ସହଜ ନିୟନ୍ତ୍ରଣ ସମ୍ଭବ।

## ଗ୍ୟାଷ୍ଟ୍ରିକ୍ ସମସ୍ୟା ଥିଲେ..

**ଆ**ଜିକାଲି ଗ୍ୟାଷ୍ଟ୍ରିକ ସମସ୍ୟା ଏକ ସାଧାରଣ କଥା ପାଲଟି ଗଲାଣି। ଅସନ୍ତୁଳିତ ଖାଦ୍ୟପେୟ ଏବଂ ଆବଶ୍ୟକ ମୁତାବକ ପାଣି ନ ପିଇବା ଦ୍ୱାରା ଏପରି ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ତେଣୁ ଏହାଠାରୁ ନିଜକୁ ଦୂରେଇ ରଖିବାକୁ ହେଲେ ପ୍ରଥମେ ଖାଦ୍ୟପେୟ ପ୍ରତି ସତର୍କ ହେବାକୁ ପଡିଥାଏ। ତା'ସହ ଦିନକୁ ଅତିକମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ। ତେଲଜାତୀୟ ଖାଦ୍ୟଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। କାରଣ ଏହା ଗ୍ୟାଷ୍ଟ୍ରିକ ସମସ୍ୟା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅଧିକ ଫ୍ରାଏ ହୋଇଥିବା ଏବଂ ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଅଧିକ ସୋରିଷ ମସଲାରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ ନାହିଁ। ସବୁଠାରୁ ବଡ କଥା ହେଲା, ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ। ଲହୁଣୀଯୁକ୍ତ ବିସ୍କୁଟ, କେକ୍ ଏବଂ ସେକା ହୋଇଥିବା ଖାଦ୍ୟ ଖାଆନ୍ତୁ ନାହିଁ। ଦୈନନ୍ଦିନ ଖାଦ୍ୟ ତାଲିକାରେ ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।



## ସ୍ୱାସ୍ଥ୍ୟ ସୂଚନା



- ନିଜକୁ ସୁସ୍ଥ ରଖିବା ପାଇଁ ପ୍ରତିଦିନ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- କେଉଁ ବ୍ୟାୟାମ କଲେ ତାହା ନିଜ ସ୍ୱାସ୍ଥ୍ୟ ପାଇଁ ଭଲ ସେଥିପାଇଁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।
- ଯଦି ଜିମ୍ ଯାଉଛନ୍ତି ତେବେ କେତୋଟି ବିଷୟ ପ୍ରତି ସତର୍କ ଦୃଷ୍ଟି ଦେବାକୁ ପଡିଥାଏ। ସେ ବିଷୟରେ ଭଲ ଭାବରେ ବୁଝି ନିଅନ୍ତୁ।
- ବୟସ ବଢ଼ିଲେ ଦୃଷ୍ଟିଶକ୍ତିଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ନିୟମିତ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡିତ ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ତା'ସହ ଆଉ କେଉଁ ବିଷୟ ପ୍ରତି ନଜର ଦେବାକୁ ହେବ ସେ ନେଇ ଡାକ୍ତରଙ୍କ ନିକଟରୁ ଅବଗତ ହୋଇଯିବା ଭଲ।
- ଗୋଟିଏ ସ୍ଥାନରେ ଅଧିକ ସମୟ ବସି କାମ କରନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଉଠି ଟିକେ ଚାଲବୁଲ କରନ୍ତୁ।
- ଔଷଧ କିମ୍ବା କୌଣସି ରୋଗ ବିଷୟରେ ଯଦି ଆପଣଙ୍କ ଆବଶ୍ୟକ ମୁତାବକ ଜ୍ଞାନ ନାହିଁ ତେବେ ଏ ସମ୍ପର୍କରେ ଅନ୍ୟମାନଙ୍କୁ ଉପଦେଶ ନ ଦେବା ଭଲ।
- ଯଦି ନିୟମିତ ଔଷଧ ଖାଉଛନ୍ତି ତେବେ କାହା ପ୍ରରୋଚନାରେ ପଡି ଔଷଧ ବନ୍ଦ କରନ୍ତୁ ନାହିଁ। ଏ ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ।

## ଚର୍ବି ପରିମାଣ କମାଏ ଟମାଟୋ

**ଟ**ମାଟୋରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଆମ ଶରୀରରେ ଚର୍ବି ପରିମାଣକୁ କମାଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଟମାଟୋ ଖାଇବା ଦ୍ୱାରା ହାର୍ଟ ବେଶ୍ ସକ୍ରିୟ ଭାବରେ କାମ କରିଥାଏ ବୋଲି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସଦ୍ୟତମ



ଗବେଷଣାରୁ ଜାଣି ପାରିଛନ୍ତି। ଟମାଟୋରେ ଭିଟାମିନ୍ 'କେ' ଏବଂ କ୍ୟାଲସିୟମ ଭରିରହିଛି। ଏହା ଅସ୍ଥିକୁ ମଜଭୂତ ହେବାରେ ସାହାଯ୍ୟ କରେ। ଟମାଟୋରେ କ୍ରୋମିୟମ ନାମକ ଏକ ମିନେରାଲ ଅଛି, ଯାହା ରକ୍ତରେ ସୁଗାର ପରିମାଣକୁ ନିୟନ୍ତ୍ରିତ କରିଥାଏ। ପାଚନକ୍ରିୟାକୁ ମଧ୍ୟ ସକ୍ରିୟ କରାଇଥାଏ ଟମାଟୋ।





# ମହମ୍ମଡାନ ସ୍ପୋର୍ଟିଂର ଦ୍ୱିତୀୟ ବିଜୟ

**ଆଇ-ଲିଗ୍ କ୍ୱାଲିଫାୟର୍ସ**

କୋଲକାତା, ୧୧।୧୦ (ପି.ଟି.)

ସ୍ଥାନୀୟ ସଲ୍ଟଲେକ୍ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏକ ଆଇ-ଲିଗ୍ କ୍ୱାଲିଫାୟର୍ସ ମ୍ୟାଚ୍‌ରେ ମହମ୍ମଡାନ ସ୍ପୋର୍ଟିଂ ୪-୧ ଗୋଲ୍‌ରେ ଆରା ଏଫ୍‌ସିକୁ ପରାସ୍ତ କରିଛି। ମହମ୍ମଡାନ ସ୍ପୋର୍ଟିଂ ତରଫରୁ ପ୍ରଥମ ଥର ଖେଳିଥିବା ନେପାଳୀ ଷ୍ଟ୍ରାଇକର ଅଭିଷେକ ରିଜାଲ (୨୧ତମ ଓ ୪୫ତମ ମିନିଟ୍) ଦୁଇଟି ଗୋଲ ପ୍ରଥମାର୍ଦ୍ଧରେ ସ୍କୋର କରିଥିଲେ। ଓ୍ୱିଲିସ୍ ପ୍ଲାଜା (୧୩ତମ) ଓ ଶେଖ୍ ଫିଆଜ୍ (୮୯ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବ୍ଲାକ୍ ପାନ୍ଥର୍ସ ଦଳ ଖେଳିଥିବା ଦୁଇଟି ମ୍ୟାଚରେ ଏହାର ଦ୍ୱିତୀୟ ବିଜୟ। ମହମ୍ମଡାନ ସ୍ପୋର୍ଟିଂର ସାଫିଉଲ୍ ରହମାନ ୫୮ତମ ମିନିଟ୍‌ରେ ନିଜ ପଟେ ଏକ ଗୋଲ ସ୍କୋର କରିବା ଦ୍ୱାରା ଅହମ୍ମଦାବାଦର ଆରା ଏଫ୍‌ସିର ପରାଜୟ ଗୋଲ୍ ବ୍ୟବଧାନ ହ୍ରାସ ପାଇଥିଲା। ଟୁର୍ନାମେଣ୍ଟରେ ଆରା ଏଫ୍‌ସି ଦଳର ଏହା ପ୍ରଥମ ମ୍ୟାଚ ଥିଲା। ମହମ୍ମଡାନ ସ୍ପୋର୍ଟିଂ ଗଡଓ୍ୱାଲ ଏଫ୍‌ସି ବିପକ୍ଷ ଏହାର ପ୍ରଥମ ମ୍ୟାଚ ଏକ ମାତ୍ର ଗୋଲରେ ଜିତିଥିଲା। ରବିବାର ମ୍ୟାଚ୍ ପାଇଁ ଦଳ ୬ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରିଥିଲା।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ